


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ...

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୧୧ ଅକ୍ଟୋବର ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 11 October 2026

Vol.No. 36 ■ No.267 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍‌ଶୀଘ୍ର ଆସୁଛି

ପୂଜାସଂଖ୍ୟା ସାଗରିକା





# ନିଜ ନିୟମ ନିଜେ ଭାଙ୍ଗିଲେ ଟ୍ରମ୍ପ: ଦେଶରେ ଡିଜେଲ ଅଭାବ ଦୂର କରିବାକୁ ଋଷ ସହ କଲେ ବଡ଼ ଡିଲ୍




ନୂଆଦିଲ୍ଲୀ,୧୦/୧୦ : ଦେଶରେ ବଢୁଥିବା ତେଲ ଦରକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ବଡ଼ ପଦକ୍ଷେପ ନେଇଛନ୍ତି। ଆମେରିକା ଋଷରୁ ଡିଜେଲ୍ କିଣିବା ଉପରେ ଥିବା କଟକଣାକୁ ୨୦୨୭ ମସିହା ଅପ୍ରେଲ୍ ୭ ତାରିଖ ଯାଏଁ ହଟାଇ ଦେଇଛି। କିନ୍ତୁ ଟ୍ରମ୍ପଙ୍କ ଏହି ନିଷ୍ପତ୍ତିକୁ ନେଇ ୟୁକ୍ରେନ ତୀବ୍ର ବିରୋଧ ପ୍ରକାଶ କରିଛି। ଇରାନ ସହ ଯୁଦ୍ଧ ଭିତରେ ଆମେରିକାରେ ଡିଜେଲ୍ ଦର ଆକାଶଛୁଆଁ ହୋଇଛି। ଆଗକୁ ଆମେରିକାରେ ମଧ୍ୟବର୍ତ୍ତିକାଳୀନ ନିର୍ବାଚନ ଥିବାରୁ ବଢୁଥିବା ତେଲ ଦର ଟ୍ରମ୍ପ ପ୍ରଶାସନ ପାଇଁ ଏକ ବଡ଼ ଚାଲେଞ୍ଜ ପାଲଟିଛି। ଏହି ସମସ୍ୟାର ସମାଧାନ ପାଇଁ ଟ୍ରମ୍ପ ପ୍ରଶାସନ ଋଷଠାରୁ ଡିଜେଲ୍ ଆମଦାନୀ କରିବାକୁ ନିଷ୍ପତ୍ତି ନେଇଛି। ଡୋନାଲ୍ଡ ଟ୍ରମ୍ପ ୟୁ-ଟର୍ଣ୍ଣ ନେଇ ଋଷ ସହିତ ଏହି ଡିଜେଲ ଡିଲ୍ କରିଛନ୍ତି। ଟ୍ରମ୍ପଙ୍କ କହିବା ଅନୁଯାୟୀ, ଆମେରିକାକୁ ଋଷ ତୁରନ୍ତ ୩ ଲକ୍ଷ ଟନ୍ ଡିଜେଲ୍ ପଠାଇବ। ଏହାପରେ ନଭେମ୍ବର ମାସରେ ୫ ଲକ୍ଷ ଟନ୍ ଏବଂ ପରବର୍ତ୍ତୀ ସମୟରେ ୧୦ ଲକ୍ଷ ଟନ୍ ଡିଜେଲ୍ ଯୋଗାଇ ଦିଆଯିବ। ଆଗକୁ ପରିସ୍ଥିତି ଭଲ ରହିଲେ ଏହା ୩୦ ଲକ୍ଷ ଟନ୍ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ଟ୍ରମ୍ପ ସ୍ପଷ୍ଟ କରିଛନ୍ତି ଯେ ଆମେରିକାର କୃଷକ, ପଶୁପାଳକ ଏବଂ ଟ୍ରକ ଚାଳକମାନଙ୍କୁ ମହଙ୍ଗା ମାଡ଼ରୁ ରକ୍ଷା କରିବା ତାଙ୍କର ପ୍ରଥମ ପ୍ରାଥମିକତା। ସେପଟେ ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କି ଏହି ଡିଲକୁ କଡ଼ା ଶବ୍ଦରେ ନିନ୍ଦା କରିଛନ୍ତି । ଜେଲେନସ୍କିଙ୍କ ମତରେ---ଏହି ଡିଲ୍ କାରଣରୁ ଋଷକୁ ପ୍ରଚୁର ଅର୍ଥ ମିଳିବ। ଯାହାକୁ ପୁଟିନ ୟୁକ୍ରେନ୍ ବିରୋଧରେ ଯୁଦ୍ଧରେ ବ୍ୟବହାର କରିବେ । ଶାନ୍ତି ଚୁକ୍ତି ବିନା ଋଷିଆ ଉପରୁ କଟକଣା ହଟାଇବା ଆମେରିକାର ଦୁର୍ବଳତାକୁ ଦର୍ଶାଉଛି। ଆମେରିକାର ନିର୍ବାଚନ ଏବଂ ବଢୁଥିବା ମହଙ୍ଗାକୁ ଦୃଷ୍ଟିରେ ରଖି ଟ୍ରମ୍ପ ଏହି କୂଟନୈତିକ ପଦକ୍ଷେପ ନେଇଥିଲେ ମଧ୍ୟ ଏହା ଆନ୍ତର୍ଜାତୀୟ ରାଜନୀତିରେ ଏକ ନୂଆ ବିବାଦ ସୃଷ୍ଟି କରିଛି। ତେବେ ଏହି ଚୁକ୍ତିକୁ ନେଇ ପ୍ରଶ୍ନ ମଧ୍ୟ ଉଠିଛି। ଗତ ମାସରେ ଟ୍ରମ୍ପ ଋଷିଆ ଏବଂ ଇରାନ ଉପରେ କଟକଣା ପାଇଁ କଡ଼ା ପଦକ୍ଷେପ ନେଇଥିଲେ। ଋଷିଆରୁ ତେଲ କିଣୁଥିବା ଶ୍ରେଷ୍ଠ ପାଞ୍ଚଟି ଦେଶ ଯଥା ଭାରତ, ଚୀନ୍, ଆଜରବୈଜାନ, ସ୍ଲୋଭାକିଆ ଏବଂ ହଙ୍ଗେରୀ ଉପରେ ଅଧିକ ଟାରିଫ ଲଗାଇଥିଲେ । ଏବେ ଏହି ନିୟମକୁ ନିଜେ ଭାଙ୍ଗି କିପରି ଋଷ ସହ ଡିଜେଲ ଡିଲ କଲେ ତାହାକୁ ନେଇ ସବୁଠି ଚର୍ଚ୍ଚା ।

# ବଙ୍ଗୋପସାଗରରେ ଲଘୁଚାପ: ଦଶହରା ଖୁସିରେ ପାଣି ଢାଳିବ କି ବର୍ଷା ?



ଭୁବନେଶ୍ୱର, ୧୦/୧୦ (ନି.ପ୍ର): ଯଦିଓ ଅକ୍ଟୋବର ଆସିଲେ ବାତ୍ୟା ଛନକା ପସିଥାଏ, ଚଳିତ ବର୍ଷ କିନ୍ତୁ ସେଭଳି ଆଶଙ୍କା କମ୍। କିନ୍ତୁ ୧୩ ତାରିଖ ବେଳକୁ ବଙ୍ଗୋପ ସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ଥାଇଲାଣ୍ଡ ଉପସାଗର ଓ ଏହାର ଆଖପାଖ ଅଂଚଳରେ ଏବେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଯାହାକି ଆସନ୍ତା ୧୧ ତାରିଖ ବେଳକୁ ଆଣ୍ଡାମାନ ସାଗରକୁ ଆସିପାରେ। ଏହାର ପ୍ରଭାବରେ ଆସନ୍ତା ୧୩ ତାରିଖ ବେଳକୁ ଦକ୍ଷିଣ-ପୂର୍ବ ବଙ୍ଗୋପ ସାଗରରେ ଏକ ଲଘୁଚାର କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ପରବର୍ତ୍ତୀ ସମୟରେ ଏହା ଅଧିକ ଘନୀଭୂତ ହୋଇ ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଉତ୍ତର ତାମିଲନାଡୁ ଏବଂ ଦକ୍ଷିଣ ଆନ୍ଧ୍ର ପ୍ରଦେଶ ଉପକୂଳ ଆଡକୁ ମୁହାଁଇପାରେ। ୧୯୯୯ ଅକ୍ଟୋବରରେ ମହାବାତ୍ୟା, ୨୦୧୩ ଅକ୍ଟୋବର ୧୧ରେ ଫାଇଲିନ୍, ୨୦୧୪ ଅକ୍ଟୋବର ୧୨ରେ ହୁଡହୁଡ୍, ୨୦୧୮ ଅକ୍ଟୋବର ୧୧ରେ ତିତିଲି ଓଡ଼ିଶାକୁ ଅନେକ କ୍ଷତି ପହଞ୍ଚାଇଛି। ତେବେ ସମ୍ଭାବ୍ୟ ଲଘୁଚାପ ଶକ୍ତିଶାଳୀ ହୋଇ କେଉଁ ରୂପ ନେବ, ଓଡ଼ିଶାରେ କେତେ ପ୍ରଭାବ ପଡ଼ିବ ସେ ନେଇ ସସପେନ୍ସ ଲାଗି ରହିଛି। ସେପଟେ ଆସନ୍ତାକାଲି ସକାଳ ୮ଟା ୩୦ ଯାଏଁ ଉପକୂଳ ଓ ଉତ୍ତର ଓଡ଼ିଶାର କିଛି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ହାଲକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି।

◆◆ପୃଷ୍ଠା ୭

# ମା’ ସମଲେଶ୍ୱରୀଙ୍କ ଦର୍ଶନ କଲେ ରାଜ୍ୟପାଳ

ସମ୍ବଲପୁର/ଭୁବନେଶ୍ୱର, ୧୦/୧୦ (ନି.ପ୍ର): ଓଡ଼ିଶାର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଏବଂ ରାଜ୍ୟର ପ୍ରଥମ ମହିଳା ଶ୍ରୀମତୀ ଜୟଶ୍ରୀ କମ୍ଭମପାଟି ଶନିବାର ଦିନ ମହାଳୟା ଅବସରରେ ସମ୍ବଲପୁରସ୍ଥିତ ମା’ ସମଲେଶ୍ୱରୀ ମନ୍ଦିର ପରିଦର୍ଶନ କରି ମା’ଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କରି ରାଜ୍ୟର ଜନସାଧାରଣଙ୍କ ସମୃଦ୍ଧି, ସୁଖ ଓ ମଙ୍ଗଳ କାମନା କରିଛନ୍ତି। ମହାଳୟା ଅବସରରେ ମା’ ସମଲେଶ୍ୱରୀଙ୍କୁ ପବିତ୍ର ଧବଳମୁଖୀ ବେଶରେ ସୁସଜ୍ଜିତ କରାଯାଇଥାଏ। ଏହି ବିଶେଷ ବେଶରେ ମା’ଙ୍କ ଦର୍ଶନ ପାଇଁ ମନ୍ଦିରକୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ।

# ଟ୍ରେନ ଆଗରେ ଶୋଇ ଷ୍ଟଣ୍ଟ କରୁଥିବା ବେଳେ କଟିଗଲେ ନାବାଳକ: ନାଗ ସାପ ସହ ରିଲ୍ସ କରୁଥିବା ବେଳେ ସର୍ପ ଦଂଶନରେ ଜଣେ ମୃତ

ଭୁବନେଶ୍ୱର, ୧୦/୧୦ (ନି.ପ୍ର): ରିଲ୍ସ ମାୟାରେ ଯୁବପୀଢ଼ି । ଭାଇରାଲ ରିଲ୍ସ ତିଆରି କରିବାରୁ ଭୂତ ଏମିତି ସବାର ହେଉଛି ଯେ ଜୀବନକୁ ବାଜିରେ ଲଗାଇ ଦେଉଛନ୍ତି। ସୋସିଆଲ ମିଡ଼ିଆରେ ଲାଇକ, ସେୟାର ପାଇଁ ଯୁବପୀଢ଼ି ଏକ ପ୍ରକାର ପାଗଳ। ବୌଦ୍ଧ ଓ ପୁରୀରୁ ଆସିଛି ରିଲ୍ସ ନିଶାର କରୁଣ ପରିଣତି ସଂପର୍କିତ ଖବର। ଦୁଃସାହସିକ ରିଲ୍ସ କରିବାକୁ ଯାଇ ଦୁଇ ଯୁବକଙ୍କ ଅକାଳ ବିୟୋଗ ଚାଞ୍ଚଲ୍ୟ ଖେଳାଇ ଦେଇଛି । ଚଳନ୍ତା ଟ୍ରେନ ତଳେ ବିପଦସଂକୁଳ ଷ୍ଟଣ୍ଟ କରି ସୋସିଆଲ ମିଡ଼ିଆରେ ରାତାରାତି ଭାଇରାଲ ହୋଇଥିଲେ ବୌଦ୍ଧ ତାଲୁପାଲିର ୧୬ ବର୍ଷ ବୟସ୍କ ରିଙ୍କୁ । ଏବେ ସେହି ରେଳ ଧାରଣାରୁ ଉଦ୍ଧାର ହୋଇଛି ତାଙ୍କ ଖଣ୍ଡବିଖଣ୍ଡିତ ମୃତଦେହ । ତାଲୁପାଲି ଗାଁ ନିକଟ ରେଳ ଧାରଣାରୁ ମୃତଦେହ ଉଦ୍ଧାର କରି କେମିତି ଅଘଟଣ ଘଟିଲା ତଦନ୍ତ କରୁଛି ବାଉଁଶୁଣି ଥାନା ପୁଲିସ ଓ ରେଳବାଇ ପୁଲିସ।

◆◆ପୃଷ୍ଠା ୭

# ଛାତ୍ର ସଂସଦ ନିର୍ବାଚନ ନେଇ ବିଭିନ୍ନ କଲେଜରେ ଉତ୍ତେଜନା: ପ୍ରାର୍ଥିପତ୍ର ଯାଂଚ ବେଳେ ନାମ କଟିଥିବାରୁ ଅଶାନ୍ତି



ଭୁବନେଶ୍ୱର, ୧୦/୧୦ (ନି.ପ୍ର): ଛାତ୍ର ସଂସଦ ନିର୍ବାଚନ ପାଇଁ ପ୍ରାର୍ଥୀ ତାଲିକା ଘୋଷଣା ପରେ ବଢ଼ିବାରେ ଲାଗିଛି ଉତେଜନା। ପ୍ରକାଶ ପାଇଥିବା ତାଲିକାରେ ନାଁ ନଥିବାରୁ ନାମାଙ୍କନ କରିଥିବା ବହୁ ପ୍ରାର୍ଥୀ ଓ ସେମାନଙ୍କ ସମର୍ଥକ ପ୍ରତିବାଦ କରିଛନ୍ତି। କଲେଜ କର୍ତ୍ତୃପକ୍ଷ ନିୟମ ଆଳରେ ନାଁ କାଟି ଦେଇଥିବା ଅଭିଯୋଗ କରିଛନ୍ତି। ଅନ୍ୟପଟେ ନିର୍ବାଚନରେ ଖର୍ଚ୍ଚକୁ ନେଇ ଥିବା କଟକଣାର କେମିତି ଧଜିଆ ଉଡ଼ିଛି ତାହା ସାମନାକୁ ଆସିଛି। ଛାତ୍ର ସଂସଦ ନିର୍ବାଚନ ପାଇଁ ତାଲିକା ପ୍ରକାଶ ପାଇବା ପରେ ରାଜ୍ୟର ଏକାଧିକ କଲେଜରେ ବଢ଼ିବାରେ ଲାଗିଛି ଅସନ୍ତୋଷ। ଯାଞ୍ଚ ସମୟରେ ୧୧୭୫ ଜଣ ପ୍ରାର୍ଥୀଙ୍କ ନାଁ କଟାଯାଇଥିବାରୁ ସୃଷ୍ଟି ହୋଇଛି ଉତେଜନା ମୂଳକ ପରିସ୍ଥିତି। ପ୍ରତିବାଦରେ ନାମାଙ୍କନ କରିଥିବା ପ୍ରାର୍ଥୀ ଓ ସେମାନଙ୍କ ସମର୍ଥକ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ରେଭେନ୍ସା ବିଶ୍ୱବିଦ୍ୟାଳୟରେ ନାମାଙ୍କନ ଦାଖଲ ଓ ଯାଂଚ ପ୍ରକ୍ରିୟାରେ

◆◆ପୃଷ୍ଠା ୭

# ଆଜି ମାଷ୍ଟର୍ କ୍ୟାଂଟିନଠାରେ ଇଣ୍ଡିଆ ମେଂଟର ବିକ୍ଷୋଭ

ଭୁବନେଶ୍ୱର , ୧୦/୧୦ (ନି.ପ୍ର): କଂଗ୍ରେସ ଦଳର ସର୍ବମାନ୍ୟ ନେତା ରାହୁଲ ଗାନ୍ଧିଙ୍କ ସମେତ ବରିଷ୍ଠ କଂଗ୍ରେସ ନେତାମାନଙ୍କୁ ଯେପରି ବଳପ୍ରୟୋଗ କରି ଶାନ୍ତିପୂର୍ଣ୍ଣ ଧାରଣାସ୍ଥଳରୁ ଉଠାଇନେବାକୁ ମୋଦୀ-ଶାହ ଇସାରା କରୁଛନ୍ତି, ତାହା କସ୍ମିନ କାଳେ ଗ୍ରହଣୀୟ ନୁହେଁ। ଜନସାଧାରଣ ଏହାର ଜବାବ ଦେବା ନିଶ୍ଚିତ ବୋଲି ଓଡ଼ିଶା ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ଏହାର ପ୍ରତିବାଦରେ ଆସନ୍ତାକାଲି (ରବିବାର) ମାଷ୍ଟର କ୍ୟାଂଟିନ୍ ଠାରେ ଇଣ୍ଡିଆ ମେଂଟ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ପିସିସି ସଭାପତି ସୂଚନା ଦେଇଛନ୍ତି। ଶ୍ରୀ ଦାସ ଆହୁରି କହିଛନ୍ତି, ୧୦ ଅକ୍ଟୋବର ଯନ୍ତରମନ୍ତରରେ ଧାରଣା ଦେବାପାଇଁ ଜେନ୍-ଜି ଗୋଷ୍ଠୀ ବହୁ ପୂର୍ବରୁ ଘୋଷଣା କରିଥିଲେ। ମୋଦୀ ସରକାର ଏହି ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ଯେଉଁଭଳି ହୀନ ପଦକ୍ଷେପମାନ ନେଲେ ତାହା ଅତ୍ୟନ୍ତ ନିନ୍ଦନୀୟ। ରାହୁଲ ଗାନ୍ଧି ଓ ଜେନ୍-ଜି ଉପରେ ପୁଲିସର ଅତ୍ୟାଚାରରୁ ସ୍ପଷ୍ଟ ଜଣାପଡୁଛି ଯେ ମୋଦୀ ସରକାର ଡରିଯାଇଛନ୍ତି। ଏକଛତ୍ରବାଦୀ ଶାସକମାନଙ୍କର ଚରିତ୍ର ହେଲା ସେମାନେ ଜନମତକୁ ଦବାଇବାକୁ ଚେଷ୍ଟା କରନ୍ତି।

◆◆ପୃଷ୍ଠା ୭

# ଜ୍ଞାନେଶଙ୍କୁ ହଟାଇବାକୁ ସାରା ଦେଶରେ ସିଜେପି ଓ ବାମ ଛାତ୍ର ସଂଗଠନର ହାଲ୍ଲା ବୋଲ: ଦିଲ୍ଲୀରେ ଅଣାୟତ ସ୍ଥିତି




ନୂଆଦିଲ୍ଲୀ,୧୦/୧୦ : ଦିନସାରା ଦିଲ୍ଲୀରେ ଚାଲିଲା ଜୋରଦାର ଛକାପଂଝା । ସିଜେପିର ଆନ୍ଦୋଳନ ରୋକିବାକୁ ସକାଳୁ ବ୍ୟାପକ ପ୍ରସ୍ତୁତି କରିଥିଲା ପୁଲିସ । ହେଲେ ନଛୋଡ଼ବନ୍ଧା ଜେନ୍-ଜି ଆନ୍ଦୋଳନକାରୀ । ଶେଷରେ କନ୍ନଟପ୍ଲେସରେ ଉପୁଜିଲା ମୁହାଁମୁହିଁ ସ୍ଥିତି । ଦୀପ୍‌କେଙ୍କ ସମେତ ସିଜେପିର ବହୁ ଛାମୁଆ ସଦସ୍ୟ ଏବଂ ୪ ହଜାରରୁ ଅଧିକ ଆନ୍ଦୋଳନକାରୀଙ୍କୁ ଅଟକ ରଖାଯାଇଛି। ଯନ୍ତରମନ୍ତରରୁ ମମତା, କେଜ୍ରିୱାଲ ଓ ବିଜୟନ୍‌ଙ୍କୁ ଉଠାଇ ନେଇଛି ପୁଲିସ୍। ଯେଉଁଠି ଦେଖିଲେ, ସେଇଠି ରୋକିଲେ । ଜନ୍ତରମନ୍ତର ୨.୦ ପାଇଁ ଦିଲ୍ଲୀରେ ଦିନ ତମାମ ଛକାପଂଝା । କେଉଁଠି ହଲ୍ଲାବୋଲ୍, କେଉଁଠି ହାଇଡ୍ରାମା । କକ୍ରୋଚ୍ ଜନତା ପାର୍ଟିର ଆନ୍ଦୋଳନ ଭଣ୍ଡୁର କରିବାକୁ ଆଜି ରାତି ପାହିବା ବେଳକୁ ଅଭେଦ୍ୟ ଗଡ଼ ପାଲଟିଥିଲା ଦିଲ୍ଲୀ । ଠାଏଁ ଠାଏଁ ପୁଲିସ ଛାଉଣି, ଛକ ଛକରେ ବ୍ଲକିଂ ଚେକିଂ । ୨୫ ହଜାରରୁ ଅଧିକ ସିଏପିଏଫ୍ ଓ ପାରାମିଲିଟାରି ଫୋର୍ସ ସହ ବ୍ୟାରିକେଡ୍, ସିସିଟିଭି ଓ ଡ୍ରୋନ୍ । (ଆଲଫା) ୪୫ ମେଟ୍ରୋ ଷ୍ଟେସନ୍ ବନ୍ଦ, ୨୫୦ରୁ ଅଧିକ ଟ୍ରେନ୍ ବାତିଲ, ଇଣ୍ଟରନେଟ୍ କଟକଣା ।

◆◆ପୃଷ୍ଠା ୭

# ଦିଲ୍ଲୀ-ୟୁପି ସୀମା ସିଲ୍: ଶହ ଶହ ଲୋକଙ୍କ ଉପରେ ନଜର

ନୂଆଦିଲ୍ଲୀ,୧୦/୧୦ : ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ କକରୋଚ୍ ଜନତା ପାର୍ଟି (ସିଜେପି) ପକ୍ଷରୁ ଆଜି ଦିଲ୍ଲୀର ଜନ୍ତର ମନ୍ତରରେ ପ୍ରସ୍ତାବିତ ବିରୋଧ ପ୍ରଦର୍ଶନକୁ ଦୃଷ୍ଟିରେ ରଖି ଗୌତମ ବୁଦ୍ଧ ନଗର ପୁଲିସ ସକାଳୁ ସତର୍କ ରହିଛି। ଦିଲ୍ଲୀ ଯାଉଥିବା ରାସ୍ତାଗୁଡ଼ିକରେ ନଜରଦାରି ବଢ଼ାଇ ଦିଆଯାଇଛି। ନୋଏଡାରୁ ଦିଲ୍ଲୀ ଯିବାକୁ ଥିବା ସମସ୍ତ ରାସ୍ତାରେ ବ୍ୟାରିକେଡ୍ ଲଗାଇ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି।

# ସତ ହେଲା ନୋବେଲ କମିଟିର ଆଶଙ୍କା: ଶାନ୍ତି ପୁରସ୍କାର ନପାଇବାରୁ ଟ୍ରମ୍ପ ଲଗାଇଲେ କଟକଣା

ନୂଆଦିଲ୍ଲୀ,୧୦/୧୦ : ଆନ୍ତର୍ଜାତୀୟ ଅପରାଧିକ କୋର୍ଟ ବା ଆଇସିସି ଉପରେ ଆମେରିକାର କଠୋର ପ୍ରତିବନ୍ଧକ । ଆଶ୍ଚର୍ଯ୍ୟର କଥା ହେଉଛି, ଭାରତୀୟ ବଂଶୋଭବ ତଥା ଆଇସିସିର ପୂର୍ବତନ ବିଚାରପତି ନବୀ ପିଲ୍ଲେଙ୍କୁ ନୋବେଲ ଶାନ୍ତି ପୁରସ୍କାର ମିଳିବାର ମାତ୍ର କିଛି ଘଣ୍ଟା ପରେ ଆମେରିକା ଏହି ପଦକ୍ଷେପ ନେଇଛି । ନୋବେଲ ଶାନ୍ତି ପୁରସ୍କାର ନମିଳିବାରୁ ପୁଣିଥରେ ଅସନ୍ତୋଷ ପ୍ରକାଶ କରିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ୨୦୨୬ର ଶାନ୍ତି ପୁରସ୍କାର ‘ନବୀ ପିଲ୍ଲେ’ଙ୍କୁ ମିଳିବା ପରେ ଟ୍ରମ୍ପ ଏହାକୁ ନେଇ କଡ଼ା ପ୍ରତିକ୍ରିୟା ରଖିଛନ୍ତି। ଏହି ନିଷ୍ପତ୍ତିକୁ ସେ ଅପମାନଜନକ ବୋଲି କହିଛନ୍ତି ଟ୍ରମ୍ପ । ଡୋନାଲ୍ଡ କହିଛନ୍ତି ଯେ, ଏହି ପୁରସ୍କାର ଜଣେ ଅଜଣା ବ୍ୟକ୍ତିଙ୍କୁ ଦିଆଯାଇଛି। ଯାହାଙ୍କୁ କେହି ଜାଣନ୍ତି ନାହିଁ। ନୋବେଲ୍ କମିଟି ଏପରି ପଦକ୍ଷେପ ନେଇ ନିଜ ଉପରେ ଏକ ଦାଗ ଲଗାଇଛି। ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ୮ଟି ଯୁଦ୍ଧ ରୋକିବା ସହ ୫ କୋଟି ଲୋକଙ୍କ ଜୀବନ ସେ ବଞ୍ଚାଇଛନ୍ତି, ତେଣୁ ନୋବେଲ୍ ଶାନ୍ତି ପୁରସ୍କାରର ଅସଲ ହକ୍‌ଦାର ସେ ନିଜେ । କେବଳ ବୟାନବାଜୀରେ ସୀମିତ ରହିନି ଟ୍ରମ୍ପଙ୍କ ରାଗ ବଂର ବଡ଼ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରିଛନ୍ତି। ଆନ୍ତର୍ଜାତିକ ଅପରାଧିକ କୋର୍ଟ ବା ଆଇସିସି ଉପରେ କଠୋର ପ୍ରତିବନ୍ଧକ ଲଗାଇଛନ୍ତି ଆମେରିକା ରାଷ୍ଟ୍ରପତି। ଭାରତୀୟ ବଂଶୋଭବ ତଥା ଆଇସିସି ପୂର୍ବତନ ବିଚାରପତି ନବୀ ପିଲ୍ଲେଙ୍କୁ

◆◆ପୃଷ୍ଠା ୭


# ସାଗରିକା




ଶାରଦୀୟ ବିଶେଷାଙ୍କ ଉନ୍ମୋଚନ ପର୍ବ ଓ ସାରସ୍ୱତ ସମାରୋହ- ୨୦୨୬

ମହାଶୟ/ ମହାଶୟା;

ସାହିତ୍ୟ ସଂସ୍କୃତି ପତ୍ରିକା ‘ସାଗରିକା’ର ଶାରଦୀୟ ବିଶେଷାଙ୍କର ଉନ୍ମୋଚନ ଉତ୍ସବ ତଥା ସାରସ୍ୱତ ସମାରୋହ ଷ୍ଟେସନ କ୍ଲବ (ଦୁର୍ଗା ମେଡିସିନ୍ ଷ୍ଟୋର ପାଖ) ସଭାଗୃହରେ ତା ୧୭.୧୦.୨୦୨୬ ଶନିବାର ସଂଧ୍ୟା ୬ ଘଟିକା ସମୟରେ ଅନୁଷ୍ଠିତ ହେବ।

ଆପଣ ଏହି ଶାରଦୀୟ ବିଶେଷାଙ୍କ ଉନ୍ମୋଚନ ସଭାରେ ଯୋଗଦେଇ ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିବାକୁ ଆମର ବିନମ୍ର ଅନୁରୋଧ।

ଆପଣଙ୍କ ଅପେକ୍ଷାରେ....

ସୃଷ୍ଟିଧର ପରିଡ଼ା

ମୁଖ୍ୟ ସମ୍ପାଦକ: ସାଗରିକା/ ଧ୍ୱନି ପ୍ରତିଧ୍ୱନି ବାଲେଶ୍ୱର

# ବାଲିଚୋରି କରିବାକୁ ଯାଉଥିବାବେଳେ ଅଘଟଣ: ଟ୍ରାକ୍ଟର ଓଲଟି ଜଣେ ମୃତ, ୨ ଗୁରୁତର

ନୀଳଗିରି, ୧୦/୧୦ (ନି.ପ୍ର): ରାତିରେ ବାଲିଚୋରି କରିବାକୁ ଯାଉଥିବାବେଳେ ଟ୍ରାକ୍ଟର ଓଲଟି ଜଣକର ମୃତ୍ୟୁ ହୋଇଥିବବେଳେ ୨ଜଣ ଗୁରୁତର ହୋଇଥିବା ଜଣାଯାଇଛି। ନୀଳଗିରି ଥାନା ସୋନନଦୀର ପୁନ୍ଦାଳ ଘାଟରୁ ଚୋରାରେ ବାଲିଚାଲାଣ ପାଇଁ ଯାଉଥିବାବେଳେ ଟ୍ରାକ୍ଟର ଓଲଟିପଡ଼ିବାରୁ ଏଭଳି ଅଭାବନୀୟ ଘଟଣା ଘଟିଛି। ସ୍ଥାନୀୟ ପ୍ରଶାସନର ଅପାରଗତା ଯୋଗୁଁ ଏଭଳି ଅଘଟଣ ଘଟିଛି ବୋଲି ସ୍ଥାନୀୟଅଞ୍ଚଳରେ ଚର୍ଚ୍ଚାଚାଲିଛି। ସୂଚନା ଅନୁସାରେ ନୀଳଗିରି ବ୍ଲକ ରାଧାକିଶୋରପୁର ପଞ୍ଚାୟତ ସଂଗ୍ରାମପୁର ଗାଁର ରଞ୍ଜିତ କୁମାର ସିଂ (୧୯) ନାମକ ଶ୍ରମିକ ଅନ୍ୟକିଛି ଶ୍ରମିକମାନଙ୍କ ସହିତ ଶୁକ୍ରବାର ରାତ୍ରିପ୍ରାୟ ୨ଘଟିକା ସମୟରେ ଏକ ଟ୍ରାକ୍ଟରରେ ବସି ସୋନନଦୀ ପୁନ୍ଦାଳଘାଟକୁ ବାଲି ଲୋଡ କରିବାକୁ ଯାଉଥିବାବେଳେ ଡ୍ରାଇଭରର ବେପରୁଆ ଚାଳନା ଓ ଅଧିକଟ୍ରିପ୍ କରିବାର ନିଶାଯୋଗୁଁ ଦୃତଗତିରେ ଯାଉଥିବାବେଳେ ଭାରସାମ୍ୟ ହରାଇ ଟ୍ରାକ୍ଟରଟି ଓଲଟି ପଡ଼ିଥିଲା। ଟ୍ରାକ୍ଟର ତଳେ ଚାପିହୋଇ ରଞ୍ଜିତଙ୍କର ମୃତ୍ୟୁଘଟିଥିବା ବେଳେ ଅନ୍ୟ ଦୁଇଜଣ ଗୁରୁତର ହୋଇଥିଲେ। ସ୍ଥାନୀୟଲୋକେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ରେମୁଣା ମେଡିକାଲକୁ ୧୦୮ ଆମ୍ବୁଲାନ୍ସରେ ଆଣିଥିବା ବେଳେ ଡ଼ାକ୍ତର ରଞ୍ଜିତକୁ ମୃତଘୋଷଣା କରିଥିଲେ। ତେବେ ଟ୍ରାକ୍ଟର ଓଲଟିଥିବା ଘଟଣାସ୍ଥଳରୁ ଟ୍ରାକ୍ଟରମାଲିକ ଚଞ୍ଚକତାକରି ଟ୍ରାକ୍ଟର ଡଲାଟିକୁ ଛାଡିଦେଇ ଟ୍ରାକ୍ଟର ଡ୍ରାଇଭର ଓ ଟ୍ରାକ୍ଟର ଇଞ୍ଜିନକୁ ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଟ୍ରାକ୍ଟର ଓଲଟିଥିବା ଖବରପାଇ ଅଯୋଧ୍ୟା ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ବେଳେ ପୋଲିସ ଟ୍ରାକ୍ଟର ଡଲାଟିକୁ ଜବଦ କରିଥିଲା।

# ଉଦଳା ରୋଟାରୀ କ୍ଲବର 'ନେସନ ବିଲଡ଼ର୍ସ ଆୱାର୍ଡ଼' ପ୍ରଦାନ ଉତ୍ସବ

ଉଦଳା , ୧୦/୧୦ (ନି.ପ୍ର): ପ୍ରତିବର୍ଷ ପରି ଚଳିତ ବର୍ଷ ଉଦଳା ରୋଟାରୀ କ୍ଲବ ତରଫରୁ 'ନେସନ ବିଲଡ଼ର୍ସ ଆୱାର୍ଡ଼' ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା ପ୍ରଦାନର ପର୍ବ ଅନୁଷ୍ଠିତ ହୋଇଥିଲା । ଉଦଳାରେ ଥିବା ପାରାମେଡ଼ିକାଲ ଇଷ୍ଟିଚ୍ୟୁଟ ପରିସରରେ ଉତ୍ସବ ଆୟୋଜିତ ହୋଇଥିବା ବେଳେ କ୍ଲବର ସଭାପତି ଅଜୟ କୁମାର ବେହେରା ଅଧ୍ୟକ୍ଷତା କରି ବିଗତ ବର୍ଷ ମାନଙ୍କରେ ଏହି ଉତ୍ସବ କିଭଳି ଢ଼ଙ୍ଗରେ ପାଳନ କରାଯାଉଥିଲା ଏହାର ଏକ ଚିତ୍ର ଉପସ୍ଥାପନ କରିଥିଲେ । କ୍ଲବର ସଂପାଦିକା ରାଜଲକ୍ଷ୍ମୀ ମହାନ୍ତି ଦେଶଗଠନରେ ଶିକ୍ଷକ ଶିକ୍ଷୟିତ୍ରି ମାନଙ୍କର ଅବଦାନକୁ ମନେପକାଇବା ସହ କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରିବା ଉଦେଶ୍ୟରେ ପ୍ରତିବର୍ଷ ଏହି ଆୱାର୍ଡ଼ ପ୍ରଦାନ କରାଯାଉଛି ବୋଲି ବକ୍ତବ୍ୟରେ କହିଥିଲେ । ଅବସରପ୍ରାପ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ଦିଲିପ କୁମାର ଦୀକ୍ଷିତ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରି ଭାରତର ଦର୍ଶନରେ ଗୁରୁଙ୍କୁ ଯୁଗେଯୁଗେ ଉଚ୍ଚ ଆସନ ଦିଆଯାଇଛି ବୋଲି ବକ୍ତବ୍ୟରେ କହିଥିଲେ । ଅବସରପ୍ରାପ୍ତ ମହାବିଦ୍ୟାଳୟର ପ୍ରାଧାପକ ଡ଼. ଶ୍ୟାମସୁନ୍ଦର ପଣ୍ଡା




ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ଆଚରଣ ଛାତ୍ର ଛାତ୍ରୀ ମାନଙ୍କୁ ବହୁଳ ଭାବରେ ପ୍ରଭାବିତ କରିଥାଏ, ତେଣୁ ଶିକ୍ଷକ ଶିକ୍ଷୟିତ୍ରି ମାନଙ୍କର ଦିନଚର୍ଯ୍ୟା ସେହିଭଳି ପରିମାର୍ଜିତ ହେବା ଆବଶ୍ୟକ ବୋଲି ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅଶୋକ କୁମାର ମହାନ୍ତି, ବ୍ରହ୍ମାନନ୍ଦ ନାୟକ, ଇଂ. ସୁବାଷ ଚନ୍ଦ୍ର ପଣ୍ଡା, ପ୍ରହ୍ଲାଦ ଦାସ, ପୂର୍ଣ୍ଣଚନ୍ଦ୍ର ସାହୁ, ଚିତରଂଜନ ବାରିକ, ଦୀପକ ଦାସ, ଦୁଳମଣି ପୁହାଣ ଓ ଅଂଜଳି ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଦେଶଗଠନରେ ଶିକ୍ଷକ ଶିକ୍ଷୟିତ୍ରିଙ୍କ ଭୂମିକାକୁ କେବେ ଭୁଲିହେବ ନାହିଁ ବୋଲି ବ୍ୟକ୍ତ କରିଥିଲେ । ଏହାପରେ କପ୍ତିପଦା ଉପଖଣ୍ଡର ବିଭିନ୍ନ ସ୍ଥାନରେ କାର୍ଯ୍ୟରତ ୧୪ଜଣ ଶିକ୍ଷକ ଶିକ୍ଷୟିତ୍ରି ଯଥା- ନରେଶ ଚନ୍ଦ୍ର ବେହେରା, ଶୁଭଦ୍ରା ରାଉତ, ବୃନ୍ଦାବନ ପୃଷ୍ଟି, ଅରବିନନ୍ଦ ବେଜ, ଭାଗବତ ସେନାପତି, ପ୍ରମିଳା ମହାନ୍ତି, ସିଂରାୟ ମୁର୍ମୁ, ସୁନିତା ପଟନାୟକ, ଗୋବିନ୍ଦ ବହ୍ଲବ ଜେନା, କଳ୍ପତରୁ କଟୁଆଳ, ଜୟନ୍ତ କୁମାର ଝାଟିଆ, ମନୋରଂଜନ ବେହେରା, ସଂଜୟ କୁମାର ଦେ ପ୍ରମୁଖଙ୍କୁ ମାନପତ୍ର, ଉତରୀୟ ଓ ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ 'ନେସନ ବିଲ୍ଡର୍ସ ଆୱାର୍ଡ଼' ପ୍ରଦାନ କରାଯାଇଥିଲା । ଏହାପରେ ଇ. ସୁବାଷ ଚନ୍ଦ୍ର ପଣ୍ଡା ଆସନ୍ତା ନଭେମ୍ବର ୧୫ ତାରିଖ ଦିନ ଉଦଳାରେ ହେବାକୁ ଥିବା କ୍ୟାନସର ସଚେତନତା, ସ୍କ୍ରିନିଂ ଓ ପ୍ରତିରୋଧ ସମ୍ପର୍କିତ କାର୍ଯ୍ୟକ୍ରମର ସୂଚନା ପ୍ରଦାନ କରିଥିଲେ। ଶେଷରେ ରୋଟାରିଆନ ସୁଦର୍ଶନ ପ୍ରଧାନ ଧନ୍ୟବାଦ ଅର୍ପଣ ପୂର୍ବକ କାର୍ଯ୍ୟକ୍ରମର ଯବନିକା ପକାଇଥିଲେ।

# ଭୂମିଜ ଭାଷା ଦିବସ ପାଳିତ ଓ ଚୁଆଳ ବିଦ୍ରୋହର ସହିଦ ରାଣୀ ଶିରୋମଣି ସିଂଙ୍କର ପ୍ରତିମୂର୍ତ୍ତି ଉନ୍ମୋଚିତ

ବାରିପଦା, ୧୦/୧୦ (ନି.ପ୍ର): ଶୁଳିଆପଦା ବ୍ଲକ ଅନ୍ତର୍ଗତ ଜୁଲୁକ ସ୍କୁଲ ପଡିଆରେ ୭ମ ବାର୍ଷିକ ଭୂମିଜ ଭାଷା ଦିବସ, ଭାରତୀୟ ଆଦିବାସୀ ଭୂମିଜ ସମାଜ ଓଡ଼ିଶା ଓ ରାଣୀ ଶିରୋମଣି ଯୁବକ ସଂଘ ମିଳିତ ଆନୁକୁଲ୍ୟରେ ପାଳିତ ହୋଇଯାଇଛି। ଏହି ଅବସରରେ ଜୁଲୁକ ଛକରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା.କୃଷ ଚନ୍ଦ୍ର ମହାପାତ୍ରଙ୍କ କର କମଳରେ ଭୂମିଜ ବିଦ୍ରୋହ (ଚୁଆଳ ବିଦ୍ରୋହ) ର ସହିଦ ରାଣୀ ଶିରୋମଣି ସିଂ ଙ୍କର ଏକ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେପି ରାଜ୍ୟ ଆଦିବାସୀ ସେଲ ସଭାପତି କାନ୍ଦାରା ସରେନ ମଧ୍ୟ ଉପସ୍ଥିତ ଥିଲେ। ଆୟୋଜିତ ସଭାରେ ମନ୍ତ୍ରୀ ଭୂମିଜ ମାନଙ୍କର ମୁଖ୍ୟ ଦାବି, ମୁଣ୍ଡାରୀ ଭାଷାକୁ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ସାମିଲ କରିବା ପାଇଁ ବିହିତ ବ୍ୟବସ୍ଥା ଗ୍ରହଣ କରିବେ ବୋଲି ପ୍ରତିଶୃତି ଦେଇଥିଲେ। ଏହି ଅବସର ରେ ଭୂମିଜ ଭାଷାର ପୁସ୍ତକ ଉରୁମ ର ଅତିଥି ମାନେ ଉନ୍ମୋଚନ କରିଥିଲେ। ଏହି ଅବସରରେ ଭୂମିଜ ସମାଜର ଭାଷା ଓ ସାହିତ୍ୟ କୁ ଆଗେଇ ନେବାରେ ସାରଥୀ ସାଜିଥିବା ଲେଖକ, ସାହିତ୍ୟିକ, ୟୁଟ୍ୟୁବର ଗାୟକ, ସମାଜ ସେବୀ, ମାନତାନ ପାଇକ ସିଂ, ସନିଆ ସିଂ, ସୁଜାତା ସିଂ, ମଙ୍ଗୁ ସିଂ, ମହେନ୍ଦ୍ର ସିଂ, ଜଗନ୍ନାଥ ସିଂ ମିନତି ସିଂ ଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଭୂମିଜ ସମାଜର ସଫଳ ଛାତ୍ର ଛାତ୍ରୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ସକାଳୁ ଭୂମିଜ ପାରମ୍ପରିକ ରୀତିନୀତି ଅନୁଯାୟୀ ବିଦ ଦିରି ପତାକା ଉତ୍ତୋଳନ, ପିଲାମାନଙ୍କ ମଧ୍ୟରେ ଭୂମିଜ ନାଚ, ଗୀତ ପାରମ୍ପରିକ ବେଶଭୂଷା ପ୍ରତିଯୋଗିତା, ଭୂମିଜ ଆଳାଙ୍ଗ କଟା ଓ ଭୂମିଜ ପାରମ୍ପରିକ ଖାଦ୍ୟ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ରେ ଦଳିତ ଆଦିବାସୀ ମିଳିତ ମଞ୍ଚର ସଭାପତି ତଥା ରାଜନେତା ରାକେଶ ସିଂ, ରାଜକୁମାର ସିଂ, ମହେଶ୍ୱର ସିଂ ,କାଳିଚରଣ ସିଂ ଖଗେନ୍ଦ୍ର ସିଂ ,ଶିବ ସିଂ, ଅଜୟ ସିଂ, ଗୁରୁଭା ସିଂ, ମୁକ୍ତେଶ୍ୱରୀ ସିଂ, ଗୁପ୍ତେଶ୍ୱର ସିଂ, ମାନସୀ ସିଂ, ତପନ କୁମାର ସିଂ, ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଝାଡ଼ଖଣ୍ଡ, ପଶ୍ଚିମ ବଙ୍ଗ, ଓଡିଶାରୁ ସାମିଲ ହୋଇଥିଲେ । ରାଣୀ ଶିରୋମଣି ଯୁବକ ସଂଘର କର୍ମକର୍ତ୍ତା। ଅଭିମନ୍ୟୁ ବିଶାଲ ସଂଜୟ ରାଜ କୁମାର ବାପି ତପି ଲୁସକୁ, ମିନତି, ଜୟନ୍ତୀ, ମଙ୍ଗୁଳି ବର୍ଷା, ରଶ୍ମିତା ପ୍ରମୁଖ ସଦସ୍ୟ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




# ବିଭିନ୍ନ ମହାବିଦ୍ୟାଳୟରେ ଶାନ୍ତି ଶୃଙ୍ଖଳା ସହିତ ନାମାଙ୍କନ ପତ୍ର ଦାଖଲ



ବସ୍ତା , ୧୦/୧୦ (ନି.ପ୍ର): ଆସନ୍ତା ୧୫ତାରିଖରେ ସମଗ୍ର ଓଡିଶାରେ ହେବାକୁ ଯାଉଥିବା ବେଳେ ଶୁକ୍ରବାର ସଭାପତି ଏବଂ ସମ୍ପାଦକ ପଦ ଲାଗି ନାମାଙ୍କନ ପତ୍ର ଦାଖଲ କରିଛନ୍ତି ପାର୍ଥୀ ମାନେ ସିଦ୍ଧେଶ୍ୱର ଡିଗ୍ରୀ ମହାବିଦ୍ୟାଳୟ ଏ ଭି ଭିପି ପକ୍ଷରୁ ସଭାପତି ଭାବେ ନିର୍ଦ୍ଦୋଷମିତା ଚାନ୍ଦ,ସାଧାରଣ ସମ୍ପାଦକ ଚନ୍ଦ୍ରକାନ୍ତ ପ୍ରଧାନ,ବିଜୁ ଛାତ୍ର ଜନତା ପକ୍ଷରୁ ସଭାପତି ଭାବେ ପ୍ରସନ ସିଂ,ସାଧାରଣ ସମ୍ପାଦକ ଭାବେ ଚିନ୍ମୟ କୁମାର ବେହେରା ଭବେ ନାମାଙ୍କନ ଦାଖଲ କରିଥିଲେ, ସେହିପରି ଛାତ୍ର କଂଗ୍ରେସ ନିର୍ବାଚନରେ ଭାଗ ନେଇ ନାହାଁନ୍ତି। ସେହିପରି ସଦର ବ୍ଲକ ଅନ୍ତର୍ଗତ ରୂପସା ନୀଳମଣି ମହାବିଦ୍ୟାଳୟରେ ତିନଟି ଦଳ ବିଶାଳ ପଟୁଆରରେ ଆସି ନିଜର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ବିସିଜେଡି ପକ୍ଷରୁ ସଭାପତି ଭାବେ ବିଷ୍ଣୁପ୍ରିୟା ଦାସ ଓ ସାଧାରଣ ସମ୍ପାଦକ ଭାବେ ଜୀବନ ରାଉତ। ଏଭିବିପି ପକ୍ଷରୁ ସଭାପତି ଭାବେ ଶିବଶଙ୍କର ବାରିକ, ସାଧାରଣ ସମ୍ପାଦକ ଭାବେ ରଞ୍ଜନ ସେଠୀ ଓ ଏନ ଏସ ୟୁ ଆଇ ପକ୍ଷରୁ ସଭାପତି ଜୟଶ୍ରୀ ସାହୁ ,ସାଧାରଣ ସମ୍ପାଦକ ଭାବେ ସରୋଜ ମାଇତି ନିର୍ବାଚନରେ ପାର୍ଥୀପତ୍ର ଦାଖଲ କରିଥିବା ବେଳେ ଅନ୍ୟ ପ୍ରାର୍ଥୀ ମାନେ ବିଭିନ୍ନ ପଦ ପଦବୀରେ ପାର୍ଥୀ ମାନେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।ପରେ କଲେଜ କର୍ତୃପକ୍ଷଙ୍କ ଦ୍ୱାରା ନୋଟିସ ଦ୍ୱାରା ପାର୍ଥି ମାନଙ୍କ ନାମ ପ୍ରକାଶ କରାଯାଇଥିଲା।ତେବେ କ୍ୟାମ୍ପାସ ସମସ୍ୟା,ଛାତ୍ର ଅଧିକାର ଓ ଗୁଣାତ୍ମକ ଶିକ୍ଷାର ବିକାଶକୁ ପ୍ରସଙ୍ଗ କରି ମୈଦାନକୁ ଓହ୍ଲାହି ଥିବା ବେଳେ ଶେଷରେ ବାଜି କିଏ ମାରିବ କ୍ୟାମ୍ପାସ ଠାରୁ ଗ୍ରାମ ଗ୍ରାମରେ ଚର୍ଚ୍ଚା ଜୋର ଧରିଛି। ତେବେ ଶାନ୍ତି ଶୃଙ୍ଖଳା ସହ ନାମାଙ୍କନ କରିବା ପାଇଁ ବସ୍ତା ଓ ରୂପସା ଥାନା ଅଧିକାରୀ ଦାୟିତ୍ୱରେ ଥିବା ରଣଜିତ ସାହୁ,ଏ ଏସ ଆଇ ଧୃତରାଷ୍ଟ୍ର ମଲ୍ଲିକ,ବିକାସ ସେଠୀ, ସେହିପରି ଅମର୍ଦାରୋଡ ଏସ ଆଇ ବାରିକ ସଦଳବଳେ ଉପସ୍ଥିତ ରହି ଥିଲେ।

## ବେଆଇନ ଖଣି ଉପରେ ପୁଲିସର ଚଢ଼ାଉ: ୭ ଜେସିବି ସହ ୫ ମୋରମ ବୋଝେଇ ହାଇଓ୍ୱା ଜବତ

ଖୋର୍ଦ୍ଧା, ୧୦/୧୦ (ନି.ପ୍ର): ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅଧୀନରେ ଚାଲିଥିବା ବେଆଇନ ଖଣି ଉପରେ ଥାନା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ପୁଲିସ ପକ୍ଷରୁ ବଡ଼ଧରଣର ଚଢ଼ାଉ କରାଯାଇଛି। ଏହି ଚଢ଼ାଉ ସମୟରେ ୭ଟି ଜେସିବି ମେସିନ୍ ଏବଂ ୫ଟି ମୋରମ ବୋଝେଇ ହାଇଓ୍ୱା ଜବତ କରାଯାଇଥିବା ସୂଚନା ମିଳିଛି। ବେଆଇନ ଖଣି ଖନନ ଉପରେ ରୋକ୍ ଲଗାଇବା ଉଦ୍ଦେଶ୍ୟରେ ପୁଲିସର ଏହି କାର୍ଯ୍ୟାନୁଷ୍ଠାନକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।

# ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ପେନସନ ଭୋଗୀଙ୍କ ବାର୍ଷିକ ସାଧାରଣ ବୈଠକ

ବାରିପଦା , ୧୦/୧୦ (ନି.ପ୍ର): ସ୍ଥାନୀୟ ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ପେନସନଭୋଗୀଙ୍କ ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି ଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଞ୍ଚଳିକ ପ୍ରବନ୍ଧକ ସୁଭାଶିଷ ମିଶ୍ର ଏହି କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ ଓ ଏହି ବୈଠକରେ ପେନସନ ଭୋଗୀଙ୍କ ଅବସରକାଳୀନ ସୁବିଧା ସୁଯୋଗ, ସ୍ୱାସ୍ଥ୍ୟ ପରୀକ୍ଷା ଓ ବୀମା ଆଦି ବିଭିନ୍ନ ସମସ୍ୟା ଓ ତାର ସମାଧାନ ଉପରେ ଆଲୋଚନା ହୋଇଥିଲା ଓ ଅତିଥି ଭାବେ ଯୋଗଦେଇ ବାଲେଶ୍ୱର ଜୋନାଲ ସଭାପତି ହରେକୃଷ୍ଣ ପାତ୍ର, ସମ୍ପାଦକ ଗଣେଶ ଚନ୍ଦ୍ର ଜେନା, ଆଞ୍ଚଳିକ ସମ୍ପାଦକ (ବାଲେଶ୍ୱର) ଗୌରାଙ୍ଗ ମଲ୍ଲିକ, ଆଞ୍ଚଳିକ ସମ୍ପାଦକ (ମୟୁରଭଞ୍ଜ) ଅଶୋକ ପଟ୍ଟନାୟକ, ଜିଲ୍ଲା ସମ୍ପାଦକ ଚନ୍ଦ୍ର ମୋହନ ମୁର୍ମୁ ସମସ୍ୟା ଗୁଡିକର ସମାଧାନ ଦିଗରେ ଉଚିତ ପଦକ୍ଷେପ ନେବା ଉପରେ ନିଜନିଜର ମତ ପୋଷଣ କରିଥିଲେ ଓ ଏହି ଅବସରରେ ୭୫ ବର୍ଷରୁ ଉର୍ଦ୍ଧ ଜଗଦାନନ୍ଦ ଶଙ୍ଖୁଆ, ରାଧାକୃଷ୍ଣ ବାରିକ, ରଣଜିତ ପାଢ଼ୀ, ରାମଚନ୍ଦ୍ର ଗିରି, ଭୀମସେନ ଦାସ, ସଦାନନ୍ଦ ଜେନା, ସୁଶୀଲ ଚନ୍ଦ୍ର ଦାସ ଓ ଈଶ୍ୱର ଚନ୍ଦ୍ର ଟୁଡୁ ଙ୍କ ସମେତ ମୋଟ ୮ଜଣ ପେନସନଭୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଓ ମୁଖ୍ୟ ପରିଚାଳକ ସମୀର ସାହୁଙ୍କ ନେତୃତ୍ୱରେ କର୍ମଚାରୀ ଦୁଷ୍ମନ୍ତ ସିଂ, ବିଶ୍ୱଜିତ ରାୟ, ରାମଚନ୍ଦ୍ର ମୁର୍ମୁ ଓ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ଓ ଗ୍ଲୋରୀ ଟୁଡୁ ମଞ୍ଚ ପରିଚାଳନା କରିଥିବା ବେଳେ ଚନ୍ଦ୍ରମୁଖୀ ହେମ୍ବ୍ରମ ଧନ୍ୟବାଦ ଅର୍ପଣ କରିଥିଲେ ଓ ମାନବ ସମ୍ବଳ ଅଧିକାରୀ ସଞ୍ଜୟ କୁମାର ନାୟକ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।




# ନୀଳ ସରସ୍ୱତୀ ହେଲ୍ପ ଲାଇନ୍ ଦ୍ୱାରା ଆଉ ଏକ ପ୍ରୟାସ: ଗୋମାତାଙ୍କ ପାଇଁ ଖାଦ୍ୟର ବ୍ୟବସ୍ଥା



ଭଦ୍ରକ , ୧୦/୧୦ (ନି.ପ୍ର): ଭଦ୍ରକ ସହରର ନୀଳ ସରସ୍ୱତୀ ହେଲ୍ପ ଲାଇନ୍ ସାମାଜିକ ସଂଗଠନ ଦୀର୍ଘ ୯ ବର୍ଷ ଧରି ପ୍ରତେକ ସୋମବାର ଦିନ ରାସ୍ତା କଡରେ ଥିବା ଅସହାୟ ଏବଂ ଦିବ୍ୟାଙ୍ଗ ମାନଙ୍କୁ ଦେଉଥିଲେ ଯାହାର ନାମ ଦିଆ ହୋଇଛି । ଆଉ ଏକ ପ୍ରୟାଶ ଗୋମାତାଙ୍କ ପାଇଁ କରିଛନ୍ତି ଯାହାକି ରାସ୍ତା କଡରେ ଶୋଇଥିବା ଗୋମାତାଙ୍କ ପାଇଁ ଖାଦ୍ୟର ବ୍ୟବସ୍ଥା ହୋଇଛି କ୍ଷନିଜର ସ୍ୱାର୍ଥ ଛାଡି ଅନ୍ୟର ଉପକାର କରିବା ହିଁ ପ୍ରକୃତ ସମାଜ ସେବା। 'ଜୀବ ସେବା ହିଁ ମାଧବ ସେବା' ଅର୍ଥାତ୍ ମନୁଷ୍ୟ ଓ ଗୋମାତା ସେବା କରିବା ଭଗବାନଙ୍କୁ ପୂଜା କରିବା ସହିତ ସମାନ ବୋଲି ସଂଗଠନ ତରଫରୁ କୁହାଯାଇଛି କ୍ଷସଂଗଠନ ତରଫରୁ ମୋହିତ ରାଉଳ,ଅନିତା ରାୟ,ସୀମା ରାଣୀ ରାଉତ ,ସନ୍ତୋଷ ବେହେରା,କେଶର ବେହେରା ପ୍ରମୁଖ କର୍ମ କର୍ତ୍ତା ମାନେ ଯୋଗଦେଇ ଥିଲେ କ୍ଷବୁଲା ଗୋରୁଙ୍କୁ ରାତିରେ ଖାଦ୍ୟ ପ୍ରଦାନ କରି ମହାନତା ଦେଖାଇଛନ୍ତି ଏହି ସାମାଜିକ ସଂଗଠନ।

## ସମ୍ବଲପୁର ଜିଲ୍ଲାରେ ଶିଳ୍ପାନୁଷ୍ଠାନଗୁଡ଼ିକର ସିଏସଆର୍ ଓ ପାରିପାର୍ଶ୍ୱିକ ବିକାଶ କାର୍ଯ୍ୟକ୍ରମ ସମୀକ୍ଷା

# ଶିଳ୍ପାଞ୍ଚଳ ଗୁଡ଼ିକରେ ନିଜସ୍ୱ ପାର୍କିଂ ଓ ଆଲୋକୀକରଣ ସହ ପ୍ରଦୂଷଣ ନିୟନ୍ତ୍ରଣ ପ୍ରତି ଦୃଷ୍ଟି ଦିଆଯିବ: ଧର୍ମେନ୍ଦ୍ର ପ୍ରଧାନ

ସମ୍ବଲପୁର, ୧୦/୧୦ (ନି.ପ୍ର): ସମ୍ବଲପୁର ଜିଲ୍ଲାର ବିଭିନ୍ନ ଶିଳ୍ପାନୁଷ୍ଠାନ ଓ ଖଣିଗୁଡ଼ିକର କାର୍ଯ୍ୟକାରିତା ଏବଂ ସେମାନଙ୍କର ଇଣ୍ଡଷ୍ଟ୍ରିଆଲ୍ ଓ ମାଇନିଂ ଆକ୍ଟିଭିଟିଜ୍ ?କୁ ନେଇ ଶନିବାର ସମ୍ବଲପୁର ସାଂସଦ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି ।

ବୈଠକରେ ବିଭିନ୍ନ କମ୍ପାନୀଗୁଡ଼ିକ ପକ୍ଷରୁ ସେମାନଙ୍କର ବାର୍ଷିକ ସି.ଏସ୍.ଆର. ପାଣ୍ଠିର ହିସାବ ଏବଂ ପାରିପାର୍ଶ୍ୱିକ ବିକାଶ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରାଯାଇଥିଲା। କମ୍ପାନୀଗୁଡ଼ିକ ଅଧିକ ଲୋକାଭିମୁଖୀ ହୋଇ, ସ୍ଥାନୀୟ ଗ୍ରାମବାସୀଙ୍କ ସାଙ୍ଗରେ ମିଶି ଏବଂ ସେମାନଙ୍କର ଆଶା-ଆକାଂକ୍ଷାକୁ ଧ୍ୟାନରେ ରଖି ଜିଲ୍ଲା ପ୍ରଶାସନର ଅନୁମତି କ୍ରମେ ସମସ୍ତ ବିକାଶମୂଳକ କାମ କରିବାକୁ ପରାମର୍ଶ ଦିଆଯାଇଛି । ବିଶେଷ କରି ଏ ଅଞ୍ଚଳରେ ରୋଜଗାର ସୃଜନ, ମହିଳାମାନଙ୍କ ପାଇଁ କର୍ମସଂସ୍ଥାନ, ଗୁଣାତ୍ମକ ଶିକ୍ଷା ପାଇଁ ଏମ୍ପ୍ଲୋୟେବିଲିଟି ଏବଂ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦେବାକୁ କୁହାଯାଇଛି ବୋଲି ଶ୍ରୀ ପ୍ରଧାନ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସୂଚନା ଦେଇଛନ୍ତି । ଏହି ଅବସରରେ ରାଜ୍ୟ ରାଜପଥ-୧୦ ଉପରେ ବୃଦ୍ଧି ପାଉଥିବା ଭାରୀ ଯାନବାହନ ଓ ବିଭିନ୍ନ ପାୱାର ପ୍ଲାଣ୍ଟର ଲୋଡ୍ ଏବଂ ପରିବହନ ବ୍ୟବସ୍ଥା ନେଇ ସବିଶେଷ ଆଲୋଚନା ହୋଇଥିଲା। ଆର୍ଯ୍ୟନ୍, ଶ୍ୟାମ ମେଟାଲିକ୍ସ, ଆଦିତ୍ୟ ଆଲୁମିନିୟମ୍, ଜେଏସ୍‌ଡବ୍ଲ୍ୟୁ ତଥା ନେଇଭାଲି କୋଲିୟରି ସମେତ ବେଦାନ୍ତ, ଇଣ୍ଡ୍ ଭାରତ ଓ ଓପିଜିସିର ପାୱାର ପ୍ଲାଣ୍ଟଗୁଡ଼ିକର ପରିବହନ ଚାପ ଏହି ରାସ୍ତା ଉପରେ ପଡୁଥିବାରୁ ଏହାର ଏକ ଦୂରଦର୍ଶୀ ଯୋଜନା ଉପରେ ଗୁରୁତ୍ୱ ଦିଆଯାଇଛି। ଏହା ଏକ ପବ୍ଲିକ୍ ରୋଡ୍ ହୋଇଥିବାରୁ, ଇଣ୍ଡଷ୍ଟ୍ରିଗୁଡ଼ିକ ନିଜସ୍ୱ ପାର୍କିଂ ବ୍ୟବସ୍ଥା କରନ୍ତୁ ବୋଲି ସାଂସଦ ପରାମର୍ଶ ଦେଇଛନ୍ତି, ଯାହାଫଳରେ ଗାଡ଼ିଗୁଡ଼ିକର ଧୂଳି ଓ ଅସୁବିଧାରୁ ସାଧାରଣ ଲୋକେ ମୁକ୍ତି ପାଇବେ। ରେଙ୍ଗାଲି ବ୍ଲକର ନୂଆ ବସ୍‌ଷ୍ଟାଣ୍ଡରୁ ଖେରୁଓ୍ୱାଲ ବ୍ରିଜ୍ ପର୍ଯ୍ୟନ୍ତ ୧୫ କିଲୋମିଟର ନିର୍ଦ୍ଦିଷ୍ଟ ଅଞ୍ଚଳରେ ଆଲୋକୀକରଣ ବ୍ୟବସ୍ଥା ନଥିବାରୁ ସେଠାରେ ଆଲୋକ ବ୍ୟବସ୍ଥା କରିବା, ରାସ୍ତାକୁ ଠିକରେ ପାଣି ପକାଇ ମେଣ୍ଟେନ୍ କରିବା ଏବଂ ପିଡବ୍ଲ୍ୟୁଡି ତଥା ଏଲ୍‌ଏଣ୍ଡଟି ସହ ଆଲୋଚନା କରି ରାସ୍ତାକୁ ଆବଶ୍ୟକତା ଅନୁଯାୟୀ ଅଧିକ ଚଉଡ଼ା କରାଯିବ । ଷ୍ଟେଟ ହାଇଓ୍ୱେର ପ୍ରା ୧୫ କିଲୋମିଟର ରାସ୍ତାର ଉନ୍ନତିକରଣ ପାଇଁ ସମ୍ପୃକ୍ତ କମ୍ପାନୀଗୁଡ଼ିକ ରାଜ୍ୟ ସରକାର ଓ ପିଡବ୍ଲ୍ୟୁଡି ବିଭାଗ ସହ ଆଲୋଚନା କରି ଏକ ବିଶେଷ ଅନୁଦାନ ଓ ଦାୟିତ୍ୱ ଗ୍ରହଣ କରନ୍ତୁ । ଧୂଳି ଓ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ କମ୍ପାନୀଗୁଡ଼ିକ ନିୟମିତ ଜଳ ସିଞ୍ଚନ ଏବଂ ପରିବେଶ ସହଯୋଗୀ ପଦକ୍ଷେପ ଗ୍ରହଣ କରିବାକୁ ମଧ୍ୟ ବୈଠକରେ ପରାମର୍ଶ ଦିଆଯାଇଛି। ଜିଲ୍ଲାରେ କଳକାରଖାନା ଓ ଖଣି ଖଦାନ ହେଉ, କିନ୍ତୁ ପରିବେଶ, ପର୍ଯ୍ୟାବରଣ ଏବଂ ସାଧାରଣ ଜନତାଙ୍କ ସ୍ୱାସ୍ଥ୍ୟ ସର୍ବଦା ଆମର ସବୁଠୁ ବଡ଼ ପ୍ରାଥମିକତା ଅଟେ। ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ସହଯୋଗରେ ଏହି ସମସ୍ତ କାର୍ଯ୍ୟଗୁଡ଼ିକୁ ସଫଳତାପୂର୍ବକ କାର୍ଯ୍ୟକାରୀ କରାଯିବ ବୋଲି ଶ୍ରୀ ପ୍ରଧାନ ଆଶାପ୍ରକାଶ କରିଛନ୍ତି। ଏହି ବୈଠକରେ ସମ୍ବଲପୁର ବିଧାୟକ ଶ୍ରୀ ଜୟନାରାୟଣ ମିଶ୍ର ମଧ୍ୟ ଉପସ୍ଥିତ ଥିଲେ ।




# କନ୍ଧମାଳ ଜିଲ୍ଲା ସାରଙ୍ଗଡରେ ମାନସିକ ସ୍ୱାସ୍ଥ୍ୟ ପରିକ୍ଷା ଶିବିର

କନ୍ଧମାଳ, ୧୦/୧୦ (ନି.ପ୍ର): ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ ଫୁଲବାଣୀ ମାନସିକ ସ୍ୱାସ୍ଥ୍ୟ ବିଭାଗ, କନ୍ଧମାଳଙ୍କ ସହାୟତାରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ପାବୁରିଆ ଏବଂ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ସାରଙ୍ଗଡ ଠାରେ ମାନସିକ ଅସୁସ୍ଥ ବ୍ୟକ୍ତି ମାନଙ୍କର ସ୍ୱାସ୍ଥ୍ୟ ପରିକ୍ଷା ଶିବିର ଓ ଔଷଧ ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସ୍ୱାସ୍ଥ୍ୟ ପରିକ୍ଷା ଶିବିରରେ ୪୭ ଓ ୫୨ ସମୁଦାୟ ୯୯ ଜଣ ସ୍ୱାସ୍ଥ୍ୟ ପରିକ୍ଷା କରି ଔଷଧ ଗ୍ରହଣ କରିଥିଲେ । ପାବୁରିଆ ଠାରେ ଡାକ୍ତର ରାଜଶ୍ରୀ ପ୍ରଧାନ, ଡାକ୍ତର ସୌଭାଗ୍ୟ ନାୟକ ଓ ଡାକ୍ତର ପ୍ରବିଣ କୁମାର ସାହୁ ଏବଂ ମାନସିକ ସ୍ୱାସ୍ଥ୍ୟ ସାମାଜିକ କର୍ମି ମାଳତି ବେହେରା ଉପସ୍ଥିତ ରହି ଏହି ଶିବିରକୁ ପରିଚାଳନା କରିଥିଲେ । ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଯେ, ଗ୍ରାମାଂଚଳରେ ଅବହେଳିତ ହୋଇ ଏବଂ ମାନସିକ ରୋଗର ଚିକିତ୍ସା କରି ନପାରି ରହିଯାଉଥିବା ରୋଗୀମାନଙ୍କୁ ଚିହ୍ନଟ କରିବା ଏବଂ ଜିଲ୍ଲା ମାନସିକ ରୋଗ ଚିକିତ୍ସା ବ୍ୟବସ୍ଥା ସହିତ ଯୋଡିବା । ଏହି ପରିପ୍ରେକ୍ଷିରେ ସ୍ୱାତୀ ଅନୁଷ୍ଠାନ ଜିଲ୍ଲାରେ ମାନସିକ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃଢ କରିବା ନିମନ୍ତେ ବେସିକ ନିଡ ଇଣ୍ଡିଆ ସହିତ ମିଶି କାର୍ଯ୍ୟ କରୁଥିବା ବେଳେ ଏହି ସ୍ୱାସ୍ଥ୍ୟ ଶିବିରର ଆୟୋଜନ ନିଶ୍ଚିତ ଭାବରେ ଏକ ବଡ ପ୍ରଭାବ ପକାଇ ପାରିବ ବୋଲି ଅନୁଷ୍ଠାନର ସମ୍ପାଦକ ହରି ଶଙ୍କର ରାଉତ କହିଛନ୍ତି । ଶିବିରଟିକୁ ଗିରିଶ ଚନ୍ଦ୍ର ସାମଲ ଓ ଆଲୋକ ସାମନ୍ତରାୟ ପରିଚାଳନା କରିଥିବା ବେଳେ ସମସ୍ତ ଗୋଷ୍ଠି ସହାୟକ ମାନେ ପରିଚାଳନାରେ ସହଯୋଗ କରିଥିଲେ।



# ବୁଦ୍ଧ କାହାଣୀ



ଏସିଆର ଆଲୋକ ତଥା ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମବୁଦ୍ଧଙ୍କ ଜୀବନଗାଥା ବେଶ୍ ହୃଦ୍ୟ ଓ ରୋମାଞ୍ଚକର। ଏହାକୁ ନେଇ ପୃଥିବୀ ବ୍ୟାପି ଅସୁମାରୀ ପୁସ୍ତକ ରଚିତ ହୋଇଛି। ସେହିଧାରାରେ ମାଲେସିଆର ବିଶିଷ୍ଟ ବୌଦ୍ଧଭିକ୍ଷୁ କେ. ଶ୍ରୀ ଧମ୍ମାନନ୍ଦ ମହାଥେରା ମାଳୟ ଭାଷାରେ ସାଧାରଣ କିଶୋର କିଶୋରୀଙ୍କ ନିମନ୍ତେ ବୁଦ୍ଧଙ୍କ ଜୀବନୀ ସମ୍ପର୍କରେ ବହୁମୂଲ୍ୟ ପୁସ୍ତକଟିଏ ରଚନା କରିଥିଲେ। ଇଂରାଜୀରେ ତାହାକୁ 'ଲାଇଫ୍ ଅଫ୍ ଦି ବୁଦ୍ଧ' ଶୀର୍ଷକରେ ୨୦୨୨ ମସିହାରେ ଅନୁସୃଜନ କରିଥିଲେ ଭିକ୍ଷୁ ଶିରିଧମ୍ମା। ଏହି ପୁସ୍ତକର ପ୍ରକାଶକ ବୁଦ୍ଧ ବଚନ ଟ୍ରଷ୍ଟ, ମହାବୋଧି ସୋସାଇଟି, ବେଙ୍ଗାଲୁରଙ୍କ ଅନୁରୋଧ କ୍ରମେ ଓଡ଼ିଆ ଭାଷାରେ '**ବୁଦ୍ଧ କାହାଣୀ**' ଶୀର୍ଷକରେ ଅନୁବାଦ କରିଛନ୍ତି

**ଡ. ସାରଙ୍ଗଧର ତ୍ରିପାଠୀ**

## ୪୬ ରାଜା ପସେନାଦି କୋଶଳ ବୁଦ୍ଧଙ୍କ ଜଣେ ବିଶ୍ୱସ୍ତ ସମର୍ଥକ (ଭାଗ ୧)

"ଯଦି ରାଜକୁମାରୀ ଭଜିରାଙ୍କ ପ୍ରତି କିଛି ଦୁର୍ଭାଗ୍ୟ ଘଟିଯାଏ, ତେବେ କ'ଣ ସେଥିରେ ଦୁଃଖ, ବିଳାପ, ଯନ୍ତ୍ରଣା, ଶୋକ ଏବଂ ହତାଶା ଉତ୍ପନ୍ନ ହେବ?"

"ହଁ" ରାଜା କହିଲେ।

"ମହାରାଜ, ଏହି ବିଷୟରେ ଭଗବାନ ବୁଦ୍ଧ କହିଥିଲେ ଯେ ଆମେ ଯେଉଁମାନଙ୍କୁ ଭଲ ପାଉ, ସେମାନେ ଆମ ପାଇଁ ଦୁଃଖ, ବିଳାପ, ପୀଡ଼ା, ଶୋକ ଓ ନିରାଶା ଆଣିଥାନ୍ତି।"

ରାଜା କହିଲେ, "ମଲ୍ଲିକା, ଏହା କେତେ ଆଶ୍ଚର୍ଯ୍ୟଜନକ ଓ ଅଦ୍ଭୁତ ଯେ ଭଗବାନ ବୁଦ୍ଧ କେତେ ଦୂର ପର୍ଯ୍ୟନ୍ତ ସଚେତନ ହୋଇ ଦେଖିପାରନ୍ତି।"

ଯେତେବେଳେ ରାଜା କୋଶଳ ନିଜ ଭଣଜାଙ୍କ ଠାରୁ ପରାସ୍ତ ହୋଇଗଲେ ଏବଂ ତାଙ୍କୁ ନିଜର ରାଜଧାନୀ ଶ୍ରୀବସ୍ତି ଫେରାଇବାକୁ ପଡ଼ିଲା; ସେତେବେଳେ ବୁଦ୍ଧ ନିଜର ଶିଷ୍ୟମାନଙ୍କୁ କହିଲେ ଯେ ନା ବିଜେତା ନା ପରାଜିତଙ୍କୁ ଶାନ୍ତି ଅନୁଭୂତ ହୋଇଥାଏ।

"ବିଜୟ ଘୃଣାକୁ ଜନ୍ମ ଦେଇଥାଏ।
ପରାଜିତ ଯନ୍ତ୍ରଣାରେ ବଞ୍ଚେ।
ସୁଖୀ ବ୍ୟକ୍ତି ଶାନ୍ତିପୂର୍ଣ୍ଣ ଜୀବନ ବିତାଇଥାଏ
ବିଜୟ ଓ ପରାଜୟକୁ ତ୍ୟାଗ କରି।"

ପରବର୍ତ୍ତୀ ସମୟରେ ହୋଇଥିବା ଯୁଦ୍ଧରେ ଉଭୟ ରାଜା ଲଢ଼ିଥିଲେ ଏବଂ ରାଜା କୋଶଳ ଏଥିରେ କେବଳ ଜିତି ନଥିଲେ, ବରଂ ସେ ରାଜା ଅଜାତଶତ୍ରୁଙ୍କୁ ତାଙ୍କର ସମସ୍ତ ହାତୀ, ରଥ, ଘୋଡ଼ା ଏବଂ ସୈନ୍ୟଙ୍କ ସହ ଜୀବିତ ଭାବେ ବନ୍ଦୀ କରିଥିଲେ। ରାଜା କୋଶଳ ଭାବିଥିଲେ ସେ ତାଙ୍କର ଭଣଜାକୁ ମୁକ୍ତ କରିବେ; ମାତ୍ର ତାଙ୍କ ଘୋଡ଼ା, ହାତୀ ଓ ଅନ୍ୟମାନଙ୍କୁ ନୁହେଁ। ସେ ବିଜୟର ପୁରସ୍କାର ସ୍ୱରୂପ ଏହି ଭୌତିକ ସମ୍ପତ୍ତିଗୁଡ଼ିକୁ ନିଜ ପାଖରେ ରଖି ତୃପ୍ତ ହେବାକୁ ଚାହୁଁଥିଲେ।

ଏହା ଶୁଣି ବୁଦ୍ଧ ତାଙ୍କର ଶିଷ୍ୟମାନଙ୍କୁ କହିଲେ ଯେ ରାଜା କୋଶଳ ନିଜ ପାଖରେ କିଛି ନ ରଖିବା ବୁଦ୍ଧିମାନର କାମ ହୋଇଥାନ୍ତା। ଏହି ଉକ୍ତିର ସତ୍ୟତା ଆଜିର ଆଧୁନିକ ଯୁଦ୍ଧକ୍ରାନ୍ତ ବିଶ୍ୱ ପାଇଁ ମଧ୍ୟ ପ୍ରଯୁଜ୍ୟ :

"ଜଣେ ବ୍ୟକ୍ତି ସ୍ୱଇଚ୍ଛାନୁସାରେ ଲୁଟ୍‌ପାଟ୍ କରିପାରେ। ଯେତେବେଳେ ଅନ୍ୟମାନେ ପ୍ରତିବଦଳରେ ଲୁଟ୍‌ପାଟ୍ କରନ୍ତି, ତେବେ ଲୁଟ୍‌ର ଶିକାର ହୋଇଥିବା ବ୍ୟକ୍ତି ମଧ୍ୟ ବଦଳରେ ଲୁଟ୍‌ପାଟ କରିବ। କର୍ମଚକ୍ର ଘୂରି ବୁଲୁଛି ଓ ଲୁଟ୍‌ର ଶିକାର ବ୍ୟକ୍ତିକୁ ଲୁଟେରା କରିଦେଉଛି।"

ରାଜା ପସେନାଦି କୋଶଳ ଅଶୀ ବର୍ଷରେ ମୃତ୍ୟୁବରଣ କରିଥିଲେ, ଯେତେବେଳେ ତାଙ୍କ ପୁତ୍ର ବିଦୁଦଭ ତାଙ୍କ ବିରୋଧରେ ବିଦ୍ରୋହ କଲେ। (କ୍ରମଶଃ)

♥ ଅଧ୍ୟାପକ, ଓଡ଼ିଆ ଭାଷାସାହିତ୍ୟ ବିଭାଗ, 'ସ୍ୱର୍ଣ୍ଣଭୂଷଣ', ଗଣପତି ନଗର, ବାଲିଆ, ବାଲେଶ୍ୱର
ମୋ: ୯୪୩୭୩୭୧୯୬୮

# ମିନିଗଳ୍ପ-୨୫

## ମାମଲା (ମ)

**ଡ. ଗୋପାଳକୃଷ୍ଣ ଆଚାର୍ଯ୍ୟ**



ଆଣ୍ଠୁ ଲୁଚୁନଥିବା ଧୋତିଖଣ୍ଡିଏ, କାନ୍ଧରେ ନାଲିଗାମୁଛାଟି। କାନ୍ଧରୁ କାଖ ସନ୍ଧିଯାଏ ଝୁଲିଥାଏ କନା ବ୍ୟାଗଟିଏ। ପାଟିରେ ଭାଡିଏ ବି ଦାନ୍ତ ନାହିଁ। କଥାମାନ ଚାପିଚୁପି। ଫିସଫିସ ହୋଇ ରଦନହୀନ ମୁଖରୁ ନିକିଳି ଆସୁଥାଏ ପଦେ ଦି'ପଦ କଥା। ସେ ଆଗତଭବିଷ୍ୟ କହନ୍ତି। ସେ ନାହକ ଅବଧାନ। ନାୟକ।

ଦ୍ରୁତଗତିରେ ସେ ଧାଆଁନ୍ତି ଦଶଖଣ୍ଡ ମୌଜାରେ ସକାଳଠୁ ସଂଜ ଯାଏ। ନାଗବନ୍ଧ ପାଖରେ ଛିଡା ହୋଇ କବାଟ ବାଡାନ୍ତି। ଧଡ଼ କରି କବାଟ ଖୋଲୁଖୋଲୁ ଝଡ଼ ପରି ପଶି ଆସନ୍ତି ଅବଧାନେ। ଶାଶୂକୁ କହନ୍ତି: ବୋହୂକୁ ଆଣ। ମୁଁ ଆଶୀର୍ବାଦ ଦେବି। ବୋହୂ ସରୁଓଢଣା ଦେଇ ଆସେ। ଭୂଇଁରେ ମଥା ଲଗାଇ ଓଳିଗି ହୁଏ। ଅବଧାନେ ଆଶିଷ ଢାଳନ୍ତି:ସୌଭାଗ୍ୟବତୀ ଭବ। ପୁଅଟେ ହବ ତମର।

ବୋହୂ ଓଢଣା ଓ କୁଞ୍ଚ ସଜାଡି ଲେଉଟାଣି ବୁଲୁବୁଲୁ ଶାଶୂ କହନ୍ତି: ଅବଧାନେ। ଆଉ କଣ ଭଲମନ୍ଦ କହୁନ?

ଅବଧାନେ ପଚାରନ୍ତି: ରାଶି କଣ?

ଶାଶୂ ପରଖନ୍ତି: ତେମେ ପା ଅବଧାନେ। କହୁନ?

ଅବଧାନେ ପଚାରନ୍ତି: ତୋ ନାଁ ' କଣ? ବୋହୂ କହେ: ଗୋମତୀ।

ଅବଧାନେ ଅଙ୍ଗୁଳି ପବରେ ବୁଢାଆଙ୍ଗୁଠି ଟିପ ଚଳାନ୍ତି। ମକର, କୁମ୍ଭ, ମୀନ, ମେଷ, ବୃଷ, ମିଥୁନ, କର୍କଟ, ସିଂହ, କନ୍ୟା, ତୁଳା... ଜାଇଁଲ ମା' ବୋହୂର ତୂଳରାଶି। ସ୍ୱାତୀ ନକ୍ଷତ୍ର। ପନ୍ଦର ପଣ ଛଅ କାହାଣ।

ମୁହଁରେ ଲୁଗା ଢାଙ୍କି ହସେ ବୋହୂ। ଶାଶୂ ଠାରି ଦିଏ : ଯା' ଘରକୁ।

ଅବଧାନେ ତାଗିଦ କରନ୍ତି : ଆଣୁନ। ମୋର ଆଉ ଘର ବୁଲିବାର ଅଛି। ଶାଶୂ ଘର ଭିତରୁ ଆଣନ୍ତି ସଞ୍ଚା, ଦକ୍ଷିଣା। ଅବଧାନେ ଆଶିଷ ଢାଳି ପୁଣି ଚାଲନ୍ତି କନାବ୍ୟାଗ କାନ୍ଧରେ ଝୁଲାଇ।

ଅବଧାନେ ଆସିଲେ ଗୋସେଇଁ ଘରକୁ। ଗୋସେଇଁ ଶାସ୍ତ୍ର ଜାଣନ୍ତି। ଜ୍ୟୋତିଷ ଜାଣନ୍ତି। ଦାଣ୍ଡରେ ପହଞ୍ଚୁ ପହଞ୍ଚୁ ଗୋସେଇଁ ପଚାରିଲେ :ପୁଅର କଣ ହବ କହିଲ।

ଅବଧାନେ ଟିପମାରିଲେ ପବରେ : ତାଙ୍କର କୁମ୍ଭ ରାଶି। ସେକେଣ୍ଡ ଡିଭିଜନ ନିଶ୍ଚୟ ହବ।

ଗୋସେଇଁ ହସନ୍ତି। କହନ୍ତି:ବୃହସ୍ପତି ତ ନବମରେ।

ହସନ୍ତି ଅବଧାନେ। ପୁଅ ପ୍ରଥମଶ୍ରେଣୀରେ ଉତ୍ତୀର୍ଣ୍ଣ ହୁଏ।ଅବଧାନେ ପୁଣି ଆସନ୍ତି। ଦାବି କରନ୍ତି, କହିଥିଲି ଫାଷ୍ଟ ଡିଭିଜନ୍। ହେଲା ନା ନାଇଁ ? ହସନ୍ତି ସମସ୍ତେ।

ଅବଧାନେ ଅସୁସ୍ଥ ଲାଗିଲେ କ୍ରମଶଃ। ଗୋସେଇଁଆଣୀ ପଚାରିଲେ: ପୁଅ ଇଂଜିନିୟର। କୋଠାବାଡି କଲାଣି। କାଇଁ ମିହନତ କରୁଚ ନାହାକେ?

ଅବଧାନେ ପାକୁଆ ପାଟିରେ ହସନ୍ତି ପାକେଲା ହସ :ପୁଅ ଯେତବଡ଼ ହଉ। ମୋ କୁଳବେଉସା ଛାଡିବି କି? ରଥ ଚଳୁଚି, ଚାଲୁଚି। ମୁଁ ଆହୁରି କୋଡିଏ ବରଷ ବଞ୍ଚିବି।

ଗୋସେଇଁଆଣୀ ଢଗ ପକାନ୍ତି : ନାହାକ ପଣ୍ଡିତେ କହନ୍ତି ସତ...।

ନାହାକେ ଅଳି କରନ୍ତି। ତମ ଝୁଅର ପୁଅ ନାତି ପାଇଁ ମୁଁ ବନେଇବି ତାଳପତର ପୋଥି। ଭଲ କରି ସଞ୍ଚା ଦବ। ଗୋସେଇଁଆଣୀ ମୁଣ୍ଡ ଟୁଙ୍ଗାରନ୍ତି।

ଦିନେ ଶୁଣୁଶୁଣୁ ଅବଧାନେ ଉଭାନ। ଖଣ୍ଡମଣ୍ଡଳ ଚର୍ଚ୍ଚା ହେଲା। : ଆହା। ବଡ଼ ଜଉତିଷ ପାଞ୍ଜି ପୋଛି ଦେଲେ ସାନ ନାହକର।

ନାହାକଙ୍କ ଗୁଣର ପୁଅ। ଭାରି ସରଳ। ଇଂଜିନିଅର। ଲେଖାଲେଖି କରନ୍ତି। ସକଳ ଶ୍ରଦ୍ଧା ଓ ଉଦ୍‌ଯୋଗରେ ସାରିଲେ କ୍ରିୟାକର୍ମ । ମାମଲା ଖଲାସ ।

♥ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ, ପୁରୀ, (ମୋ) ୯୭୭୬୫୪୬୧୩୦

# କବିତା...

## ଅଦ୍ୱିତୀୟ

**ଦେବାଶିଷ ଚକ୍ରବର୍ତ୍ତୀ**





(ନାନାଙ୍କ ସ୍ମୃତିରେ)

ଶରଧାରେ ବାପାମାଆ ନାଆଁ ଦେଇଥିଲେ
ବିଶ୍ୱନାଥ ଗଜାନନ
ହେଲେ, ନାନା ଭାବରେ ତୁମକୁ
ଜାଣୁ ଥିଲେ ସର୍ବଜନ।

ଏମିତି କେହି ଅଛିକି ଯିଏ
ନାୟକ, ଖଳନାୟକ ଓ
ଚରିତ୍ର ଅଭିନେତା ଭାବରେ
ପାଇଛି ଜାତୀୟ ପୁରସ୍କାର
କେବଳ ତୁମେ ହିଁ ଥିଲ
ଅଦ୍ୱିତୀୟ ନଜିର୍ ଏହାର।

ଏବେ ସହରରେ ରହୁଥିବା
ଛୋଟ ଚାକିରିଆର ବି
ପାହୁଲ ପଡୁନି ଗାଆଁରେ
ଅଥଚ, ଗାଆଁ ହିଁ ସାଜିଥିଲା
ପ୍ରଥମ ପସନ୍ଦ ତୁମର;
କେବେ ବାଟ ହୁଡ଼ିନ ପ୍ରାଚୁର୍ଯ୍ୟର
ଡାହାଣୀ ଆଲୁଅରେ
ପାଟି କେବେ ବି ଖନିମାରି ଯାଇନି
ରୋକ୍‌ଠୋକ୍ ସତ କହିବାରେ।

ଜୀବନରେ କେତେ ଧନ ଅର୍ଜିଥିଲ
ତାହା ମୋତେ ଅଜଣା
ହେଲେ, ତାକୁ କରି ପାରିଥିଲ ଅର୍ଥବହ
ଅକାତରେ ବେସାହାରା ମଣିଷ ମନରେ
ବୁଣି ଚାଲିଥିଲ ବରାଭୟ।

ଆଜି ନହେଲେ ବି କାଲି
ସଭିଙ୍କି ଶୋଇବାକୁ ପଡ଼ିବ
ମରଣ କୋଳରେ
ଠାକୁରେ ବି ତ ଆଶ୍ରା ଲୋଡ଼ନ୍ତି
କୋଇଲି ବୈକୁଣ୍ଠରେ।

ନାନା ପାଟେକର!
ତୁମେ ହିଁ କେବଳ ତୁଳନା ତୁମର
ସଂସାର ର ଅଭିନୟଜୀବି ତ
ରହିଛନ୍ତି ଶହ ଶହ
ହେଲେ ତୁମ ପରି ଆଉ କେହି
ହୋଇ ପାରିଛନ୍ତି କି କୁହ ?

ସତରେ ତୁମେ ଅଦ୍ୱିତୀୟ।

♥ ମଣ୍ଡୁଆ, କେନ୍ଦୁଝର ଗଡ
ମୋ -୯୪୩୭୭୫୨୩୯୫



## ଛାୟାମୂର୍ତ୍ତି

**ଅନ୍ତର୍ଯ୍ୟାମୀ ମିଶ୍ର**

ଯେତେ ବୁଝେଇଲେ ବୁଝୁନି
ଚରା ଡାହାଣୀ ପରି ଖାଲି ଘୂରି ବୁଲୁଛି
ଆଖିରେ ତା ନାଚି ଯାଉଛି
ବହଳ ଅନ୍ଧାରର ଗୋଟେ ଛାୟା ମୂର୍ତ୍ତି
ଚାହୁଁଛି ତ ଚାହିଁ ରହୁଛି
ସେମିତି ଗହୀର ପାଟକୁ
ଧୀରେ ଧୀରେ ଛାୟା ମୂର୍ତ୍ତି
କାଦୁଅ ସରସର ହେଇ ଲଙ୍ଗଳ କାନ୍ଧେଇ
ଫେରୁଛି ପାଟରୁ...

ନାଲି ଚା'ରେ ମୁଢ଼ି ମୁଠେ ଭସେଇ ଦେଇ
ଅଣ୍ଡାଳି ହଉଛି ଛାୟାମୂର୍ତ୍ତି
ଆଖିରେ ତା ଖଣ୍ଡଖଣ୍ଡ ହୋଇ ଭାସୁଛି
ଅଭାବୀ ମେଘ
ଏକଥା କେହି ନ ଜାଣିଲେବି
ଜାଣେ ଚରା ଡାହାଣୀ...

ସୂର୍ଯ୍ୟ ଅଳସ ଭାଙ୍ଗିବା ବେଳେ
କାକରଟୋପା ଦୂବଘାସକୁ
ଜାବୁଡ଼ି ଧରିଥିବା ବେଳେ
ଛାୟାମୂର୍ତ୍ତି ସହ କେତେଥର
ଟେକିଛି ସେ ମଥାନକୁ
ଲାଉ ପୋଇ ଆଉ କଖାରୁ ଲତା...
ବେଳେ ବେଳେ ତାକୁ ଲାଗେ
ଛାୟାମୂର୍ତ୍ତି ହେଉଛି ବାସୁକି ନାଗ
ତାକୁ ଜଡେଇ ଧରି ଇଏ
ଟେକିଛି ସାରାଟା ସଂସାର
ଖୁସି ହେଇ ଡାହାଣୀ
ଖୋସାରେ ଖୋସି ଦେଉଛି
ପେନ୍ଥେ ମଧୁମାଳତୀ
ଲାଜେଇ ଯାଉଛି ଡାହାଣୀ
ମହମ ପରି ତରଳି ଯାଉଛି ଦେହ ତାର...

ଗୁଣିଆ ଝାଡ଼ିଲା
ଡେବିରି ହାତରେ ବାନ୍ଧିବାକୁ
ଗୋଟେ ଡେଉଁରିଆ ଦେଲା
ତଥାପି ଚରାଡାହାଣୀ ଦେହରେ ଛାୟାମୂର୍ତ୍ତି
ବେତାଳ ପରି ଝୁଲି ରହି
ଦୃଶ୍ୟ ସବୁ ଉପଭୋଗ କରୁଥିଲା...
ଦେଖିବା ଲୋକ କୁହାକୁହି ହଉଥିଲେ
ଆଗରୁ ତ ଶାନ୍ତିଖୁଡୀ ଏମିତି ନଥିଲା
ଘନଦାଦା ଯିବା ଦିନୁ ଜାଣ
ଏମିତି ହେଲା...

ପୁଅ ବୋହୂ ଯେତେ ବୁଝେଇଲେ
ବୁଝୁନାହିଁ ଶାନ୍ତିଖୁଡୀ
ସେମିତି ବୁଲୁଛି ଚରାଡାହାଣୀ ପରି
ଲାଉ ହେଇ ତା' କାନ୍ଧରେ ଛାୟାମୂର୍ତ୍ତି
ମଥାନକୁ ଟେକୁଛି
ଲାଉ ପୋଇ ଆଉ କଖାରୁ ଲତା...

♥ ବେଲସାଉଁଳିଆ, ବାସୁଦେବପୁର, ଭଦ୍ରକ
ପିନ୍ – ୭୫୬୧୨୫,
ମୋ: ୭୮୭୩୯୪୦୬୨୬

## ପାଉଁଜିର ପାଣ୍ଡୁଲିପି-୩୬

**ବିପିନ ମହାନ୍ତି**

### ହସିକି ନିର୍ବାଣ ନେବା



ଏମିତି ସେମିତି ସନ୍ନ୍ୟାସୀ ମୁଁ ନୁହେଁ ପ୍ରେମର ମୁଁ ମହାଯୋଗୀ
ଭଣ୍ଡ ତପସ୍ୱୀ ମୁଁ ବୋଲି କେହିକେହି କହୁଛନ୍ତି ଅନୁରାଗୀ
ଦେହବାଦର କଥା ଉଠେ ଯହିଁ ମୁଁ ସେ'ଠୁ ଦୂରେଇ ରହେ
ବିଦେହରେ କ'ଣ ପ୍ରେମ ହୁଏ ନାହିଁ କେମିତି ସମ୍ପର୍କ ଇଏ।

ଜଙ୍ଗଲଟା ସାରା ନିଆଁ ଲାଗିଥିବ ଜଳୁଥିବ ହୁତୁହୁତୁ
ସେଇ ଜଳିବାର ଦିବ୍ୟ ଅନୁଭବ କରୁଥିବ କୁତୁକୁତୁ
ସ୍ୱଦେହରେ ସେଇ ନିଆଁରୁ ମୁକୁଳି ଯିଏ ଏକା ଫେରିପାରେ
ସିଏ ତ ପ୍ରେମିକ ବାରମ୍ବାର ଯିଏ କା' ପ୍ରେମରେ ମରିପାରେ।

ଯୁକ୍ତ- ବିଯୁକ୍ତ ହେଲେ ତ ସଂଯୁକ୍ତ ନିଆଁ ଜଳିବାଟା ଥୟ
କାପୁରୁଷ ସେହି ଯିଏ ସେ ନିଆଁରେ ଜଳିବାକୁ କରେ ଭୟ
ଜଳିବାର ସେଇ ମଧୁର ଯନ୍ତ୍ରଣା ସେ' ଏକା ପାରଇ କହି
ସାଧନା ନଥିଲେ ସେ ନିଆଁରୁ ସିଦ୍ଧି ଏଯାଏ ପାଇନି କେହି।

ଆ' ଜଳିଯିବା ମିଶିକି ଜଳିବା ହସିକି ନିର୍ବାଣ ନେବା
ମୁଠାଏ ଅୟସ ପାଇଁ ଏ ବୟସ ଆୟୁଷକୁ ସମର୍ପିବା।

♥ ୩୩, ଗଡମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧

## କହି ହେଇନାହିଁ ଯାହା...(୧୫)

**ସୈରିନ୍ଧ୍ରୀ ସାହୁ**



ପାଇ ହାରିବାର ଅଙ୍କ କଷାରେ
ପ୍ରେମ ହାରିଯାଏ ଯେବେ
ଅଦିନମେଘର ଛିଟାଟେ ଛିଟିକି
ଦାଗ ହୋଇଯାଏ ସେବେ।
ହାତ ପାହାନ୍ତାରୁ ଜହ୍ନ ଖସିଗଲେ
ଅନ୍ଧାର ପଡ଼େ ଝରି
ଭିଜିବାର ନିଶା ହଜିଗଲା ପରେ
ଏ ଜୀବନ ଲାଗେ, ରଂଗ ଛଡା ଚିତ୍ର ପରି। ♥

## ମାଆ ମୋ ମମତାମୟୀ

**ବାବାଜୀ ଚରଣ ଜେନା**



ମାଆମୋ ମମତା ମୟି
ମାଆମୋ ମମତା ମୟି
ଦୁଃଖ ନେଇ ସୁଖ ଅଜାଡି ଦିଅଇ
କୃପାନେତ୍ରେ ତାର ଚାହିଁ
ମାଆମୋ ମମତାମୟୀ।

ପ୍ରତିଟି ଅନ୍ତର ବୁଝି ପାରେ ମାଆ
ଯେଉଁଠି ଥିଲେସେ ରହି
ବିପଦ ଆପଦେ ରୋଗ ବଇରାଗେ
ପାଖେ ପାଖେ ଥାଏ ରହି
ବାଟ ଭୁଲିଗଲେ ବାଟୋଇର ସିଏ
ହାତ ଧରି ଯାଏ ନେଇ
ମାଆମୋ ମୋ ମମତାମୟୀ।

ଭକତ ଆଖିରେ ଲୁହ ଦେଖିଲେ ମା
ପାରେ ନାହିଁ ଜମା ସହି
ଅଭୟ ପଣତେ ଘୋଡାଇ ଦିଅଇ
ଲୁହ ତାର ପୋଛି ଦେଇ
ମାଆ ବୋଲି ଥରେ ଡାକିଦେଲେ ଖାଲି
ଦୁଃଖ ତାର ଯାଏ ନେଇ
ମାଆମୋ ମମତାମୟୀ।

♥ ଅହଲ୍ୟା ନିବାସ, ପୋପରଡା, ନୂଆବଜାର, କଟକ-୪
ମୋ: ୯୪୩୭୮୩୪୭୧୯

## ପ୍ରିୟମ୍ୱଦା : ମେଘକନ୍ୟା

**ଅଭୟ ଦାସ**



ପ୍ରିୟତମା ପ୍ରିୟମ୍ୱଦା,
ତମେ ଥିବା ବେଳର ସେ
ଦୁଲ୍ ମୁଦୁଲ୍ ମେଘର ମାଦଳ ଏବେ ଚିରସ୍ୱପ୍ନ,
ଇନ୍ଦ୍ରଧନୁ ପରି ଦୁର୍ଲଭ, ଦୁଃସହ।
କେବେଠୁ ଇତିହାସ ହୋଇସାରିଛି
ପଞ୍ଚୁଲିଙ୍ଗେଶ୍ୱରର ସେ
ଛମ୍ ଛମ୍ ବର୍ଷାର ମେହଫିଲ୍,
ତମ ଗାଁ ଗୋହିରୀର କାଗଜଡଙ୍ଗା ପରି
ଭାସିଯାଇଛି ଯେମିତି ଦୋହଲିଦୋହଲି
ଅଭିମାନର ବେଗବତୀ ସୁଅରେ।
ଅନେକ ଜୀବନ୍ତ ପ୍ରୀତିଦଗ୍ଧ ସ୍ମୃତିର କଳସୀ
ବାଟମଝିରେ ବୁଡ଼ିଯାଇଛି
ଅନେକ ଅରଣା ସୁଅର ଅବିବେକୀ ଆଘାତରେ,
ୟା' ଭିତରେ ମେଘ ପାଲଟିସାରିଛି
ବଡ଼ ଦୁଷ୍ଟ, ଅତୀବ ଦାରୁଣ ।

ତମେ ନଥିବା ବେଳର
ଦଂଶନ ପରାଏ ଅସହ୍ୟ ମୁହୂର୍ତ୍ତସବୁ
ମୁଁ ଥାଇ ବି ନଥିବାର ଅର୍ବାଚୀନ ଅନୁଭବରେ
ମୋତେ କରି ପକାଉଛି ଶୂନ୍ୟରୁ ଶୂନ୍ୟାଶ୍ରୟୀ
ଦେହୀରୁ ବିଦେହୀ ।

ପ୍ରିୟମ୍ୱଦା !
ଆକାଶରେ ମେଘ ଦେଖିଲେ
ମୁଁ ଖୁବ୍ ହୁଏ ଅନ୍ୟମନସ୍କ
ଶିରାପ୍ରଶିରାରେ ଜମାଟ ବାନ୍ଧେ ରକ୍ତ,
ସଫେଦ୍ ମେଘମାନେ ମୋତେ ଦିଶନ୍ତି
ତମର ସେ ପୁରୁଣା ଦିନର
ତୋଫାତୋଫା ଧବଳ ଉତ୍ତରୀ
ଯାହା ଘୋଡାଇ ରଖୁଥିଲା
ତମର କଳାଘୁମର ଆଖିର ଅରଣ୍ୟ
ଓ କାଳକୃଷ୍ଣ ରେଶମୀ କବରୀ ।

ପ୍ରିୟମ୍ୱଦା!
ଏବେ ମେଘମାନେ ବି କପଟ କରନ୍ତି
ମଝିରେ ମଝିରେ,
ତମେ ମୋର ଖୁବ୍ ନିକଟରେ ଥିବାର
ଭ୍ରମ ସୃଷ୍ଟି କରି
ଥଣ୍ଡାଥଣ୍ଡା ଶୀତଳ ପବନମାନେ
ଫାଇଲିନ୍-ହୁଡ୍ ହୁଡ୍ ପରି
ସୁସୁରୀ ଛାଡ଼ି ପଶିଆସନ୍ତି ଦ୍ୱାର ଖୋଲି
ଏକାନ୍ତବାସରେ ସଢୁଥିବା
ମୋର ନୁଖୁରା କୋଠରୀକୁ
ଆଗରୁ ଯେଉଁଠି ଅନେକ ଥର
ଭରା ଶ୍ରାବଣରେ
ତମର ଭିଜାଭିଜା ଦେହ ଓ ମନର
ମିନତି ନେଇ ତମେ ଆସିଥାଅ
ଅନାବନା ଘାସରେ ଅଗମ୍ୟ ହୋଇ ସାରିଥିବା
ମୋ ରୁଦ୍ଧ କୋଠରୀର ପରିତ୍ୟକ୍ତ ଅଗଣାକୁ ।

ପ୍ରିୟମ୍ୱଦା !
ୟା' ଭିତରେ ବିତିଗଲାଣି
କେତେ ବର୍ଷ କେତେ ମାସ
କେତେ ବର୍ଷା କେତେ ଘନଘଟା,
ତମର ଅବର୍ତ୍ତମାନରେ ମେଘମାନେ ଗୁମ୍ ସୁମ୍,
ଘଡ଼ଘଡିମାନେ ତମକୁ ଝୁରିଝୁରି
ହୁଅନ୍ତି ଅଧୀର ଅବା କାନ୍ଦକାନ୍ଦ
ଚିତ୍କାର କରନ୍ତି ଅବା ଅକୁହା ଦୁଃଖରେ।

ପ୍ରିୟମ୍ୱଦା!
ସତରେ ଫି'ଥର ବର୍ଷା ଆସିଲେ, ଲାଗେ -
ତମେ ନିଶ୍ଚେ ଫେରିଆସିବ ଅକସ୍ମାତ୍
ଖୋଜିଖୋଜି ତମ ପ୍ରିୟତମର
ପୁରୁଣା ଠିକଣା !!

♥ ବିଦ୍ୟାଭାରତୀ, ଆଜିମାବାଦ
ବାଲେଶ୍ୱର-୭୫୬୦୦୧
ମୋ: ୮୩୨୮୯୦୯୦୩୦

## ଭଙ୍ଗା ନାଆ

**ପ୍ରୀତିଲେଖା ଦାସ**



ଆହୁରି ବାକି ଅଛି ଢେର୍
ସଂସାର ଚିହ୍ନିବା ତୁମର।

ଶୁଖି ସାରୁ,
ଏଇ ମାତ୍ର ଶୁଖିବାକୁ ଆରମ୍ଭ କରିଥିବା
ଜଡେଇ ହୋଇ ରହିଥିବା ଦେହରେ ତୁମର
ସେ ଓଦା ଲୁଗା ଖଣ୍ଡକ।
ଯେତେଯେତେ ଟାଣୁଥିବ ଓଦାପଣ
ଲୁଗାରୁ ଦେହ,
ସେତେ ସେତେ ହୁଗୁଳା ହୋଇଯାଉଥିବ
ଦେହରୁ ଲୁଗା।

ବଢୁଥିବା... ଛିଡୁଥିବା...ସମୟକୁ ନେଇ
ଲୁଗା-ଦେହ,ଦେହ-ଲୁଗା
ଲୋଡୁଥିବେ/ଭାରି ପଡୁଥିବେ
କେତେବେଳେ, କାହାକୁ କିଏ ।
ଛାତ ଉପରୁ ଡେଇଁ ସାରିଲା ବେଳକୁ ଖରାଟା
ଶୁଖିସାରିଥିବ ଲୁଗା
ଶୁଖି ସାରିଥିବ ରକତ।

ରକତ ଶୁଖିଲେ ନଇ ଶୁଖିବ,
ନଇ ଶୁଖିଲେ...ସରାଗ ଶୁଖିବ।
ବଳିପଡିଥିବା କିଛି ଶୋଷ ସହ
ଶେଷକୁ ମୁହଁ ମାଡି ପଡି ରହିଥିବ ଯାହା
ଛିଣ୍ଡା ଜାଲ,ଭଙ୍ଗା ନାଆ।

ଖସି ସାରୁ
ତୁମ ଇଚ୍ଛାର ସଂସାରରୁ ଗୋଟି ଗୋଟି
ଜହ୍ନ, ତାରା, ନଈ, ଝରଣା, ଫୁଲ,ବାସ୍ନା ...

ତେଣିକି, ନଥିବ ଆଉ ତୁମେ
ପାହାଡ ତାଡିବା ତୋଡରେ,
ନଥିବ ବି ଦର୍ପଣର ଛାତି ଧରି ରଖିବାକୁ
ଆଜି ଭଳି ତୁମ ଓଠ ଓ ଆଖିର ଚମକ ।

ତୁମକୁ ପଛ କରି
ଆରମ୍ଭ କରିସାରିଥିବ ଚାଲିବା
ସଂସାର, ତା' ରାସ୍ତାରେ;
ମୋର- ମୋର ହୋଇ
ପହଁରୁଥିବ ତୁମେ ଯାହା ତୁଚ୍ଛାଟାରେ
ଗୋଡ-ହାତ ଛାଟି ଶୁଖିଲା ନଈରେ।

♥ ଭୋଇସାହି, ବାଲେଶ୍ୱର

# ନୂତନ ପିଢ଼ିକୁ ନେଇ ଓଡ଼ିଆ କବିତାର ଆକାଶରେ ଉଇଁ ଆସୁଛି ସ୍ୱପ୍ନ ରଂଗର ସୂର୍ଯ୍ୟ : ରମେଶ ପତି

**ରମେଶ ପତି**
ସମକାଳୀନ ଓଡ଼ିଆ କାବ୍ୟ ଜଗତରେ ଏକ ପ୍ରଖର ପ୍ରତିଶ୍ରୁତି । ମାନବୀୟ ଦ୍ୟୋତନାର ଦ୍ୟୁତିରେ ଝଲ୍‌ମଲ୍ କବି ଶ୍ରୀଯୁକ୍ତ ପତିଙ୍କ କାବ୍ୟ-ଉଡ଼ାଣ ମାଟିରୁ ଆକଶ ଯାଏ ପରିବ୍ୟାପ୍ତ । ଦୀର୍ଘ ଚାରି ଦଶନ୍ଧିରୁ ଊର୍ଦ୍ଧ୍ୱକାଳ ଧରି ତାଙ୍କର କାବ୍ୟ ସାଧନା ଅବ୍ୟାହତ ଓ ଅନାହତ । ଜନବାଦୀ ଚିନ୍ତା-ଚେତନାରେ ଜଡ଼ସଡ଼ ତାଙ୍କର କବିତାର ଶୈଳୀ ଓ ପ୍ରକାଶ ଭଙ୍ଗୀ ପାଠକର ହୃଦୟକୁ ଦୀର୍ଘ ଦିନଯାଏ ଆନ୍ଦୋଳିତ କରେ । କବିତାରେ ସରଳ-ତରଳ ଶବ୍ଦ ପ୍ରୟୋଗ ଏବଂ ସୂକ୍ଷ୍ମ ଓ ଶାଣିତ ଚିନ୍ତନ କବିଙ୍କୁ କରିଥାଏ ସବୁବେଳେ ସ୍ୱତନ୍ତ୍ର । ତାଙ୍କ ସହ ଏଥରର ଆଳାପ...

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ



## ■ ଅକ୍ଷରେ ରମେଶ ପତି



ଜନ୍ମ- ୧୪.୦୫.୧୯୭୦
ପିତା - ତାରାକାନ୍ତ ପତି
ମାତା - ସେବତୀ ପତି
ଜନ୍ମସ୍ଥାନ - କମଳପୁର, ପୋ- ମାର୍କଣ୍ଡପୁର, ଚିତାଲୋ, ଯାଜପୁର
ଠିକଣା - ବାଦାମବାଡି, କଟକ -୧୨
(ମୋ) ୭୮୪୬୯୮୯୯୧୧

### ପ୍ରକାଶିତ ପୁସ୍ତକ

**କବିତା ସଂକଳନ :**
୧. ନଜରବଂଦୀ
୨. ଦଂଶିତ କୃଷ୍ଣଚୂଡ଼ା
୩. ଭୋକଭିଜା ଭୂଇଁ
୪. ଫର୍ଦ୍ଦେ ଜୀବନ
୫. ଘାଇ
୬. ପାପପଥ
୭. ମଲାପକ୍ଷୀର ଗୀତ
୮. ଓହଳ

**ପ୍ରକାଶିତ ଗଳ୍ପ ସଂକଳନ :**
୧. ଉଦୟ ସୂର୍ଯ୍ୟର ରଙ୍ଗ

**ସଂପାଦିତ ପୁସ୍ତକ :**
୧. ମାଟିର ଡାକ
୨. ଆମ ସମୟର ଚର୍ଚ୍ଚିତ କବିତା
୩. ଆମ ସମୟର ଚର୍ଚ୍ଚିତ ଗଳ୍ପ
୪. ପ୍ରିୟ କବିତା

**■ କବିତା କାହିଁକି ? କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟ ସ୍ଫୁରଣ ?**

■■ ପ୍ରତ୍ୟେକ ମଣିଷ ଭିତରେ କାବ୍ୟ-ଚେତନା ଭରପୁର ହୋଇ ରହିଥାଏ । ସେହିସବୁ ସୂକ୍ଷ୍ମ ଚେତନାକୁ ଯିଏ ସାବଲୀଳ ଭାବରେ ପରିପ୍ରକାଶ କରେ ଓ ତାହା ପାଠକର ହୃଦୟକୁ ଦୀର୍ଘ ଦିନଯାଏ ଆଂଦୋଳିତ କରେ ସେ ହିଁ ପ୍ରକୃତ କବି । ଏହା ସତ୍ୟ ଯେ, କବିତା ହେଉଛି ସାଂପ୍ରତିକ ସାହିତ୍ୟରେ ସ୍ୱୀକୃତ ଅନ୍ୟାନ୍ୟ ବିଭାଗର ଜନନୀ । ଏଣୁ କବିତା ହିଁ ଆଣିପାରେ କ୍ରାନ୍ତି ଏବଂ ଦର୍ଶାଇଦେଇ ପାରେ ମୁକ୍ତିର ଅନୁପମ ମାର୍ଗ । ଜହ୍ନକୁ ଜୀବନ ସହ, ମାଟିକୁ ଆକାଶ ସହ ଓ ଅନ୍ତରକୁ ଅନ୍ତରୀକ୍ଷ ସହ କେବଳ କବିତା ହିଁ ଯୋଡ଼ିଦେଇ ପାରେ...! ସୁତରାଂ ଏକ ସୁସ୍ଥ ଓ ପରିପୂର୍ଣ୍ଣ ସମାଜ ଗଠନ ପାଇଁ ସମଗ୍ର ବିଶ୍ୱରେ କାବ୍ୟିକ ବାତାବରଣ ନିହାତି ଜରୁରୀ । ମୋ' ଜୀବନର ପ୍ରଥମ ସୋପାନ ଏମିତି ଏକ ପରିବେଶରେ ଗଢ଼ିଉଠିଥିଲା; ଯେଉଁଠି ସତ୍ୟ, ଶୃଙ୍ଖଳା ଓ ସୌନ୍ଦର୍ଯ୍ୟର ଅପୂର୍ବ ସମାହାର ମତେ ବାରଂବାର ପ୍ରଭାବିତ କରୁଥିଲା । ବୁଢ଼ା ଓ ଖରସ୍ରୋତା ନଈର ସଂଗମ ସ୍ଥଳରେ ମହାପୁରୁଷ ମଣିଦାସଙ୍କ ସାଧନା ପୀଠ । ମୋ' ସାରସ୍ୱତ ଜୀବନ ଆରଂଭରୁ ହିଁ ମହାପୁରୁଷ ମଣିଦାସଙ୍କ 'ଭକ୍ତି କଳ୍ପଦ୍ରୁମ', 'ସଖା ସଂହିତା' ଓ 'ଶୂନ୍ୟ ସଂହିତା' ଆଦି କାବ୍ୟ-କବିତା ମୁଁ ଅଧ୍ୟୟନ କରିଛି । ବୟସର ଆବେଦନ କ୍ରମେ ପ୍ରଥମେ ମୋ' ଭିତରେ ରୋମାଣ୍ଟିକ୍ ଚେତନା ଉଦ୍ରେକ ହୋଇଥିଲା । ଏଣୁ ପ୍ରଥମ ଓ ଦ୍ୱିତୀୟ ପୁସ୍ତକ 'ନଜରବଂଦୀ' ଓ 'ଦଂଶିତ କୃଷ୍ଣଚୂଡ଼ା'ରେ ସେହିସବୁ ପ୍ରେମ କବିତା ସ୍ଥାନିତ ହୋଇଛି । ସମୟ କ୍ରମେ ଅସହାୟ ମଣିଷମାନଂକର ଦୁଃଖ, ଯଂତ୍ରଣା ଓ ଦୀର୍ଘଶ୍ୱାସ ମୋର କୋମଳ ହୃଦୟକୁ ବାରଂବାର ବିଚଳିତ କଲା । ଦୁନିଆ ଦରବାରରେ ଅହରହ କ୍ଷତ ବିକ୍ଷତ ହେଉଥିବା ଦୁଃସ୍ଥ-ଦୀନ-ଦଳିତ ଓ ହୀନ-ହେୟ-ନ୍ୟୂନ ମଣିଷମାନଙ୍କର ଆତ୍ମାର ଆକୁତି ମତେ ସମାଜମନସ୍କ କଲା । ସେଦିନରୁ ଆଜିଯାଏ ମଣିଷ ଆତ୍ମାର ଆକୁତିକୁ ମୁଁ ମୋର ଛାତି ଭିତରେ ସାଇତି ରଖେ ଏବଂ ତା'ର ଧ୍ୱନିକୁ କବିତାରେ ରୂପାନ୍ତରିତ କରିବାକୁ ପୂର୍ଣ୍ଣ ପ୍ରୟାସ କରେ । ସଂଧ୍ୟା ହେଲେ କୋଳରେ ବସେଇ ମତେ ରାମାୟଣ, ମହାଭାରତ, ଭାଗବତ ଓ ଗୀତା ଆଦି ମହାଗ୍ରନ୍ଥ ଗୁଡ଼ିକର ନିର୍ଯ୍ୟାସକୁ ବାରଂବାର ବୁଝେଇଥିବା ମୋର ଆଦ୍ୟ ପ୍ରେରଣାଦାତ୍ତା ମୋର ଅଜା ୰ ବିଦ୍ୟାଧର ଦେବତା । ସାବି, ବଉଳ, ବଇ ଓ ବିପରା ଆଦି ପାଗଳାମାନେ ମୋ' କବିତାର ମୁଖ୍ୟ ଚରିତ୍ର । ସେମାନଙ୍କର ପ୍ରେରଣା ହିଁ ମତେ ଅନେକ ସମୟରେ କାବ୍ୟମନସ୍କ କରିଛି ।

**■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?**

■■ ମୋ' ଗାଁ ଭୂଇଁର ପ୍ରାକୃତିକ ପରିବେଶ ହିଁ ମତେ ଦେଇଛି ଅସରନ୍ତି ପ୍ରେରଣା । ବୁଢ଼ାନଈ ସେପାରିରେ ଫୁଟିଥିବା ହରେକ୍ ରଂଗର ଫୁଲ, ସାରିସାରି ସୋରିଷ କିଆରି, ନଈ କାନ୍ଥିର କାଶତଣ୍ଡି ଫୁଲ, ଗହଗହ ଆମ୍ବତୋଟା, ଶହଶହ ଚଢ଼େଇଙ୍କ କିଚିରି ମିଚିରି ସ୍ୱର ଓ ଅନନ୍ତ ଆକାଶରେ ଦୂର ଦିଗ୍‌ବଳୟକୁ ସ୍ପର୍ଶ କରୁଥିବା ଥାକଥାକ ବାଦଲକୁ ଦେଖି ମୁଁ ତଲ୍ଲୀନ ହୋଇଯାଏ । ମୁଁ ନିରବରେ ବାରଂବାର ନିଜ ସହ ନିଜେ କଥାହୁଏ । ନିଛାଟିଆ ନଈ କୂଳରେ ଠିଆହେଇ ହାତ ହଲାଏ, ସୂର୍ଯ୍ୟାସ୍ତକୁ ଉପଭୋଗ କରେ । ସେଇ ଝିପିଝିପି ଅନ୍ଧାରକୁ ଲକ୍ଷ୍ୟ କରି ଚିତ୍କାର କରେ । ଆଃ.. ସେଇସବୁ ଶବ୍ଦମାନେ ପୁଣି ଫେରି ଆସନ୍ତି ମୋ' ନିକଟକୁ...!! ଲୋକେ କୁହନ୍ତି, ଏଇଟା ପାଗଳା... ବୁଲା ପାଗଳା...! ମୋର ଅଦ୍ଭୁତ ଭାବଭଙ୍ଗୀକୁ ଲକ୍ଷ୍ୟ କରି ଜନସାଧାରଣ ମତେ 'ପାଗଳା' କହିବା ସ୍ୱଭାବିକ୍ । ମୋ ପରିବାର ଠାରୁ ଆରମ୍ଭ କରି ସମଗ୍ର ମାର୍କଣ୍ଡପୁର ପଞ୍ଚାୟତରେ ମୋର ବିକୃତ ଭାବଭଙ୍ଗୀକୁ ନେଇ ଖୁବ୍ ଚର୍ଚ୍ଚାହୁଏ । 'ମହାପୁରୁଷ ମଣିଦାସ ଉଚ୍ଚ ବିଦ୍ୟାପୀଠ'ରେ ଅଧ୍ୟୟନରତ ବେଳେ ଶ୍ରେଣୀ ଶିକ୍ଷକଙ୍କଠାରୁ ବହୁବାର ମାଡ଼ଗାଳି ଖାଇଛି । କିନ୍ତୁ ସାହିତ୍ୟ ପଢ଼ାଉଥିବା ଶିକ୍ଷକ ଶ୍ରୀଯୁକ୍ତ ଗୟାଧର ପଣ୍ଡା ଥିଲେ କାବ୍ୟ-କବିତାର ଉପାସକ । ସେ କହୁଥିଲେ 'ରମେଶକୁ ମାରଧର କରନ୍ତୁନି ଆଜ୍ଞା । ସେ ଓଡ଼ିଆ ସାରସ୍ୱତ ଜଗତରେ ଜଣେ ପ୍ରଚୁର ସଂଭାବନାମୟ ପ୍ରତିଭା । 'ଭୋକ' ହେଉଛି ମୋ' ସୃଜନ ଯାତ୍ରାର ଏକ ଅନ୍ତରଙ୍ଗ ସାଥୀ । 'ଭୋକ'କୁ ପ୍ରଶମିତ କରିବା ପାଇଁ ଗାଁରୁ ସହର ଯାଏ ଭଂଗା ସାଇକେଲ୍ ଧରି ବୁଲିଛି କର୍ମ ଅନ୍ୱେଷଣରେ...! ତା' ଭିତରେ ବି ଚାଲିଥାଏ ସାହିତ୍ୟ କର୍ମ, ଦୁଃଖୀରଙ୍କିଙ୍କ ସେବା । ୧୯୯୩ ମସିହାରେ 'ପ୍ରଗତିଶୀଳ ସାହିତ୍ୟ ସମାଜ' ପକ୍ଷରୁ ଆୟୋଜିତ କବିତା ପାଠୋତ୍ସବର ମୁଖ୍ୟ ଅତିଥି ପ୍ରଫେସର ନିତ୍ୟାନନ୍ଦ ଶତପଥୀ ସେଦିନ ମୋ ପଠିତ କବିତା 'ଜନଅନ୍ତରାଳେ'କୁ ଉଚ୍ଚ ପ୍ରଶଂସା କରିଥିଲେ । ସେହିଦିନ ଠାରୁ ସେ ପତ୍ର ମାଧ୍ୟମରେ ହେଉ କି ସାକ୍ଷାତରେ ମତେ ପ୍ରେରଣା ଦେଇଆସୁଥିଲେ । ସେ ଥିଲେ ମୋର ପଥପ୍ରଦର୍ଶକ ।

**■ କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ? ବୃତ୍ତି ଓ ପରିବାର କେମିତି ପ୍ରୋତ୍ସାହିତ କରନ୍ତି ଆପଣଙ୍କ କବି ଜୀବନକୁ ?**

■■ ସତ କହିବାକୁ ଗଲେ ସାହିତ୍ୟ ମୋ' ପାଇଁ ଏକ ବୌଦ୍ଧିକ ବିଳାସ ନୁହେଁ, ବରଂ ଜୀବନ ଜୀଇଁବାର ଏକ ରାସ୍ତା । ମୁଁ ଯଦି କବି ନହେଇଥା'ନ୍ତି, ତେବେ ଏକ ଅସାମାଜିକ ଅପରାଧୀ ହୋଇ ଜେଲ୍ ଦଣ୍ଡ ଭୋଗୁଥାନ୍ତି । କାରଣ ମୁଁ ଯେତେବେଳେ ଦୁନିଆଁକୁ ବୁଝିଲି, ମଣିଷ ସମାଜରେ ମିଶିଲି, ସେତେବେଳେ ମୁଁ ଜାଣିଲି କେତେ ଜଟିଳ ସତରେ ଏ ଜୀବନର ପଥ ! ଆତ୍ମୀୟସ୍ୱଜନଙ୍କ ମଧ୍ୟରେ ଗଢ଼ି ଉଠିଥିବା ସଂପର୍କ ସବୁ ସ୍ୱାର୍ଥରେ ବନ୍ଧା । ଅଜାଙ୍କର କୌଣସି ପୁତ୍ର ସଂତାନ ନଥିବାରୁ ମୋର ବାଲ୍ୟ ଜୀବନ ବିତିଥିଲା ଅଜାଆଇଙ୍କ ତତ୍ତ୍ୱାବଧାନରେ...! ପ୍ରାୟ ପଚାଶ ଏକର ପୈତୃକ ସମ୍ପତ୍ତିକୁ ବିକ୍ରୀକରି ମୋ' ଅଜା ସର୍ବହରା ଅସହାୟମାନଙ୍କୁ ଦାନ କରିଥିଲେ । ତାଙ୍କ ବ୍ୟକ୍ତିତ୍ୱ ଆଜି ବି ମୋ' ପାଇଁ ପ୍ରେରଣାର ସ୍ରୋତ ହୋଇ ରହିଛି । ଫଳତଃ ୨୦୧୧ ମସିହା ଠାରୁ 'ବିଦ୍ୟାଧର ଦେବତା ସ୍ମୃତି ପରିଷଦ', କମଳପୁର ଠାରେ ଗଠନ କରାଯାଇ ଅସହାୟ, ସର୍ବହରା, ଦଳିତ ଓ ପତିତାମାନଙ୍କ ପାଇଁ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟକରି ଆସୁଛି । ମୋ' ମଉସା ୰ ଫକିରଚରଣ ପଣ୍ଡା ଓ ମାଉସୀ ମାଳତୀ ଦେବୀ ମତେ ଖୁବ୍ ଭଲ ପାଆନ୍ତି । ମୋ' ସୃଜନ କର୍ମକୁ ଖୁବ୍ ପସନ୍ଦ କରନ୍ତି । ହେଲେ ମୋର ବାପ ମା' କି ଅନ୍ୟ ଦୁଇ ଭଉଣୀ ଓ ଚାରି ଭାଇ ମୋ' କବି କର୍ମକୁ ନାପସନ୍ଦ କରନ୍ତି । କାବ୍ୟ-କବିତା ପ୍ରତି ସେମାନଙ୍କ ମନରେ ନଥାଏ କାଣିଚାଏ ଶ୍ରଦ୍ଧା କି ଭଲ ପାଇବା । ସେଥିପାଇଁ ତ ହେତୁ ପାଇବା ଦିନରୁ ପଡ଼ୋଶୀମାନଙ୍କ ଠାରୁ ଶୁଣିଛି 'ବୁଲା ପାଗଳା'ର ସଂବୋଧନ । ଏବେ ମୁଁ ଅନୁଭବ କରୁଛି, ଯଦି ସେଇ ପ୍ରିୟ ଶତ୍ରୁମାନେ ମୋ' ରାସ୍ତାରେ କଣ୍ଟା ବିଛାଇ ନଥାନ୍ତେ କି ଗାତ୍ ଖୋଳୁ ନଥାନ୍ତେ, ତେବେ ମୁଁ କବି ହେଇପାରି ନଥାନ୍ତି । ମୋ' ମନ ଓ ହୃଦୟର ପ୍ରତିକ୍ରିୟା ହିଁ ମୋର ଶ୍ରେଷ୍ଠ କବିତା । ଦଶ ବର୍ଷ ପୂର୍ବେ ଜଣେ କୃପଣ ଆଇ. ଏସ୍. ଅଫିସର ମୋ' କବିତା 'ଭୋକପାଇଁ ବିଦ୍ରୋହ' ପଢ଼ି ଏତେ ପ୍ରଭାବିତ ହେଲେ ଯେ, ଏବେ ସର୍ବହରା ଓ ଅସହାୟମାନଙ୍କୁ ପ୍ରତିବର୍ଷ ସେ ନିଜ ପିତାଙ୍କ ନାମରେ ଲକ୍ଷାଧିକ ଟଙ୍କା ଦାନ କରୁଛନ୍ତି । ଏହିପରି ଅନେକ୍ ଦୃଷ୍ଟାନ୍ତ ମୋ' କବିତାକୁ ସଫଳ ଓ ପ୍ରଭାବୀ କରିଛି ।

**■ ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ କେତେ ଆଶାବାଦୀ ? କଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ ବୋଲି ଆପଣ ଭାବନ୍ତି ?**

■■ ମୁଁ ଦୃଢ଼ତାର ସହ କହିବି, ତୁଳନାତ୍ମକ ଭାବେ ବିଚାର କଲେ ସମଗ୍ର ବିଶ୍ୱ ସାରସ୍ୱତ ଜଗତରେ ଓଡ଼ିଆ ସାହିତ୍ୟର ସ୍ଥିତି ଭିନ୍ନ ଓ ସ୍ୱତନ୍ତ୍ର । ସଂପ୍ରତି ଓଡ଼ିଆ ଭାଷାରେ ଲେଖାଯାଉଥିବା କବିତା, ଗଳ୍ପ, ପ୍ରବନ୍ଧ, ନାଟକ ଓ ଶିଶୁ ସାହିତ୍ୟ ଆଦି ବେଶ୍ ଉଚ୍ଚକୋଟିର...! ଏବେ ତ ସରକାରୀ ପ୍ରୋତ୍ସାହନ ଓ ଅନ୍ତର୍ଜାତୀୟ କଂପାନୀମାନଙ୍କ ପ୍ରୋତ୍ସାହନରେ ସାହିତ୍ୟର ପ୍ରଚାର ପ୍ରସାର ଚାଲିଛି । ଓଡ଼ିଆ ଭାଷାର ଚେର ବିଶ୍ୱ ଦରବାର ଯାଏ ପରିବ୍ୟାପ୍ତ । ହଁ, ଅନ୍ୟ ଭାଷାର ଶବ୍ଦମାନଙ୍କର ଅନୁପ୍ରବେଶ ବୃଦ୍ଧ ଘଟିଛି ! ଶୁଦ୍ଧ ଓ ସଂସ୍କୃତି ସଂପନ୍ନ ଓଡ଼ିଆ ଭାଷା-ସାହିତ୍ୟକୁ ଲୋକାଭିମୁଖୀ କରିବା ପାଇଁ ସରକାରୀ ପ୍ରଚେଷ୍ଟା ଓ ପ୍ରୋତ୍ସାହନ ଜରୁରୀ । ଶିକ୍ଷା ବିଭାଗରେ ପ୍ରଥମରୁ ଉଚ୍ଚତମ ଶିକ୍ଷା ପଦ୍ଧତିର ପରିବର୍ତ୍ତନ ଆବଶ୍ୟକ । ଗ୍ରାମାଞ୍ଚଳରେ ରହି ଭାଷା ସାହିତ୍ୟର ସମୃଦ୍ଧି ପାଇଁ ଅବିରତ କାର୍ଯ୍ୟକରୁଥିବା ଲେଖକମାନଙ୍କୁ ସର୍କାରୀ ଭତ୍ତା ପ୍ରଦାନ କରାଯିବା ଉଚିତ୍ । କିନ୍ତୁ ଦୁଃଖର କଥା ଯେ ଓଡ଼ିଆ ସାହିତ୍ୟ ଆଜି ରାଜନୀତିର ପଶାପାଲି ଭିତରେ ଚାପି ହୋଇ ପ୍ରତି ମୂହୁର୍ତ୍ତରେ ଚିତ୍କାର କରୁଛି, ହେଲେ ଭାଷର ସୁରକ୍ଷା ପାଇଁ ଦାୟିତ୍ୱ ନେଇଥିବା ଅଧିକାରୀମାନେ ନିଜର ଅପାରଗତା ପ୍ରମାଣ କରିସାରିଛନ୍ତି । ଓଡ଼ିଆ ଭାଷା ସାହିତ୍ୟର ଅଭିବୃଦ୍ଧି ପାଇଁ ପ୍ରତିଷ୍ଠିତ ରାଜ୍ୟର ଏକମାତ୍ର ସରକାରୀ ସଂସ୍ଥା 'ଓଡ଼ିଶା ସାହିତ୍ୟ ଏକାଡେମୀ'ର ପକ୍ଷାଘାତ ରୋଗ ପାଇଁ ଦାୟୀ କିଏ ?

**■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?**

■■ ମାତୃଭାଷା କେବେ ବି ସଂକଟରେ ନଥିଲା, ଏବେ ବି ଆମ ଭାଷା ସଂକଟ ମୁକ୍ତ । ହଁ, ଆପଣ ଯଦି କହୁଥାନ୍ତି ଯେ ଅନ୍ୟାନ୍ୟ ଭାଷାର ପ୍ରଭାବ ଆମର ମୂଳ ଭାଷାକୁ ବିକଳାଙ୍ଗ କରିଦେଉଛି କି ? ତେବେ ମୁଁ କହିବି ଓଡ଼ିଆ ଭାଷାର ପ୍ରଭାବରେ ବି ବଙ୍ଗଳା ସାହିତ୍ୟ ସମୃଦ୍ଧ ହୋଇଛି । ଉଦାହରଣ ସ୍ୱରୂପ 'ପାନୀୟ ଜଳ ବା ପିଇବା ପାଣି'କୁ ବଙ୍ଗାଳା ଭାଷାରେ କୁହାଯାଏ 'ଖାବାର ଜଲ୍' । କିନ୍ତୁ 'କଠିନ ଖାଦ୍ୟ ସାମଗ୍ରୀ'କୁ ଓଡ଼ିଆ ଭାଷାରେ କୁହାଯାଏ 'ଖାଇବା ଚିଜ ବା ଖାଇବା ଜିନିଷ' । ତେବେ ତାଙ୍କ ଭାଷାରେ ଅଭାବ ଅନୁଭୂତ ହେଉଥିବା 'ପିଇବା' ଶବ୍ଦକୁ ସେମାନେ ଭବିଷ୍ୟତରେ କ'ଣ ଆମ ଶବ୍ଦ ଭଣ୍ଡାରରୁ ଚୋରି କରିବେ କି ନାହିଁ ? ହଁ, ଏପରି ଅବୈଧ ଚୋରିକୁ ରୋକିବା ପାଇଁ ପ୍ରଥମତଃ ଶିକ୍ଷାବିତ୍‌ମାନଙ୍କର ଶବ୍ଦ ସଂଯମତା ଜରୁରୀ । ଅନୁପ୍ରବେଶକାରୀ ଶବ୍ଦ ଗୁଡ଼ିକୁ ଶିକ୍ଷା ସଂସ୍ଥାମାନଙ୍କରୁ ବାଦ୍‌ଦେବା ଉଚିତ୍ । କେବଳ ଶିକ୍ଷା ନୁହେଁ ସଂଗୀତ ଜଗତରେ ମଧ୍ୟ ଯଦି କିଛି ବିଦେଶୀ ଶବ୍ଦ ପ୍ରୟୋଗରେ ସେହି ଗୀତଟି ଶ୍ରୁତି ମଧୁର ହେଉଥାଏ; ତେବେ ସେହି ଗୀତକୁ ପୁରସ୍କୃତ କରାନଯାଇ କେବଳ ମନୋରଞ୍ଜନର ମାଧ୍ୟମ ଭାବରେ ଗ୍ରହଣ କରାଯାଉ । ପ୍ରିଣ୍ଟିଂ ମିଡିଆରେ ଦୈନିକ ପ୍ରକାଶିତ ଖବରମାନଙ୍କରେ ହୁଡ଼ାଚଢ଼ା ଶବ୍ଦ ସଂଯୋଜନା ସହିତ ବ୍ୟାକରଣ ଗତ ଅଶୁଦ୍ଧି ମଧ୍ୟ ଦେଖାଯାଏ । ଏହାଛଡ଼ା ଇଲେକ୍ଟ୍ରୋନିକ୍ସ ମିଡିଆରେ ମଧ୍ୟ ଓଡ଼ିଆ ଭାଷା ସହିତ ଇଂରାଜୀ ଓ ହିନ୍ଦୀ ଭାଷା ପ୍ରୟୋଗ ବହୁଳ ପରିମାଣରେ କରାଯାଉଛି । ଓଡ଼ିଆ ଭାଷାକୁ ଅପଭ୍ରଂଶ କରୁଥିବା ମିଡିଆମାନଙ୍କ ପାଇଁ ସର୍କାରୀ ନିୟମାବଳୀ ରହିବା ଆବଶ୍ୟକ ।



ମା' ସେବତୀ ପତିଙ୍କ ସହ କବି ରମେଶ ପତି

**■ ଭଲ କବିତାର ସଂଜ୍ଞା କ'ଣ ? ସାହିତ୍ୟ ମାଧ୍ୟମରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ?**

■■ ଶବ୍ଦରେ ଶବ୍ଦ ଯୋଡ଼ି ଦେଲେ କବିତା ସୃଷ୍ଟି ହୁଏ ନାହିଁ । ଚେତନାର ଆଧାରରେ ଯେଉଁ ଭାବନାର ସ୍ଫୁରଣ ହୃଦୟକୁ ଆନ୍ଦୋଳିତ କରେ ଏବଂ ସେସବୁକୁ ଦୀର୍ଘ କାଳଯାଏ ବାନ୍ଧି ରଖିବା ପାଇଁ ଉଚିତ୍ ଶବ୍ଦ ପ୍ରୟୋଗ ଦ୍ୱାରା ଯାହା ସୃଷ୍ଟି ହୁଏ; ତାକୁ ହିଁ କୁହାଯାଏ 'କବିତା' । ଯଦି ସେହି ସୃଷ୍ଟି-ସର୍ଜନା ପାଠକର ହୃଦୟକୁ ଅନନ୍ତ କାଳଯାଏ ଆନ୍ଦୋଳିତ କରେ, ହୃଦୟକୁ ତଲ୍ଲୀନ କରେ, ତାକୁ କୁହାଯାଏ କାଳଜୟୀ କବିତା । ଭଲ କବିତାଟେ ସବୁବେଳେ ଜୀବନ ସହ ଯୋଡ଼ିହୋଇ ରହିଥାଏ । ବିଶ୍ୱ ସାହିତ୍ୟକୁ ଅଧ୍ୟୟନ କଲେ ଯାହା ଜଣାଯାଏ, 'କବିତା ସବୁବେଳେ ପରିବର୍ତ୍ତନଶୀଳ' । 'କବିତା'ର ପ୍ରଭାବରେ ବଦଳିଛି ସାଧାରଣ ଜନତାଙ୍କ ମାନସିକ ସ୍ଥିତି... ବଦଳିଛି ଜୀବନ ଜୀଇଁବାର ଧାରା... ପ୍ରଚୀନକୁ ଭାଂଗି ନୂଆ ସଭ୍ୟତା ସୃଷ୍ଟି କରିବାର ମୁଖ୍ୟ ସୂତ୍ରଧର ହିଁ 'କବିତା'...! କବିତା ସବୁ ଯୁଗରେ... ସବୁ ସମୟରେ ହୃଦୟ ସହ ହୃଦୟକୁ ଯୋଡ଼େ ଏବଂ ନୂଆ ସଂପର୍କ ସୃଷ୍ଟି କରେ...!! ଆପଣଙ୍କ ଜଟିଳ ପ୍ରଶ୍ନର ମୁଁ ଯାହା ଉତ୍ତର ଦେଇଛି, ତାହା ଆପଣଙ୍କୁ ବିସ୍ମିତ କରିପାରେ...! କିନ୍ତୁ ତା'ର ଯଥେଷ୍ଟ ଉଦାହରଣ ମୋ ପାଖରେ ଅଛି । ସେସବୁକୁ ପରିପ୍ରକାଶ କରିବାର ଅବକାଶ ଏବେ ନାହିଁ । କିନ୍ତୁ କବିତା ମତେ ଦେଇଛି ଶାନ୍ତି ଆଉ ତୃପ୍ତି । ବଦଳାଇ ଦେଇଛି ମୋ' ଜୀବନର ଗତି । ମୁଁ ନିଜେ ସୃଷ୍ଟି କରିଥିବା କବିତାମାନେ ଏକାନ୍ତରେ ମୋ' ପାଖକୁ ଆସନ୍ତି ! ଅବଚେତନ ଭିତରେ ମତେ ବାରମ୍ବାର ପ୍ରଶ୍ନ କରନ୍ତି । ପ୍ରବୀଣ ଓକିଲ ପରି ମତେ ଜେରା କରନ୍ତି । କୋଳେଇ ନିଅନ୍ତି...ପୁଣି ଗେହ୍ଲା କରନ୍ତି । ଠିକ୍ ସେଇ ସମୟରେ ମୁଁ ପାଗଳ ପ୍ରାୟ କବିତାମାନଙ୍କୁ ଖୋଜେ ଦଳିତ ବସ୍ତିରେ... ମୋ' ଗାଁ ସେମୁଣ୍ଡର ପଚପଚ କାଦୁଅ ଭିତରେ ଶଢୁଥିବା ହରିଜନ ବସ୍ତିର କଂକାଳ ମଣିଷ ଭିତରେ...! ସେଇମାନଙ୍କ ଦୁଃଖ-ଯନ୍ତ୍ରଣାର ଆଧାରରେ ରଚିତ କବିତା ଆଜି ବି ଲୁହ ନିଗାଡୁଛନ୍ତି ମୋ' ଅଳିଆ ଅବର୍ଜନାମୟ କୋଠରୀରେ ପଡ଼ିଥିବା ଟୁକୁରା ଫର୍ଦ୍ଦମାନଙ୍କରେ...।

**■ ଜଣେ କବି-ସଂପାଦକ ଓ ପ୍ରକାଶକ ଭାବରେ ଓଡ଼ିଆ ଭାଷା, ସାହିତ୍ୟର ଭବିଷ୍ୟତକୁ ନେଇ ଆପଣ କେତେ ଆଶାବାଦୀ ?**

■■ ପ୍ରତ୍ୟେକ ଲେଖକଙ୍କ ମନରେ ସମ୍ଭାବନାମୟ ସ୍ରୋତଟେ ପ୍ରବାହିତ ହେଉଥାଏ । ସେଥିପାଇଁ ତ ସୃଷ୍ଟି-ସର୍ଜନା, ପତ୍ରିକା ସଂପାଦନା ଓ ସୁନ୍ଦର ପରିପାଟୀ ଯୁକ୍ତ ପୁସ୍ତକ ପ୍ରକାଶନ ଓ ସାହିତ୍ୟ ସଂଗଠନ କାର୍ଯ୍ୟ ଆଦି ଅବିରତ ଚାଲିଥାଏ । ମୁଁ ଚାହେଁ, ମୋ' ଭାଷା... ମୋ' ସାହିତ୍ୟ ବିଶ୍ୱ ସାହିତ୍ୟକୁ ଅତିକ୍ରମ କରିଯାଉ । ମୋ' ଚିନ୍ତାଧାରା ଆପଣଙ୍କୁ ଅବାନ୍ତର ଲାଗିପାରେ... କିନ୍ତୁ ମୋର ପରିକଳ୍ପନା ଅବାସ୍ତବ ନୁହେଁ । ଓଡ଼ିଆ ଶବ୍ଦକୋଷକୁ ଯଦି ଆପଣ ଆକଳନ କରିବେ ତେବେ ଆପଣଙ୍କ ମନରେ ବିଶ୍ୱାସ ଉଦ୍ରେକ ହେବ । ଓଡ଼ିଆ ଭାଷାରେ ଗୋଟେ ଶବ୍ଦର ଶତାଧିକ ପ୍ରତିଶବ୍ଦ ଅଛି । ଗୋଟେ ଶବ୍ଦର ଅନେକ୍ ପ୍ରତିଶବ୍ଦ ଅନ୍ୟ କୌଣସି ଭାଷାରେ ନାହିଁ ।

**■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?**

■■ ପୁରସ୍କାର ପ୍ରାପ୍ତିର ଘୋଡ଼ା ଦୌଡ଼ରେ ଅନେଶତ ଭାଗ ସୃଜନଶୀଳ ପ୍ରତିଭାମାନେ ସାମିଲ ହୋଇଛନ୍ତି । ଏଠି ବି ସେଇ ସାମନ୍ତବାଦୀ ମାନସିକତା । ସାହିତ୍ୟ ଜଗତରେ ଯିଏ ଯେତେ ମୂଲ୍ୟର ପୁରସ୍କାର ପାଉଛି, ସିଏ ସେତେ ବଡ଼ ସାହିତ୍ୟିକ । ରାଜ୍ୟ କି ଜାତୀୟସ୍ତରରେ ଗଠିତ ପୁରସ୍କାର ଚୟନ କମିଟିରେ ରହିବା ପାଇଁ ବି ଲାଂଚ କାରବାର । ଅର୍ଥାତ୍ ସରସ୍ୱତୀଙ୍କ ଆଶୀର୍ବାଦ ପ୍ରାପ୍ତି ପାଇଁ ଲକ୍ଷ୍ମୀଙ୍କ ସହାୟତା ଜରୁରୀ । ଏହା ସତ୍ୟ ଯେ ପ୍ରତ୍ୟେକ କାର୍ଯ୍ୟର ଉପଯୁକ୍ତ ମୂଲ୍ୟାଙ୍କନ ହେବା ଦର୍କାର । ପ୍ରତ୍ୟେକ ସୃଜନଶୀଳ ସ୍ରଷ୍ଟାଙ୍କ ମନୋବଳ ବୃଦ୍ଧି କରିବା ପାଇଁ ପ୍ରୋତ୍ସାହନ ନିହାତି ଆବଶ୍ୟକ । ତା'ମାନେ ନୁହେଁ ଯେ ପାଠକର ମନୋଭାବକୁ ଆକଳନ ନକରି ନିଜ ସୃଷ୍ଟିକୁ ସର୍ବଶ୍ରେଷ୍ଠ ଘୋଷଣା କରିବା ସହ କଳେ-ବଳେ-କୌଶଳେ ପୁରସ୍କାର / ସମ୍ମାନ ହାତେଇବା...! ମୋ' ମତରେ ସମକାଳୀନ ଓଡ଼ିଆ କବିତାର ଆକାଶ ମଂଡଳରେ ସ୍ୱପ୍ନ ରଂଗର ସୂର୍ଯ୍ୟଟେ ଉଇଁ ସାରିଛି ନୂତନ ପିଢିର କବିଙ୍କୁ ନେଇ । ସେମାନେ ଦିନେ ଆଲୋକିତ କରିବେ ସମଗ୍ର ବିଶ୍ୱ ସାହିତ୍ୟକୁ...! କବିତାରେ ନୂଆ ଯୁଗ ସୃଷ୍ଟି କରିବା ପାଇଁ ପ୍ରୟାସ ଜାରି ରଖିଥିବା କବିମାନେ ପ୍ରଥମେ ସ୍ୱଚ୍ଛ, ନମ୍ର ଓ ସମ୍ବେଦନଶୀଳ ହୁଅନ୍ତୁ । ଅତୀତକୁ ସ୍ମରଣ କରିବା ସହ ପରିବର୍ତ୍ତନଶୀଳ ସୁସ୍ଥ ସମାଜ ନିର୍ମାଣରେ ସହାୟ ହୁଅନ୍ତୁ । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ବଞ୍ଚେଇବା ଆମର ଲକ୍ଷ୍ୟ ନୁହେଁ ବରଂ ଦାୟିତ୍ୱ ହେବା ଆବଶ୍ୟକ । ♥♥



ସ୍ମୃତି ଗୋଟେ ରୂପାଜହ୍ନ : ପ୍ରଥମ କବିତା ସଂକଳନ 'ନଜରବନ୍ଦୀ'ର ଉନ୍ମୋଚନ ଉତ୍ସବରେ କବ ରମେଶ ପତି ।



ସମ୍ବର୍ଦ୍ଧିତ ହେବାର ଗରିମାମୟ ମୁହୂର୍ତ୍ତ...

# ଧାରାବାହିକ ଅନୁବାଦ ଉପନ୍ୟାସ



# ପୂର୍ଣ୍ଣମିଦମ୍

ହିନ୍ଦୀ ମୂଳ- ସରୋଜ କୌଶିକ
ଅନୁବାଦ- ନମିତା ପାଇକରାୟ



ହିନ୍ଦୀ ସାହିତ୍ୟର ଏକ ବହୁ ଚର୍ଚ୍ଚିତା କଥାଶିଳ୍ପୀ ସରୋଜ କୌଶିକ । ତାଙ୍କର ଜନ୍ମ ୦୬ ଅକ୍ଟୋବର ୧୯୪୦ରେ ଫିରୋଜପୁର ପଞ୍ଜାବ ଅଖଣ୍ଡ ଭାରତରେ ହୋଇଥିଲା । 'ସେ କରାଚୀ, ବମ୍ବେ, କଲିକତାରୁ ଶିକ୍ଷା ଲାଭ କରିଛନ୍ତି । ସମାଜସେବା, ସଂଗୀତ ଏବଂ ପଢ଼ା ଲେଖାରେ ରୁଚି, ମା'ଠାରୁ ପ୍ରଭାବିତ ହୋଇଛନ୍ତି । ବାପାଙ୍କଠାରୁ ସେ ପାଇଛନ୍ତି ନିର୍ଲିପ୍ତତା । ବର୍ତ୍ତମାନ ସୁଦ୍ଧା ତାଙ୍କ ଲେଖନୀ ଚଳଚଞ୍ଚଳ । ତାଙ୍କ ରଚିତ 'ପୂର୍ଣ୍ଣମିଦମ୍'ଉପନ୍ୟାସଟି ତାଙ୍କର ହିନ୍ଦୀ ସାହିତ୍ୟ ଜଗତରେ ବହୁ ଚର୍ଚ୍ଚିତ ଉପନ୍ୟାସ ।

**ନମିତା ପାଇକରାୟଙ୍କ ଦ୍ୱାରା ଅନୁଦିତ 'ପୂର୍ଣ୍ଣମିଦମ୍' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ଭାଗ-୭
(ପୂର୍ବ ପ୍ରକାଶିତ ଉତ୍ତାରୁ)

ଟୁକ୍‌ଟୁକୀ ବିଗିଡ଼ିଯାଇ କହିଲା, କଲିକତା ଗଲେ କଣ ଘାସ ଖାଇବା ?

'କାଇଁ ? ଭିକ ମାଗି ପେଟ ପୋଷି ପାରିବାନି ?' ତା' କଣ୍ଠରେ କୋହ ଥିଲା ।

ଟୁକ୍‌ଟୁକୀ ତାକୁ ପ୍ରବୋଧନା ଦେଲା, 'ଲଜ୍ଜା ବୋଲି କିଛି ଅଛି ନା ନାହିଁ ? ସ୍ୱାମୀ ବାବା ତୋ ପାଇଁ ସ୍ୱପ୍ନ ଦେଖୁ ଦେଖୁ ମରି ଗଲେ । ସେ ତୋତେ କାହା କନ୍ୟା ଗୋଟେ କହୁଥିଲେ ?

ରିଚା ଲୁହଭରା ଆଖି, ଭିଜା କଣ୍ଠରେ କହିଲା, 'ଦେଖ ତୁ ଟୁକଟୁକୀ କାଲି ଭୋରରୁ, ମାନେ ଅଳସ ଭୋରରୁ ଆସିବୁ ମଠକୁ । ମୁଁ ତୋ ସହ ବାହାରି ଯିବି, ଯଦି ନ ଆସିବୁ ମୁଁ ମରିଯିବି ।

ଟୁକଟୁକୀ ବ୍ୟସ୍ତ ହୋଇ କହିଲା, 'ସେମିତି କହନା ତୋ ଭାଗ୍ୟରେ କଲିକତା ଅଛି, ମୃତ୍ୟୁ ନାହିଁ । ତୁ ବ୍ୟସ୍ତ ହେବୁନି, ଆମେ କଲିକତା ବାହାରିଯିବା ।'

ରାତିରେ ବର୍ଷା ହେଉଥିଲା । ରିଚାର ମନସ୍ଥିତି ଉପରେ ପ୍ରକୃତି ବି ବର୍ଷା ହୋଇ ଲୁହ ଝାରୁଥିଲା । ସେ ନିରେଖି ଚାହିଁଲା । ଝରକା କୋଣରେ ଗୋଟିଏ ପିମ୍ପୁଡ଼ି ବର୍ଷାରେ ଭିଜି ଅଟକି ଯାଇଛି । ଆଗକୁ ଯିବାକୁ ବାରମ୍ବାର ଚେଷ୍ଟା କରୁଛି । କିନ୍ତୁ ସେ ହାର ମାନିବାକୁ ପ୍ରସ୍ତୁତ ନୁହେଁ କି ମୃତ୍ୟୁକୁ ସମର୍ପିତ ହେଉନାହିଁ । ରିଚାକୁ ପିମ୍ପୁଡ଼ି ଭିତରେ ନିଜର ଅସ୍ତିତ୍ୱ ଦେଖାଗଲା । ସେ ନିଜ ପାଇଁ ନିଜେ ନିର୍ଣ୍ଣୟ ନେବାକୁ ସମର୍ଥ ହୋଇଗଲା । ବ୍ରହ୍ମ ମୁହୂର୍ତ୍ତର ସମୟ, ଟୁକଟୁକୀ ଓ ବାସୁ ମଠରେ ଥିଲେ । ସେଇଠୁ ସେମାନେ ଷ୍ଟେସନକୁ ବାହାରି ଗଲେ । ତିନିଜଣ ଯାକ ଟ୍ରେନରେ ଚଢ଼ିଗଲେ । ତିନିଜଣ ଯାକ ଗାଁର ଚର୍ଚ୍ଚାକୁ ଭୂକ୍ଷେପ କରିବେନି ବୋଲି କଥା ହେଲେ । ନିଜ ନିଜ ପରିବାରକୁ ବି କିଛି ନ କହି ଛାଡ଼ି ଆସିଥିଲେ ସମସ୍ତେ । କେବଳ ରିଚା ପାଇଁ, ରିଚାର ଅସ୍ତିତ୍ୱକୁ ଶକ୍ତ କରିବା ପାଇଁ ସେମାନେ କଲିକତା ଚାଲି ଆସିଲେ । ରିଚାର ସନ୍ଦେହ ସତ ହେଲା । ଟୁକଟୁକୀ କଲିକତା ଆସିବାର ଖବର ବୀରେଶ୍ୱରକୁ ଦେଇ ଦେଇଥିଲା । ରିଚାର ଦୁର୍ଘଟଣା ବିଷୟରେ କହିବା ଜରୁରୀ ଥିଲା ।

ବୀରୁ ଫୋନ ପାଇ ସ୍ତବ୍ଧ ହୋଇ ଯାଇଥିଲା । ମୁହଁ ଶ୍ୱେଥା ପଡ଼ିଯାଇଥିଲା । ଇତି ଯେତେବେଳେ ବୀରେଶ୍ୱରର ଏ ଅବସ୍ଥା ଦେଖିଲା, ସେ ଜାଣିଗଲା ଆସିଥିବା ଫୋନ ନିଶ୍ଚୟ କୌଣସି ଦୁର୍ଘଟଣା ବିଷୟରେ ହୋଇଥିବ । ଉତ୍ସୁକତାର ସହ ପଚାରିଲା ଇତି, 'କଣ ହେଲା ବୀରୁ ?'

କଣ ଉତ୍ତର ଦେବ ବିରୁ । ଏମିତି ପ୍ରଶ୍ନର ଉତ୍ତର ନଥାଏ । ଏମିତି ଦୁର୍ଘଟଣା ପାଇଁ ଶବ୍ଦ ମିଳେନି, ସଂକୋଚରେ ମଥା ନଇଁଯାଏ । କାହିଁକି ରିଚା ସହ ଏମିତି ସବୁ ଘଟୁଛି ? ତା' ଜୀବନକୁ କିଏ ଅନ୍ଧାରକୁ ଠେଲି ଦେଉଛି ? ଆଦିମ ଅନ୍ଧାରକୁ । ରିଚା ଆସୁଛି ମାନେ ଇତିକୁ ସବୁ କଥା ଖୋଲା ଖୋଲି କହିବାକୁ ପଡ଼ିବ ।

ବୀରୁ ସଂକୋଚଭରା କଣ୍ଠରେ କହିଲା, 'ଇତି ତୁମର କୌଣସି ଅସୁବିଧା ହେବନି, ଯଦି ସେ ତିନି ଜଣଙ୍କୁ ଏଇଠିକୁ ନେଇ ଆସେ ? ଏମିତି ସମୟରେ ଗୌରା କିମ୍ବା ବାବୁସା ସାମ୍ନାକୁ ରିଚା ଯିବାକୁ ଚାହିଁବନି ନିଶ୍ଚୟ ।'

ଇତି ତୁରନ୍ତ ଉତ୍ତର ଦେଲା, ତୁମେ ମୋତେ ପଚାରୁଛ ନା ନିର୍ଣ୍ଣୟ ଶୁଣାଉଛ ? ମୋତେ ପଚାରି ମୋର ଅପମାନ ନକରିଥିଲେ ଭଲ ହୋଇ ଥାଆନ୍ତା । ବିନା ପଚାରି ଆଣିଥିଲେ ଏଠିକୁ ମୋ ସମ୍ମାନର ମାନ ବଢ଼ିଥାଆନ୍ତା । ଛାଡ଼ ଗୋଟିଏ କଥାକୁ ଶୁଣ ବୀରୁ, ରିଚାର ଯନ୍ତ୍ରଣାକୁ ସମ୍ମାନ ଦେଖାଇବ, ଦୟା ନୁହେଁ । ଆଦରରେ ଦୁଃଖର ବ୍ୟଥା ଆହୁରି ଅଧିକ ହୋଇଯାଏ । ବୁଝିଲ ତ ?'

କୁହୁଡ଼ି ଭରା ଶୀତ ସକାଳ । ରିଚାର ଅବସ୍ଥା କଥା ଭାବି ଭାବି ଭୟର ଏରୁଣ୍ଡିରେ ବୀରୁ ଠିଆ ହୋଇଥାଏ । ରିଚା କଥା କଳ୍ପନା କରିବାକୁ ଅସମର୍ଥ ଯେମିତି ବୀରୁ । ଟ୍ରେନ୍ ଆସିବାକୁ ଅପେକ୍ଷା କରି କରି ଟ୍ରେନ୍ ଶେଷରେ ପହଞ୍ଚିଲା । ବୀରୁ ଉଠିଗଲା ଟ୍ରେନ ଭିତରକୁ ଏ ଡବାରୁ ସେ ଡବା ଦୌଡ଼ି ଦୌଡ଼ି ଖୋଜିଲା ଏମାନେ ସବୁ କୋଉ ଡବାରେ ଅଛନ୍ତି ?

ହଠାତ୍ ତାକୁ ବାସୁର କଥାବାର୍ତ୍ତା ଶୁଭିଲା ।

ତା' ପରେ ବାସୁ ଚିଲ୍ଲେଇଲା ବୀରୁ.... ବୀରୁ । ଆଖି ପିଛୁଳାକେ ଟୁକଟୁକୀ ବୀରୁକୁ ଯାବୁଡ଼ି ଧରି ଜୋର ଜୋରରେ କାନ୍ଦିବାକୁ ଲାଗିଲା । ରିଚା ବୀରୁକୁ ଦେଖି କହିଲା, ମନେ ମନେ ମୋର ବି ବହୁତ ତୁମକୁ ଧରି କାନ୍ଦିବାକୁ ଇଚ୍ଛା ହେଉଛି, ହେଲେ ଛାଡ଼, ମୋ ଭାଗର କାନ୍ଦ ତ ଟୁକଟୁକୀ କାନ୍ଦି ସାରିଲାଣି । ମୋତେ ବୋଧେ ମୋ ଗ୍ଲାନି ବୋଧରୁ ବଞ୍ଚେଇବାକୁ ଚେଷ୍ଟା କରୁଛି, ସମସ୍ତେ ଚୁପ୍‌ଚାପ ଥିଲେ । ରାସ୍ତାରେ ଟ୍ୟାକ୍ସିର ଶବ୍ଦ କେବଳ ଶୁଭୁଥିଲା । ନୀରବତା ଭଙ୍ଗ ସମୟ ବୋଧେ ପାଖେଇ ଆସୁଥିଲା । ବିସ୍ଫୋଟକ କ୍ଷଣ କେଉଁଠି ଉପସ୍ଥିତି ହେବ କେହି ଜାଣି ନାହାନ୍ତି । କିନ୍ତୁ ଏ ନୀରବତା ସାର୍ଥକ ଥିଲା ।

ଇତି କବାଟ ଖୋଲିଲା ମାତ୍ରେ ରିଚାକୁ କୋଳେଇ ନେଲା । ସେତିକି ବେଳେ ଟୁକଟୁକୀ ପଚାରିଲା, 'ତୁମେ ଇତି ଦିଦି ନା ?'

'ଆଚ୍ଛା, ଇତି ଦିଦି ଆମେ ଆଗେ ଚା' ଟିକେ ପିଇବୁ ।'

ଇତି ହସିଲା, ହଁ ହଁ ଚାଲ ସବୁ ଭିତରକୁ, ମୁଁ ସବୁ କରି ଦେଉଛି । ଇତି ଓ ଟୁକଟୁକୀ ଭିତରକୁ ଚାଲି ଗଲେ ବାସୁ ଉପର ଘରକୁ ଜିନିଷପତ୍ର ଧରି ଗଲା । ବୈଠକଖାନାରେ ରିଚା ଓ ବୀରୁ ରହିଗଲେ । ରିଚା କହିଲା, ବୀରୁ ଗୋଟେ କଥା ମାନିବ ମୋର । ମୋ ପାଇଁ ବ୍ୟସ୍ତ ହେବନି । ମୁଁ ତୁମ ସହ ଛଳନା କରୁନି । ମୋ ମନସ୍ଥିତିର ଅବସ୍ଥା ଏମିତିକି, ମୁଁ ଛଳନା କରି କେଉଁଠି ବି ବଞ୍ଚି ପାରିବିନି । ଖାସ କରି ତୁମ ସହ ।'

ବୀରୁ କେବଳ ତାର ବେକ ହଲାଇ ଦେଲା । ମାତ୍ର ସେତିକିରେ ଦୁହିଁଙ୍କ ଆଖିରେ ଦୁହିଁଙ୍କ ପ୍ରତି ଏକ ପ୍ରଗାଢ଼ ବିଶ୍ୱାସ ଭରିଗଲା ସଂକଳ୍ପରେ । ଚା' ଜଳଖିଆ ସବୁ ଆସିଲା, ରିଚା କିନ୍ତୁ କେବଳ ଔପଚାରିକତା ଦୃଷ୍ଟିରୁ ଅଳ୍ପ ଖାଇଲା, ତାର ମୁହଁକୁ କିଛି ନେବାକୁ ଇଚ୍ଛା ହେଉନଥିଲା । ଇତି ଓ ବୀରୁ ଦୁହେଁ ଅଫିସ ବାହାରିଗଲେ । ରିଚା ଉପର ଘରକୁ ଯାଇ ବିଛଣାରେ ଗଡ଼ିଗଲା । ଜୀବନକୁନେଇ ଯେତେ ପ୍ରଶ୍ନ ତା' ମନରେ ଉଙ୍କି ମାରୁଥିଲା, କାହାର ସମାଧାନ ମିଳୁ ନଥିଲା । ପ୍ରଶ୍ନର ଅନ୍ତରାଳେ ରହିଗଲା ସବୁ ଉତ୍ତରର ଇତିହାସ । ସେ ଟୁକଟୁକୀର କଥା ଶୁଣୁଥିଲା, ଯେତେବେଳେ ସେ ଇତିକୁ କହୁଥିଲା, 'ଜାଣିଛ ଇତି ଦିଦି, ରିଚା ଭିତରେ ଅଛି ଏକ ପ୍ରଚଣ୍ଡ କ୍ଷମତା । ଏମିତି ସେ ବେଶୀ ସମୟ ରହି ପାରିବେନି ।'

ତାର ଅନେକ କଥା ମନେ ପଡ଼ିଯାଉଥିଲା । ମନେ ପକାଇ ମନେ ମନେ ହସିଲା ରିଚା । ଉଦାସୀନତା ସହ ଯୁଦ୍ଧ କରି ତାକୁ ଜିତିବାକୁ ପଡ଼ିବ । ଯୁଦ୍ଧ, ଯାତ୍ରା ଓ ଯନ୍ତ୍ରଣା ସହ ମୁକାବିଲା କରିବାକୁ ପଡ଼ିବ । ଘର ଭିତରୁ ବାଲକୋନୀକୁ ଆସି ଚାହିଁଲା । ଦେଖିଲା ଗଙ୍ଗାନଦୀରେ ଜଳ ପ୍ରବାହିତ ହେଉଥିଲା । ତରଙ୍ଗ ପରେ ତରଙ୍ଗ । ହର-ହର-ହର ଆପେ ବାହାରି ଆସିଲା ମୁହଁରୁ । ସେ ତଟସ୍ଥ ହୋଇ ଚାହିଁ ରହିଲା । ଦୃଶ୍ୟ ସାକ୍ଷୀ, ନିଃସଙ୍ଗ, ନିସ୍ପନ୍ଦ, ନିସ୍ତରଙ୍ଗ ଦେଖି ଚାଲିଥିଲା ରିଚା । କେବଳ ଚାହିଁ ରହିଥିଲା । ନଦୀର ଦୁଇ ତଟ ଯେମିତି ତାକୁ କହୁଥିଲେ ଯୋଡ଼ି ହେବୁନିକି ଛାଡ଼ି ଯିବୁନି । ଦୁଇଟି ଯାକ ଅବସ୍ଥାକୁ ଗ୍ରହଣ କରି ଆଗକୁ ବଢ଼ିବାକୁ ହେବ । ଗଙ୍ଗା ପରି କ୍ରିୟା ପ୍ରକ୍ରିୟା କୂଳରେ ଜୀବନକୁ ଆଗକୁ ନେବାକୁ ହୁଏ । ରିଚା ମୁହଁରୁ ଆପେ ଆପେ ବାହାରି ଆସିଲା, 'ହଁ ମୁଁ ଯୁଦ୍ଧ ପାଇଁ ଓ ଯାତ୍ରା ପାଇଁ ବି ଦୁଇଟି ଯାକ ପାଇଁ ପ୍ରସ୍ତୁତ ଅଛି ।' ଶରୀରରେ ସ୍ପନ୍ଦନ ହେବାକୁ ଲାଗିଲା ।

ଟୁକଟୁକୀ ଟିକେ ଚା' ଜଳଖିଆ ତା' ପାଇଁ ଉପରକୁ ନେଇ ଆସିଲା । ସର୍ବନାଶ ଅଦଭୂତ ।

'କଣ ହେଲା ?'

ତଳେ ବୀରୁ ମୂକ ପରି ଚୁପଚାପ ବସିଛି ।'

'ହଉ ହଉ ତଳକୁ ଯିବା ।' ଦୁହେଁ ତଳକୁ ଓହ୍ଲେଇ ଆସିଲେ ।

ବୀରୁ ଗମ୍ଭୀର ହୋଇ ବସିଥିଲା । ରିଚା କହିଲା, କଣ ହେଲା ବୀରୁ ? ତୁମ ମୌନତାରେ କଣ ପୀଡ଼ା ଅଛି ?' ହେଲେ କାହିଁକି ?'

ରିଚାର ସ୍ୱରରେ ବୀରୁ ସହ ସମସ୍ତେ ଚମକି ପଡ଼ିଲେ । ସେହି ବାତାବରଣକୁ ହାଲକା କରିବାକୁ ଯାଇ ରିଚା କହିଲା, 'ବୀରୁ ମହାଶୟ, ମୃତ୍ୟୁ ପାଇଁ ପ୍ରସ୍ତୁତ ହୁଅନାହିଁ । ମୁଁ କଣ ଅହଲ୍ୟା ? ବାଧା ବନ୍ଧନର ଜୀବନ ଜିଇବାକୁ ପୂର୍ଣ୍ଣତଃ ପ୍ରସ୍ତୁତ ହୋଇ ରହିଛି । ସକାଳର ରିଚା ଏବଂ ବର୍ତ୍ତମାନର ରିଚା ଭିତରେ ଆକାଶ ପାତାଳ ଫରକ । ଏତେ ବଡ଼ ପରିବର୍ତ୍ତନ ? ଏତେ ବଡ଼ ଦୁର୍ଘଟଣା ପରେ ଏତେ ସହଜତାର ସହ ମାନସିକ ଦ୍ୱନ୍ଦରୁ ବାହାରି ଆସିବା ଏକ ନିଷ୍ପାପ ମଣିଷ କେବଳ କରି ପାରେ । ରିଚାର ଆତ୍ମା ତାର ଆତ୍ମଦହନ ଓ ଆତ୍ମଦୟାରୁ ଉପରକୁ ଉଠି ନିଜ ପାଇଁ ଏକ ସ୍ୱସ୍ଥ ନିର୍ଣ୍ଣୟ ନେଇ ସାରିଥିଲା । ଇତି କହିଥିଲା, 'ସେଇଥିପାଇଁ ତୁମେ ରିଚା, ଅବିଶ୍ୱସନୀୟ ରିଚା ।'

ରବିବାର ଦିନ । ବୀରୁ ସମସ୍ତଙ୍କୁ ଚିଡ଼ିଆଖାନା ବୁଲାଇବାକୁ ନେଇଗଲା । ଅନେକ ଦିନ ପରେ ରିଚା ହସିଲା । ବୀରୁ ପଚାରିଲା, 'କାହିଁକି ହସୁଛ ?'

ରିଚା କହିଲା, 'ତୁମ ପୂର୍ବଜଙ୍କ କଥା ମନେ ପଡ଼ିଗଲା, ମୁଁ ପ୍ରଣାମ କରିବାକୁ ଯାଉଥିଲି, ତେଣୁ ହସ ମାଡ଼ିଲା ।'

ସମସ୍ତେ ହସୁଥିଲେ, କିନ୍ତୁ ବୀରୁ ଭାବୁଥିଲା, ଏତେ ଗଭୀର ପୀଡ଼ା ପାଇ, କେମିତି ରିଚା ଏତେ ଶୀଘ୍ର ହସି ପାରୁଛି ?

ତା' ମନର କଥାକୁ ରିଚା ପଢ଼ି ପାରିଲା । ସେ ବି ସୂଚେଇ ଦେଲା, ମୁଁ କାହାଠାରୁ 'ବିଚାରୀ ରିଚା' ଶବ୍ଦ ଶୁଣିବାକୁ ଚାହେଁନାହିଁ । କିଏ କଣ ମୋତେ ବିଚାରୀ କହିଲେ ତୁମେ ସହି ପାରିବ ? ସେଇଥିପାଇଁ ମୁଁ ପୀଡ଼ାବୋଧରେ ଅବସ୍ଥାନ କରିବାକୁ ଚାହେଁନାହିଁ । ଦୁହେଁ ଦୁହିଁଙ୍କୁ କୌଣସି ଶବ୍ଦ କହି ନଥିଲେ, କିନ୍ତୁ ଦୁହେଁ ଦୁହିଁଙ୍କର ଆତ୍ମାର ଭାଷାକୁ ବୁଝି ପାରୁଥିଲେ ।

ଚିଡ଼ିଆଖାନାରୁ ଫେରି ସମସ୍ତେ ରାତିରେ ଏକାଠି ରାତ୍ରୀଭୋଜନ କଲେ, ସମସ୍ତେ ନିଜ ନିଜ ଜାଗାରେ ଶୋଇଗଲେ । ସକାଳୁ ସକାଳୁ ହାଲୁକା ପବନରେ ସୂର୍ଯ୍ୟକିରଣ ଝରକା ଦେଇ ପଶି ଆସୁଥିଲା । ରିଚାର ମନ ଭିତରକୁ ବି ଅତୀତର ଇତିହାସ ପଶି ଆସୁଥିଲା । ଠିକ୍ ସେତିକି ବେଳେ ତଳୁ ଡାକିଲା ବୀରୁ, 'ରିଚା, ଟୁକ୍‌ଟୁକୀ ଆସ ଚା' ଖାଇବ । ତଳକୁଆସ ।'

ରିଚା କହିଲା, 'ବୀରୁ ଏରେ ସମ୍ମାନ ସହ ଡାକୁଛ ! କଣ ହେଲା ? ମୁଁ ତ ଆସୁଥିଲି ତଳକୁ । କିଛି କଥା ଅଛି କି ?

'ଗୌରା ଆସିବାର ଅଛି, ସେ ସବୁ କଥା ଶୁଣି ସାରିଛି ।'

(କ୍ରମଶଃ)

♥ ଭୁବନେଶ୍ୱର
(ମୋ): ୯୮୬୧୩୮୫୦୪୬

# ଆଦି ନେତା ବିଚିତ୍ରାନନ୍ଦ

ଦିଲ୍ଲୀପ କୁମାର ସାହୁ



୧୮୦୩ ମସିହାରେ ଇଂରେଜମାନେ ଓଡିଶା ଦଖଲ କଲେ । ସେମାନେ କିନ୍ତୁ ଓଡ଼ିଆ ପାଇକ ଓ ପାଇକମାନଙ୍କ ମୁଖିଆମାନଙ୍କୁ ଖୁବ୍ ଭୟ କରୁଥିଲେ । ତେଣୁ ସେମାନଙ୍କ ମେରୁଦଣ୍ଡ ଭାଙ୍ଗିଦେବାପାଇଁ ଇଂରେଜମାନେ ଓଡ଼ିଆ ଭାଷାଭାଷି ଅଞ୍ଚଳକୁ ତିନିଭାଗ କରି ପଡୋଶୀ ରାଜ୍ୟମାନଙ୍କ ସହ ମିଶାଇଦେଲେ । ଫଳରେ ଉତ୍କଳ ଜନନୀ କେବଳ ତାର ଅସ୍ତିତ୍ୱ ହରାଇ ବସିଲାନି, ଓଡିଆ ଭାଷା ମଧ୍ୟ ତାର ସତ୍ତା ହରାଇବାକୁ ଆରମ୍ଭକଲା । ସେତେବେଳ ଭାଷାର ସୁରକ୍ଷାପାଇଁ ପ୍ରଥମେ ଯେଉଁ ସ୍ୱାଭିମାନୀ ଓଡିଆ ଉଦ୍ୟମ ଆରମ୍ଭ କରିଥିଲେ ସେ ହେଉଛନ୍ତି ନେତାମାନଙ୍କର ନେତା ଆଦିନେତା ବିଚିତ୍ରାନନ୍ଦ ଦାସ । ଯାହାଙ୍କ ପ୍ରେରଣାରେ ମଧୁସୂଦନ ଦାସ, ବ୍ରଜସୁନ୍ଦର ଦାସ, ଗୌରୀଶଙ୍କର ରାୟ ଆଦି ଯୁବକମାନେ ଉଚ୍ଚଶିକ୍ଷା ପରେ ସହଜରେ ମିଳୁଥିବା ସରକାରୀ ଚାକିରୀ ନକରି ସ୍ୱତନ୍ତ୍ର ଉତ୍କଳ ଗଠନ ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ ଓ ସଫଳ ହୋଇଥିଲେ ।

ବିଚିତ୍ରାନନ୍ଦଙ୍କ ଜନ୍ମ ତତ୍କାଳୀନ ଅବିଭକ୍ତ କଟକ ଜିଲ୍ଲାରେ । ଜିଲ୍ଲାର ଯାଜପୁର ନିକଟବର୍ତ୍ତୀ ମଙ୍ଗଳପୁର ଥାନା କଣ୍ଟାବଣିଆ ଗ୍ରାମରେ, ୧୮୨୭ ମସିହାରେ ଜନ୍ମ ହୋଇଥିଲେ ସେ । ମାତା ରାଣୀ ଦେବୀ ଓ ପିତା ତ୍ରିଲୋଚନ ଦାସଙ୍କର ସେଥିଲେ ଏକମାତ୍ର ସନ୍ତାନ । ସେତେବେଳ କୁସଂସ୍କାରରେ ଭରା ଓଡ଼ିଆ ସମାଜରେ ଇଂରେଜୀ ଶିକ୍ଷାକୁ ସମାଜପତିମାନେ ଘୃଣା କରୁଥିଲେ । ସେମାନେ କହୁଥିଲେ ଇଂରେଜୀ ପଢିବା ଅର୍ଥ ବିଧର୍ମୀ ହୋଇଯିବା । ସେଥିପାଇଁ ଇଁରେଜ ସରକାର ଚାହିଁଲେ ମଧ୍ୟ ରାଜ୍ୟରେ ଉଚ୍ଚ ଇଂରାଜୀ ବିଦ୍ୟାଳୟ ଖୋଲାଯାଇପାରୁନଥିଲା । ଯଦି ଖୋଲୁଥିଲା , ପିଲା ନଆସିବାରୁ ତାହା ବନ୍ଦ ହୋଇଯାଉଥିଲା । ଫଳରେ ଇଂରାଜୀ ପଢିବାକୁ ଇଚ୍ଛା କରୁଥିବାପିଲାମାନଙ୍କୁ ବହିରେ ଡୋରି ବାନ୍ଧିବାକୁ ପଡୁଥିଲା । ବିଚିତ୍ରାନନ୍ଦଙ୍କୁ ମଧ୍ୟ ସେହି ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥିଲା ।

ବିଚିତ୍ରାନନ୍ଦ ଭଲ ପଢୁଥିଲେ । ତାଙ୍କ ବାପାଙ୍କର ଇଚ୍ଛାଥିଲା ପୁଅ ଇଂରାଜୀ ପଢୁ ବୋଲି । ହେଲେ ସେ ପଢିବ କେଉଁଠି ! ପ୍ରାଥମିକ ଶିକ୍ଷାପରେ ତ୍ରିଲୋଚନ ବାବୁ ପୁଅକୁ ନେଇ ବାଲେଶ୍ୱରରେ ଥିବା ଇଂରାଜୀ ବିଦ୍ୟାଳୟରେ ନାମ ଲେଖାଇଦେଲେ । କିନ୍ତୁ ଛାତ୍ର ଅଭାବରୁ ବିଦ୍ୟାଳୟଟି ବନ୍ଦ ହୋଇଗଲା । ବିଚାରା ବିଚିତ୍ରାନନ୍ଦ କରନ୍ତେ କଣ ! କିଛିଦିନ ପରେ ସେ ତାଙ୍କର ଜଣେ ସମ୍ପର୍କୀୟଙ୍କ ଘରେ ରହି କଟକ ଇଂରାଜୀ ବିଦ୍ୟାଳୟରରେ ପାଠ ପଢିଲେ ।

ବିଚିତ୍ରାନନ୍ଦ ଇଂରାଜୀ ବିଦ୍ୟାଳୟରୁ ପଢା ସାରୁସାରୁ କଟକରେ ଥିବା ଫୌଜଦାରୀ କଚେରୀରେ ମୋହରିର ଚାକିରୀ ପାଇଗଲେ । ସେତେବେଳେ ସରକାରୀ କାର୍ଯ୍ୟାଳୟ ମାନଙ୍କରେ କେବଳ ବଙ୍ଗାଳୀ ଓ ତେଲୁଗୁ ଅମଲା ମାନଙ୍କୁ ଦେଖିବାକୁ ମିଳୁଥିଲା । ଶିକ୍ଷାଗତ ଯୋଗ୍ୟତା ଅଭାବରୁ ଓଡ଼ିଆମାନେ ସରକରୀ ଚାକିରୀ ପାଉନଥିଲେ । ବିଚିତ୍ରାନନ୍ଦଙ୍କ ଯୋଗଦାନ ତାଙ୍କ ଅଣଓଡିଆ ସହକର୍ମୀଙ୍କୁ ଅସହ୍ୟ ଲାଗୁଥାଏ । ତେଣୁ ସେମାନେ ତାଙ୍କ ପଛରେ କଟୁ ମନ୍ତବ୍ୟ ଦେଉଥିଲେ । ହେଲେ ବିଚିତ୍ରାନନ୍ଦ ସେଥିପ୍ରତି ଧ୍ୟାନ ନଦେଇ ନିଜକାର୍ଯ୍ୟରେ ମନ ନିବେଶ କରୁଥିଲେ । ଜଣେ ମୋହରିର ଭାବରେ ଆଇନ କାନୁନ ସମ୍ପର୍କରେ ଯଥେଷ୍ଟ ଜ୍ଞାନ ରହିବା ଆବଶ୍ୟକ । ତେଣୁ ସେ ଦିଗରେ ବିଚିତ୍ରାନନ୍ଦ ଯଥେଷ୍ଟ ଧ୍ୟାନ ଦେଉଥିଲେ । ଫଳରେ ଅଳ୍ପଦିନ ମଧ୍ୟରେ ସେ ଆଇନ କାନୁନ ସମ୍ପର୍କରେ ବେଶ୍ ଜ୍ଞାନ ଆହରଣ କରିପାରିଲେ ଓ ଓଡ଼ିଆ ମାନଙ୍କୁ ବିଭିନ୍ନ ମାମଲାରେ ସାହାଯ୍ୟ କରିପାରିଲେ । ଏହାଦ୍ୱାରା ସବୁ ମହଲରେ ତାଙ୍କୁ ଲୋକେ ଭଲପାଇଲେ । ଏପରିକି ବ୍ରିଟିଶ ହାକିମମାନଙ୍କର ମଧ୍ୟ ସେ ପ୍ରିୟପାତ୍ର ହୋଇପାରିଲେ ।

୧୮୬୦ ମସିହା ବେଳକୁ ବିଚିତ୍ରାନନ୍ଦ କୋର୍ଟ କଚେରୀର ଜଣେ ଜଣାଶୁଣା ଅମଲା ପାଲଟିଯାଇଥିଲେ । ସେତେବେଳ କଟକର ବ୍ରିଟିଶ କମିଶନ ଥାଆନ୍ତି ଟ୍ରେଲର ସାହେବ । ସେ ମଧ୍ୟ ବିଚିତ୍ରାନନ୍ଦଙ୍କ କାମକୁ ଖୁବ୍ ପସନ୍ଦ କରୁଥିଲେ । ତେଣୁ ସେ ତାଙ୍କୁ ଫୌଜଦାରୀ କଚେରୀରୁ ଆଣି ତାଙ୍କ ଶିରସ୍ତା ବା ତାଙ୍କ କାର୍ଯ୍ୟାଳୟରେ ନିଯୁକ୍ତି ଦେଲେ ।

୧୮୬୫ ମସିହାରେ ରେଭେନ୍ସା ସାହେବ କଟକର କମିଶନ ହୋଇ ଆସିଲେ । ସେତେବେଳ କ୍ରମାଗତ ମରୁଡି ଯୋଗୁ ଓଡିଶାର ଚାରିଆଡେ ଖାଦ୍ୟାଭାବ ଦେଖାଦେଇଥାଏ । କି ଧନୀ କି ଗରିବ ସମସ୍ତେ ଭାତ ମୁଠାଏ ପାଇଁ ଉହଳ ବିକଳ ହେଉଥାନ୍ତି । ଏହି ଦୁର୍ବିପାକ ଇତିହାସରେ ନଅଙ୍କ ଦୁର୍ଭିକ୍ଷ ଭାବରେ ଲିପିବଦ୍ଧ । ସେତେବେଳ ଯୁଆଡେ ଦେଖିବ ସେଆଡେ ଖାଲି କଙ୍କାଳ । ସରକାର ଦୁର୍ଭିକ୍ଷ ସମୟରେ ରିଲିଫ ଯୋଗାଇବାରେ ବିଫଳ ହେଲେ । ଫଳରେ ଖାଦ୍ୟ ଅଭାବରୁ ହଜାର ହଜାର ଓଡ଼ିଆ ମୃତ୍ୟୁବରଣ କଲେ । ଏହା ରେଭେନ୍ସା ସାହେବଙ୍କୁ ଦାରୁଣ ମାନସିକ ଧକ୍କା ଦେଲା । ସେ ଏହାର କାରଣ ଅନୁସନ୍ଧାନ କରି ଜାଣିଲେ ଯେ ଅଣଓଡିଆ ଅମଲାଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁ ପରିସ୍ଥିତି ଏତେ ଭୟାବହ ହୋଇଗଲା । ରେଭେନ୍ସା ସାହେବ ଜଣେ ନୀତିବାନ ଓଡ଼ିଆ ଅମଲାଙ୍କୁ ଖୋଜୁଖୋଜୁ ତାଙ୍କର ଦୃଷ୍ଟିପଡିଲା ବିଚିତ୍ରାନନ୍ଦଙ୍କ ଉପରେ । ବିଚିତ୍ରାନନ୍ଦଙ୍କ ଯୋଗୁ ରିଲିଫ ଯୋଗାଣ ସହଜ ହୋଇଗଲା । ଭୋକିଲା ଲୋକଙ୍କୁ ରନ୍ଧା ଖାଦ୍ୟ ପରିବେଷଣ ପାଇଁ ଅନ୍ନଛତ୍ର ଖୋଲାଗଲା । ଜାତିଯିବା ଭୟରେ ଅନ୍ନଛତ୍ରକୁ ଆସୁନଥିବା ରକ୍ଷଣଶୀଳ ଲୋକଙ୍କ ପାଇଁ ଶସ୍ତା ଚାଉଳ ଯୋଗାଇ ଦିଆଗଲା । ଏସବୁ କାଯ୍ୟକୁ ସଫଳତାର ସହ ପରିଚାଳନା କରିଥିଲେ ବିଚିତ୍ରାନନ୍ଦ । ଫଳରେ ଧୀରେ ଧୀରେ ଦୁର୍ଭିକ୍ଷ ସମସ୍ୟା ସମାହିତ ହେବାକୁ ଆରମ୍ଭ କଲା ।

ଦୁର୍ଭିକ୍ଷ ପରିଚାଳନା ସଫଳତା ବିଚିତ୍ରାନନ୍ଦଙ୍କୁ ରେଭେନ୍ସା ସାହେବଙ୍କର ଆହୁରି ନିକଟତର କରିଦେଲା । ରେଭେନ୍ସା ସାହେବ ସବୁବେଳେ, ସମସ୍ତଙ୍କ ଆଗରେ କହୁଥିଲେ ବିଚିତ୍ରାନନ୍ଦ ତାଙ୍କର ମନ୍ତ୍ରୀ ବୋଲି । ବିଚିତ୍ରାନନ୍ଦ ମଧ୍ୟ ଏହାର ସୁଯୋଗ ନେବାପାଇଁ ପଛାଇଲେ ନାହିଁ । ସବୁ ଓଡ଼ିଆଙ୍କ ପାଇଁ ଚିନ୍ତା କରୁଥିବା ବିଚିତ୍ରାନନ୍ଦ ଅନୁଭବ କରିଥିଲେ ଯେ ଶିକ୍ଷାର ଅଭାବ ଯୋଗୁ ଓଡ଼ିଆମାନେ ପଛରେ ରହିଛନ୍ତି । ତେଣୁ ସେ ରେଭେନ୍ସା ସାହେବଙ୍କୁ ଅନୁରୋଧ କରିବା ଫଳରେ କଟକରେ କଲିଜିଏଟ ସ୍କୁଲ, ପ୍ୟାରୀମୋହନ ଏକାଡେମୀ ଭଳି ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ଉଚ୍ଚ ଶିକ୍ଷାପାଇଁ ଏକ ମହାବିଦ୍ୟାଳୟ ସ୍ଥାପିତ ହୋଇଥିଲା । ସେହି ମହାବିଦ୍ୟାଳୟ , ପ୍ରବର୍ତ୍ତୀ ସମୟରେ ରେଭେନ୍ସା ମହାବିଦ୍ୟାଳୟ ଭାବେ ନାମିତ ହୋଇଥିଲା । ଏବେ ତାହା ରେଭେନ୍ସା ବିଶ୍ୱବିଦ୍ୟାଳୟ ରୂପେ ବିବେଚିତ ।

ଶିକ୍ଷାନୁଷ୍ଠାନମାନ ସିନା ଗଢି ଉଠିଲା ହେଲେ ଶିକ୍ଷାର ମାଧ୍ୟମ ଥିଲା ବଙ୍ଗାଳୀ ଭାଷା । କାରଣ ସେତେବେଳେ ଓଡ଼ିଆ ପାଠ୍ୟ ପୁସ୍ତକ ନଥିଲା । ବଙ୍ଗାଳୀ ଶିକ୍ଷା ଅଧିକାରୀମାନେ ପୁସ୍ତକକୁ ଆଳ କରି ଓଡିଆରେ ପାଠପଢା ଉପରେ ରୋକ୍ ଲଗାଇଦେଲେ । ଏହା ବିଚିତ୍ରାନନ୍ଦଙ୍କୁ ଖୁବ୍ ବାଧିଲା । ତେଣୁ ବିଚିତ୍ରାନନ୍ଦ, ଫକୀରମୋହନ ଓ ଗୌରୀଶଙ୍କରଙ୍କ ପରି ସେତେବେଳର ଖ୍ୟାତନାମା ଲେଖକମାନଙ୍କ ସହ ମିଶି ଓଡ଼ିଆ ଭାଷାରେ ପାଠ୍ୟ ପୁସ୍ତକ ରଚନାରେ ଲାଗିପଡିଲେ । ଫଳରେ ୧୮୬୯ ମସିହାବେଳକୁ ଆଉ ପାଠ୍ୟ ପୁସ୍ତକ ସମସ୍ୟା ରହିଲାନାହିଁ ଓ ବିଦ୍ୟାଳୟମାନଙ୍କରେ ଓଡ଼ିଆ ଭାଷାରେ ପାଠ ପଢାଗଲା । ଓଡ଼ିଶାର ସାଂସ୍କୃତିକ ଇତିହାସରେ ଏହାକୁ କୁହାଯାଏ ଭାଷା ଆନ୍ଦୋଳନ । ଏହି ଆନ୍ଦୋଳନରେ ବିଚିତ୍ରାନନ୍ଦ ସମ୍ପୂର୍ଣ୍ଣ ରୂପେ ସଫଳ ହୋଇଥିଲେ ।

ପାଠ୍ୟ ପୁସ୍ତକ ରଚନାବେଳେ ବିଚିତ୍ରାନନ୍ଦ ଏକ କୃଷିବିଜ୍ଞାନ ବହି ଲେଖିଥିଲେ । ବହିଟି ଛାତ୍ର ଓ ଶିକ୍ଷକ ସମସ୍ତଙ୍କ ଦ୍ୱାରା ଆଦୃତ ହୋଇଥିଲା । ବହିଟିର ଉପାଦେୟତାକୁ ଉପଲବ୍ଧି କରି ତତ୍କାଳୀନ ବଙ୍ଗ ସରକାର କିଛି ବହି କିଣିନେଇ ବଙ୍ଗଳାର ଜମିଦାର ମାନଙ୍କୁ ବାଣ୍ଟିଥିଲେ ।

ସେତେବେଳେ ଲୋକଙ୍କ ସୁବିଧା ଅସୁବିଧା କଥା ସରକାରଙ୍କ ପାଖରେ ପହଞ୍ଚାଇବାର ଏକମାତ୍ର ମାଧ୍ୟମ ଥିଲା ଖବରକାଗଜ । ୧୭୭୯ ମସିହାରେ କଟକ ନିକଟବର୍ତ୍ତୀ କୁଜିବର ଗାଁଆରୁ ଏକ ହାତଲେଖା ଖବରକାଗଜ ପ୍ରକାଶ ପାଉଥିଲା । ପରେ ତାହା ବନ୍ଦ ହୋଇଯାଇଥିଲା । ବିଚିତ୍ରାନନ୍ଦ ଏକ ମୁଦ୍ରିତ ଖବରକାଗଜ ପ୍ରକାଶନ ପାଇଁ ଉଦ୍ୟମ ଆରମ୍ଭ କଲେ । ବିଭିନ୍ନ ଲୋକଙ୍କଠାରୁ ଋଣ ଆଣି ସେ ଏକ ଛାପାଖାନା ପ୍ରତିଷ୍ଠା କଲେ । ନାଁଆ ରହିଲା କଟକ ପ୍ରିଣ୍ଟିଂ ପ୍ରେସ୍ । ସେହି ଛାପାଖାନାରୁ ପ୍ରକାଶ ପାଇଲା ପ୍ରଥମ ମୁଦ୍ରିତ ଓଡ଼ିଆ ସମ୍ବାଦପତ୍ର ଉତ୍କଳ ଦୀପିକା । ଗୌରୀଶଙ୍କର ରାୟ ରହିଲେ ଏହାର ସମ୍ପାଦକ । ଏହି ସମ୍ବାଦପତ୍ର ନୀରବଚ୍ଛିନ୍ନ ଭାବରେ ତିରିଶ ବର୍ଷ ଧରି ପ୍ରକାଶିତ ହୋଇଥିଲା ।

ଇଂରେଜମାନେ ଓଡିଶାକୁ ଭାଗଭାଗ କରି ପଡୋଶୀ ରାଜ୍ୟମାନଙ୍କ ସହ ମିଶାଇ ଦେଇଥିବା ଫଳରେ ଓଡ଼ିଆ ଭାଷା ତାର ଅସ୍ତିତ୍ୱ ହରାଇ ବସିଥିଲା ଏବଂ ଓଡ଼ିଆମାନେ ନିଜର ପରଚୟକୁ ହରାଇ ବସିଥିଲେ । ତେଣୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ପ୍ରଥମେ ଉଦ୍ୟମ ଆରମ୍ଭ କରିଥିଲେ ବିଚିତ୍ରାନନ୍ଦ । ୧୯୬୫ ମସିହାରେ ବଙ୍ଗଳାର ଛୋଟ ଲାଟ୍, ସାର୍ ରାଚାର୍ଡ ଟମ୍ପେଲ ବାଲେଶ୍ୱର ବୁଲି ଆସିଥିଲେ । ବିଚିତ୍ରାନନ୍ଦ ସେଠାରେ ଛୋଟଲାଟଙ୍କୁ ଭେଟି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଏକ ସ୍ମାରକପତ୍ର ଦେଇଥିଲେ । ସେଥିରେ ମଧ୍ୟ ରେଳପଥର ବିକାଶ ଓ ବିଭିନ୍ନ ଅଞ୍ଚଳରେ ଉଚ୍ଚ ଇଂରାଜୀ ବିଦ୍ୟାଳୟ ପ୍ରତିଷ୍ଠାପାଇଁ ଅନୁରୋଧ କରିଥିଲେ ।

ଭାଷା ଆନ୍ଦୋଳନ ତଥା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ସେତେବେଳେ ଯେଉଁ ସଭା ସମିତି ହେଉଥିଲା ସେସବୁର ସମସ୍ତ ଖର୍ଚ୍ଚ ବହନକରୁଥିଲେ ବିଚିତ୍ରାନନ୍ଦ । ୧୯୭୪ ମସିହା ନଭେମ୍ବର ୮ ତାରିଖରେ ଇଂରେଜ ସରକାରଙ୍କ ପକ୍ଷରୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ରାଜା ମହାରାଜା ମାନଙ୍କର ଏକ 'ଦରବାର' କଟକଠାରେ ଆୟୋଜିତ ହୋଇଥିଲା । ଦରବାରରେ ଯୋଗଦେଇଥିବା ରାଜା ମହାରାଜାମାନଙ୍କୁ ନିମନ୍ତ୍ରଣ କରି ବିଚିତ୍ରାନନ୍ଦ ନିଜ ସରକାରୀ ବାସଭବନରେ ଏକ ସଭାର ଆୟୋଜନ କରିଥିଲେ । ଏଥିରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ସମସ୍ତେ ଚେଷ୍ଟା କରିବା ନିମନ୍ତେ ଅନୁରୋଧ କରିଥିଲେ । ଓଡିଶା ପ୍ରଦେଶ ଗଠନର ତାହାହିଁଥିଲା ପ୍ରଥମ ପ୍ରୟାସ । ଏହି ସଭାର ବର୍ଷେ ନପରୁଣୁ ୧୮୭୫ ମସିହା ଅଗଷ୍ଟ ମାସ ୨ ତାରିଖରେ ମାତ୍ର ୪୮ ବର୍ଷ ବୟସରେ ପ୍ରାଣ ହରାଇଥିଲେ ବିଚିତ୍ରାନନ୍ଦ ।

ଇତିହାସର ଆଢୁଆଳରେ ଲୁଚିଯାଇଛନ୍ତି ବିଚିତ୍ରାନନ୍ଦ ଦାସ, ଯାହାଙ୍କ ଉଦ୍ୟମ ପାଇଁ ଆଜି ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷାର ମର୍ଯ୍ୟାଦା ପାଇବା ସହ ଓଡିଶା ଏକ ସ୍ୱତନ୍ତ୍ର ରାଜ୍ୟ ହୋଇପାରିଛି । ସେହି ମହାନ ଜାତିପ୍ରେମୀ ଓ ଭାଷାପ୍ରେମୀଙ୍କ ପାଦରେ କୋଟିକୋଟି ପ୍ରଣାମ ।

♥ ଶଙ୍କରପୁର, ଚାରବାଟିଆ, କଟକ
ମୋ: ୭୦୭୭୨୦୬୯୭୭

ଛୋଟ ଗପ

# ଅବୁଝା ବୟସର ଶେଷ ଚିଠି

ରଣଜିତ୍ ପରିଡ଼ା

ସନ୍ଧ୍ୟାର ମଳିନ ଆଲୋକରେ ନିଜ ଡାଏରୀର ପୃଷ୍ଠା ଓଲଟାଉଥିଲା ଶେଫାଳୀ । ସେଥିରେ ଲେଖାଥିଲା ଅସରନ୍ତି କିଛି ସ୍ୱପ୍ନ, କିଛି ହସ ଓ ଜଣେ ପ୍ରିୟ ମଣିଷର ନାମ । ବାପାଙ୍କର ଅତି ଅଲିଅଳି ସାନ ଝିଅ ଥିଲା ଶେଫାଳୀ । ଜେଜେମା ହାରାମଣି ଗଲା ଦିନଠାରୁ ଜେଜେମାର ଅଭାବକୁ ବାପା ସୁବୋଧ ସବୁବେଳେ ପୂରଣ କରିଆସୁଥିଲେ । ଘରର ସାନ ଝିଅ ସେଥିପାଇଁ ବହୁ ଗେହ୍ଲା ବସରରେ ବଢୁଥିଲା ଶେଫାଳୀ । ବାପାଙ୍କ ସହିତ କ୍ଷେତବାଡ଼ିଠାରୁ ଆରମ୍ଭ କରି ଦୋକାନ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟରେ ସାହାଯ୍ୟ କରିଥାଏ ଶେଫାଳୀ । ଏମିତିରେ ବି ବାପାଙ୍କ ସହ ଘାସକଟା, ଛେଳିଚରେଇବା, ଧାନରୋଇବା ନିମନ୍ତେ ତଳି ମୁଣ୍ଡରେ ବହିନେଇ କ୍ଷେତରେ ମୁଲିଆମାନଙ୍କୁ ଦେବା ଇତ୍ୟାଦି ବହୁ କାମ କରିବା ସହ ମାଆଙ୍କୁ ଘରର ରୋଷେଇବାସ, ଗୁହାଳ କାମରେ ମଧ୍ୟ ସାହାଯ୍ୟ କରୁଥାଏ । ଅବଶ୍ୟ ସ୍କୁଲର ସବୁ ପିଲାଙ୍କଠାରୁ ଶେଫାଳୀ ଏତେ ଭଲ ପାଠ ପଢୁନଥିଲା କିନ୍ତୁ ତା'ର କମ୍ ବୟସ ହେଲେ ମଧ୍ୟ ବିଚକ୍ଷଣ ବୁଦ୍ଧି, ଅତି ଚତୁର, ସାହସୀ ଏବଂ ପରଉପକାରୀ ଥିଲା । ଏଥିପାଇଁ ସ୍କୁଲରେ ସାରଦିଦି ମାନେ ଶେଫାଳୀକୁ ପାଠପଢାରେ ନୁହଁ ତା'ର ଭଲ କାର୍ଯ୍ୟଗୁଡିକ ଦେଖି ସବୁବେଳେ ପ୍ରଶଂସା କରୁଥିଲେ ।

ସମୟର ସ୍ରୋତରେ ଧୀରେ ଧୀରେ ଶେଫାଳୀ ବଡ ହେଲା । ମେଟ୍ରିକ୍‌ରେ ପ୍ରଥମ ଶ୍ରେଣୀରେ ଉତୀର୍ଣ୍ଣ ହେଲା । ଝିଅର ଏଇ ମାର୍କକୁ ନେଇ ବାପାଟିକେ ମନଉଣା କରୁଥିଲେ । ବଡ଼ଝିଅ ଭଲ ପାଠପଢା ସହିତ ବିଭିନ୍ନ କ୍ଷେତ୍ରରେ ବିଜୟ ଲାଭ କରୁଥିବା ହେତୁ ବାପା ବଡ଼ଝିଅକୁ ସ୍ନାତକୋତ୍ତର କରିବା ପାଇଁ ବାରିପଦା ସହରକୁ ପଠାଇଲେ । ବଡ଼ଝିଅର ଏହିଭଳି କାର୍ଯ୍ୟଦକ୍ଷତାକୁ ଦେଖି ବାପା ବହୁତ ଖୁସି ଏବଂ ଗର୍ବ ଅନୁଭବ କରୁଥିଲେ । ସାନଝିଅର ପାଠପଢାର ଦୁର୍ବଳତାକୁ ନେଇ ବାପା ପାଖ କଲେଜରେ +୨ କଳାରେ ଏଡିମିଶନ କରେଇଲେ ।

ଭାସମାନ ମେଘଖଣ୍ଡ ଗୁଡିକର ଆଲିଙ୍ଗନତା ଯେପରି ଆକାଶରେ ଶୋଭାପାଏ ପବନର ପ୍ରଖର ବେଗରେ ସେହିପରି ସେଦିନ ସେ ଝଡବର୍ଷା ସନ୍ଧ୍ୟାର ମିଞ୍ଜିମିଞ୍ଜି ଅନ୍ଧାରରେ କଲେଜରୁ ସନ୍ଧ୍ୟାରେ ଫେରି ବସ୍ ଷ୍ଟପ୍‌ରେ ବାପାଙ୍କୁ ଅପେକ୍ଷା କରିଥାଏ ଶେଫାଳୀ । ବର୍ଷା ହୁଏତ କମିଯାଇଥାଏ କିନ୍ତୁ ମିଞ୍ଜିମିଞ୍ଜି ଅନ୍ଧାର ସାଙ୍ଗକୁ ଜୋର୍ ବେଗରେ ପବନ ହେଉଥାଏ, ସେଥିପାଇଁ ବୋଧହୁଏ ବାପାଙ୍କର ଶେଫାଳୀକୁ ନେବାକୁ ଆସିବାରେ ବିଳମ୍ବ ହେଉଥାଏ । ହଠାତ୍ ସେହି ସମୟରେ କୃଷ୍ଣବର୍ଣ୍ଣର ଛଅଫୁଟ ଲମ୍ବର ପତଳା ଶରୀର ବିଶିଷ୍ଟ ଯୁବକଟିଏ ଆସି ପଛରୁ ଶେଫାର କାନ୍ଧ ଉପରେ ହାତ ରଖି କହିଲା ମୁଁ ତୁମର ସାହାଯ୍ୟରେ ଆସିପାରିବିକି ? ଚମକିପଡ଼ି ଛାତିରେ ଛିପ ପକାଇ ଶେଫା କହିଲା କିଏ ? ଉତ୍ତରରେ....ମୁଁ ଜିତୁ । କେଉଁ ଜିତୁ ? କିଏ ଜିତୁ ? ତୁମେ ଜାଣି ପାରୁନାହିଁ ଶେଫା । ସେଦିନର ସେ ଚିଠିକୁ ମୁଁ ଆଜିଯାଏ ବି ସାଇତି ରଖିଛି । ଆଉ ମୁଁ ଦେଇଥିବା ମୋବାଇଲକୁ ଆଉ ମୋ ହାତ ଲେଖା ଚିଠିକୁ ତୁମେ ତୁମ ଡାଏରୀରେ ରଖିଛ ନା ଶେଫା । ଶେଫା ନିର୍ବାକ ଭାବରେ ଆଖି ଛଳଛଳ ହୋଇ ନିଜ ଦାନ୍ତରେ ଓଠକୁ ଚାପି ଯେମିତି ହଜାର ବର୍ଷର ସମସ୍ତ କଥା ସେ ଜିତୁ ନିକଟରେ ଅଜାଡି ଦେବାକୁ ଚାହେଁ କିନ୍ତୁ ଠିକ ସେହି ସମୟରେ ବାପା ଆସି ପହଁଚିଲେ ଆଉ ହରି ସାଙ୍ଗେ ନିଜ ଝିଅକୁ ସେଠାରେ ଦେଖି ରାଗରେ ରକ୍ତ ଚାଉଳ ଚୋବାଇବା ପରି କୋଣେଇକି ଜିତୁକୁ ଅନାଇ ଶେଫାକୁ ଗାଡି ପଛରେ ବସ୍ କହି ଘରକୁ ଚାଲିଗଲେ ।



ଘରେ ପହଂଚି ପୂର୍ବପରି ସେଇ ମାଡ, ଗାଳି, ସନ୍ଦେହର ସୁଅ ପୁନର୍ବାର ଛୁଟି ଉଠିଲା । ଯେଉଁ ବୟସରେ ଅବାଟକୁ ଯାଉଥିବା ଝିଅକୁ ନିଜ ସାଙ୍ଗ ଭଳି ତା'ସହ କଥାବାର୍ତ୍ତା, ବ୍ୟବହାର ଦେଖାଇ ବୁଝାଇବା ଉଚିତ୍, ତା ପରିବର୍ତ୍ତେ ବାପା ଶେଫାକୁ ଅଯଥାରେ ସନ୍ଦେହ କରି ବହୁତ ପିଟାମରା ସବୁବେଳେ କରିଥିଲେ । ଦିନଥିଲା ଅଲିଅଳି, ସ୍ନେହୀ, ଗେହ୍ଲପସରିଆ ଶବ୍ଦଟି ଆଜି ରାଗହିଂସା, ସନ୍ଦେହ ରେ ପରିଣତ ହୋଇଯାଇଛି । ଶେଫାର ଆଖିର ଲୁହକୁ କେହି ପଢି ପାରିଲେ ନାହିଁ । ଅପମାନ, ମାଡର ଜ୍ୱାଳାରେ ଦିନକୁ ଦିନ ଶେଫାଳୀକୁ ସହ୍ୟ କରିବାକୁ କଷ୍ଟକର ହୋଇ ପଡୁଥାଏ । ସୁବୋଧବାବୁ ଘୋର୍ ଚିନ୍ତିତରେ ମଥାରେ ହାତ ଦେଇ ବସି ଝିଅ କଥା ଭାବି ଭାବି, ଲୋକହସା, ନିନ୍ଦା, ଅପମାନ ଛି ଛାକର ଏସବୁ ମନରେ ଘାଣ୍ଟି ହୋଇ ସିଦ୍ଧାନ୍ତ ନେଲେ ଯେ, ବନ୍ଧୁବର୍ଗ ଏବଂ ସାଇପଡିଶାଙ୍କ ସହ କଥା ହେବେ । ପରଦିନ ସକାଳେ ସେମାନଙ୍କର ପରାମର୍ଶ କ୍ରମେ ସେହି ପୁଅ ଜିତୁକୁ ଡାକି ପଚାରିଲେ ଦେଖ ପୁଅ ଏମିତି ଲୋକହସା କାମ ନ କରି ଯେମିତି ବୈଦିକ ରୀତିନୀତି ଅନୁଯାୟୀ ବାହାଘର ପ୍ରସ୍ତାବ ନେଇ ଆସନ୍ତି ତୁମେ ସେମିତି ଆସ, ଆଉ ଶୁଭ ଦିନ ଦେଖି ଆମେ ବାହାଘର କରିଦେବା । କ'ଣ ଭାବୁଚ ଜିତୁ ? ମୋ ଝିଅକୁ ବିବାହ କରିବ ? ହଠାତ୍ ଆସିଥିବା ସେହି ପ୍ରଶ୍ନରେ ଜିତୁ ଭୟ ପାଇ ମନା କରିଦେଲା । ସେ ହୁଏତ ବିବାହ ପାଇଁ ପ୍ରସ୍ତୁତ ନଥିଲା, କିନ୍ତୁ ସେହି ଉତ୍ତର ଶେଫାଳୀର ହୃଦୟକୁ ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଦେଲା । ସେଇକ୍ଷଣି ଜିତୁ ସେଇଠୁ ଗଲା ପରେ, ସେ ଦେଇଥିବା ସମ୍ପର୍କର ସେତୁ ମୋବାଇଲକୁ ବାପା ରାଗରେ କଚାଡି ଭାଙ୍ଗିଦେଲେ । ଆଉ ଥରେ ମୁଁ ଜିତୁ ସହିତ କଥା ହେବି ବାପା, ଶେଫା ଯେତେ କାକୁତି ମିନତି ହେଲେ ମଧ୍ୟ ବାପା କିଛି ନ ଶୁଣି ଝିଅକୁ ନେଇ ଏକ କୋଠରୀରେ ବନ୍ଦ୍ କରିଦେଲେ ।

ସେଦିନ ରାତିଟି ଶେଫା ପାଇଁ ଥିଲା ଅସହ୍ୟ । ଅଭିମାନ, ଅପମାନ ଓ ନିରାଶାରେ ସେ ଏକ ଭୁଲ ନିଷ୍ପତି ନେଲା । ସକାଳୁ ଉଠି ବାପା କାମକୁ ଯିବା ପୂର୍ବରୁ ଶେଫାର ବନ୍ଦ୍ କୋଠରୀଟିକୁ ଖୋଲି ଦେଇ ଗଲାପରେ, ଶେଫା ଘରୁ ସାଙ୍ଗେ ସାଙ୍ଗେ ବାହାରି ଆସି ସିଢ଼ି ଘରର ତାଳରୁଅରେ ନିଜ ଓଢଣୀକୁ ବେକରେ ବାନ୍ଧି ଫାଶୀଟାଙ୍ଗୀ ନିଜଜୀବନକୁ ହାରିଦେଲା । ହଠାତ୍ ଶୋକର ଛାୟା ଖେଳିଗଲା ଶେଫାର ଘର ଅଗଣାରେ । ତା'ର ମୃତ୍ୟୁ ପରେ କେବଳ କାନ୍ଦ, ଅନୁତାପ ଓ ନୀରବତା ରହିଗଲା । ଯେଉଁ ଘରେ ଗତକାଲି ରାଗର ସ୍ୱର ଥିଲା, ସେହି ଘରେ ଆଜି କେବଳ ଅନୁତାପର ଛାୟା । ତା' ସାଙ୍ଗକୁ ଶେଫାର ହାତ ମୁଠାରେ ଚାପି ହୋଇ ରହିଥିଲା ଜିତୁ ପାଇଁ ପ୍ରେମର ପରିଭାଷା ସେଇ ଅବୁଝା ବୟସର ଶେଷ ଚିଠି ।



♥ ଶ୍ୟାମାନନ୍ଦପୁର, ମୟୂରଭଞ୍ଜ
ମୋ: ୯୩୪୮୮୭୮୫୬୫

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
୧୧ ଅକ୍ଟୋବର ୨୦୨୬

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com



# ଶାରଦୀୟ ନବରାତ୍ରି ଉତ୍ସବ

## ଡକ୍ଟର ଲକ୍ଷ୍ମଣ ସାହୁ



ଏ ବର୍ଷ, ଶାରଦୀୟ ନବରାତ୍ରି ଉତ୍ସବ ରବିବାର, ଅକ୍ଟୋବର ୧୧ ତାରିଖରେ ଆରମ୍ଭ ହେଉଛି । ଦେବୀ ଦୁର୍ଗାଙ୍କ ଭକ୍ତମାନେ ସମ୍ପୂର୍ଣ୍ଣ ନଅ ଦିନ ପାଇଁ ପୂଜା ଓ ଉପବାସ କରିବେ । ଏହି ଦିନ, ଘର ଓ ମନ୍ଦିରରେ କଳଶ ସ୍ଥାପନ ସହିତ ଦେବୀ ଦୁର୍ଗାଙ୍କ ପୂଜା ଆରମ୍ଭ ହେବ । ନବରାତ୍ରିର ଶେଷ ଦିନ, ଅକ୍ଟୋବର ୧୯ ତାରିଖରେ ମହାନବମୀ ପାଳନ କରାଯିବ ଓ ପରବର୍ତ୍ତୀ ଦିନ, ଅକ୍ଟୋବର ୨୦ ତାରିଖରେ ଦଶହରା ପାଳନ କରାଯିବ ।

କ୍ୟାଲେଣ୍ଡର ଅନୁସାରେ, ଆଶ୍ୱିନ ମାସର ଶୁକ୍ଳ ପକ୍ଷର (ଚନ୍ଦ୍ର ପକ୍ଷର ଉଜ୍ଜ୍ୱଳ ପକ୍ଷ) ପ୍ରତିପଦ ତିଥି ଅକ୍ଟୋବର ୧୦ ତାରିଖ ରାତି ପ୍ରାୟ ୯:୧୯ରେ ଆରମ୍ଭ ହେବ। ଏହି ତିଥି ଅକ୍ଟୋବର ୧୧ ତାରିଖ ରାତି ପ୍ରାୟ ୯:୩୦ ପର୍ଯ୍ୟନ୍ତ ଚାଲିବ। ଉଦୟ ତିଥି ଉପରେ ଆଧାର କରି, ଅକ୍ଟୋବର ୧୧ ତାରିଖକୁ ନବରାତ୍ରିର ପ୍ରଥମ ଦିନ ଭାବରେ ବିବେଚନା କରାଯିବ। ନବରାତ୍ରିର ପ୍ରଥମ ଦିନରେ ଘଟସ୍ଥାପନ (କଳସ ସ୍ଥାପନ କରିବାର ବିଧି) ବିଶେଷ ଗୁରୁତ୍ୱ ରଖେ । ଏହା ଦେବୀ ଦୁର୍ଗାଙ୍କ ନଅ ଦିନ ବ୍ୟାପୀ ପୂଜା ଆରମ୍ଭ କରେ। ଏହା ପରେ, କଳଶକୁ ଦେବୀ ଶୈଳପୁତ୍ରୀ ଭାବରେ ପୂଜା କରାଯାଏ। ଘଟସ୍ଥାପନ ସମୟରେ, ଏକ ମାଟି ବେଦୀରେ ଯବ ବୁଣିବାର ପରମ୍ପରା ଅଛି । ଏହା ପରେ, କଳସକୁ ପାଣିରେ ପୂର୍ଣ୍ଣ କରାଯାଏ ଓ ତା' ଉପରେ ଆମ୍ବ କିମ୍ବା ଅଶୋକ ପତ୍ର ଓ ନଡ଼ିଆ ଲଗାଯାଏ । ପୂଜା ସ୍ଥାନରେ ଏକ ଅନନ୍ତ ଜ୍ୱାଳା ଜଳାଇବାର ମଧ୍ୟ ପରମ୍ପରା ଅଛି। ଏହି ସମୟରେ, ଦେବୀ ହାତୀ ଉପରେ ଆସୁଛନ୍ତି, କିନ୍ତୁ ତାଙ୍କ ପ୍ରସ୍ଥାନ ପାଇଁ ଯାତ୍ରାକୁ ଶୁଭ ବୋଲି ବିବେଚନା କରାଯାଏ ନାହିଁ।

ପ୍ରକୃତରେ ପ୍ରତିବର୍ଷ ଶାରଦୀୟ ନବରାତ୍ରିରେ ଯେଉଁ ଯାନରେ ମାତା ଦେବୀ ଆଗମନ କରନ୍ତି ଓ ପ୍ରସ୍ଥାନ କରନ୍ତି ତାହାର ପ୍ରଭାବ ବିଶ୍ୱ ଉପରେ ପଡ଼ିଥାଏ । ତେଣୁ ଏଥର ଲୋକମାନେ କେଉଁ ଯାନରେ ମାତା ଦେବୀ ପ୍ରସ୍ଥାନ କରନ୍ତି ତାହା ଜାଣିବାକୁ ଆଗ୍ରହୀ । ଏହି ଦିନ ଘଟସ୍ଥାପନର ଶୁଭ ସମୟ ସକାଳ ୬:୧୯ରୁ ୧୦:୧୧୨ ପର୍ଯ୍ୟନ୍ତ ରହିବ। ମାହେନ୍ଦ୍ର ମୁହୂର୍ତ୍ତ ସକାଳ ୧୧:୪୪ରୁ ୧୨:୩୧ ପର୍ଯ୍ୟନ୍ତ ବୋଲି କୁହାଯାଏ ।

ଏଥର ଶାରଦୀୟ ନବରାତ୍ରି ମଙ୍ଗଳବାର ଅକ୍ଟୋବର ୨୦ ତାରିଖରେ ଶେଷ ହେଉଛି । ଶାସ୍ତ୍ରରେ ମଙ୍ଗଳବାର ଓ ଶନିବାର ଦେବୀଙ୍କ ପ୍ରସ୍ଥାନକୁ ଚରଣାୟୁଦ୍ଧ ବାହନ ଭାବରେ ବର୍ଣ୍ଣନା କରାଯାଇଛି । ଲୋକକଥା ଅନୁସାରେ, ଚରଣାୟୁଦ୍ଧର ଅର୍ଥ ପାରମ୍ପରିକ ଭାବରେ କୁକୁଡ଼ା ସହିତ ଜଡ଼ିତ। ଏହି ବିଶ୍ୱାସ ଅନୁସାରେ, ମଙ୍ଗଳବାର ଦିନ ମା' ଦୁର୍ଗାଙ୍କ ପ୍ରସ୍ଥାନ ଚରଣାୟୁଦ୍ଧରେ ହେବ। କୁକୁଡ଼ାରେ ଦେବୀଙ୍କ ବିଦାୟ ଦେବା ଅଶୁଭ ବୋଲି ବିବେଚନା କରାଯାଏ। ଏହି ବାହନକୁ ଦୁଃଖ, ପାରସ୍ପରିକ ମତଭେଦ ଓ ପ୍ରାକୃତିକ ବିପର୍ଯ୍ୟୟର ପ୍ରତୀକ ଭାବରେ ବିବେଚନା କରାଯାଏ। ଏହା ସାମାଜିକ ବିଭ୍ରାଟ, ମାନସିକ ଅଶାନ୍ତି ଓ ପ୍ରେମଜନିତ ସମସ୍ୟା ସୃଷ୍ଟି କରିପାରେ।

ପ୍ରାୟ ୧୦୦ ବର୍ଷର ବ୍ୟବଧାନ ପରେ ନବରାତ୍ରି ସମୟରେ ବୃହସ୍ପତି ଓ ଚନ୍ଦ୍ରଙ୍କ ସଂଯୋଗ 'ଗଜକେଶରୀ ରାଜଯୋଗ' ସୃଷ୍ଟି କରୁଛି । ନଅ ଦିନିଆ ଏହି ପର୍ବ ଏକ ଅତ୍ୟନ୍ତ ବିରଳ ଓ ଉଲ୍ଲେଖନୀୟ ଖଗୋଳୀୟ ସଂଯୋଗ ଭାବରେ ପରିଚିତ । ତେଣୁ ଏହି ନଅ ଦିନିଆ ପର୍ବ ଅତ୍ୟନ୍ତ ଉତ୍ସାହ ସହିତ ପାଳିତ ହେଉଛି ।

ନବରାତ୍ରି ସମୟରେ ଦେବଗୁରୁ ବୃହସ୍ପତି ଓ ଚନ୍ଦ୍ରଙ୍କ ସଂଯୋଗ ଅତ୍ୟନ୍ତ ଫଳପ୍ରଦ ଗଜକେଶରୀ ରାଜଯୋଗ ସୃଷ୍ଟି କରୁଛି। ଜ୍ୟୋତିଷ ଶାସ୍ତ୍ରରେ ଏହି ମହାଯୋଗକୁ ପଦ, ପ୍ରତିଷ୍ଠା, ଅପାର ଧନ, ବୌଦ୍ଧିକ କ୍ଷମତା ଓ ସୌଭାଗ୍ୟର କାରକ ଭାବରେ ବିବେଚନା କରାଯାଏ । ଏଥର ନବରାତ୍ରିର ପବିତ୍ର ଦିନଗୁଡ଼ିକରେ ଏହି ଯୋଗର ଗଠନ ଅନେକ ଲୋକଙ୍କ କ୍ୟାରିଅର, ସ୍ୱାସ୍ଥ୍ୟ ଓ ବୈବାହିକ ଜୀବନରେ ପ୍ରମୁଖ ଓ ସକାରାତ୍ମକ ପରିବର୍ତ୍ତନ ଆଣିଛି । ନବରାତ୍ରି ସମୟରେ ଦେବୀ ଦୁର୍ଗାଙ୍କ ନଅଟି ରୂପ ପୂଜା କରାଯାଏ । ସେହି ସମୟରେ ପୂଜା କ୍ରମ ଅନୁଯାୟୀ ହେବ।

୧୧ ଅକ୍ଟୋବର, ନବରାତ୍ରିର ପ୍ରଥମ ଦିନ, ଦେବୀ ଶୈଳପୁତ୍ରୀଙ୍କ ପୂଜା କରାଯିବ । ତାଙ୍କୁ ଦେବୀ ଦୁର୍ଗାଙ୍କ ପ୍ରଥମ ରୂପ ଭାବରେ ବିବେଚନା କରାଯାଏ । ୧୨ ଅକ୍ଟୋବରରେ ଦେବୀ ବ୍ରହ୍ମଚାରିଣୀଙ୍କ ପୂଜା କରାଯିବ । ଭକ୍ତମାନେ ଏହି ଦିନ ଉପବାସ ପାଳନ କରନ୍ତି ଓ ଦେବୀଙ୍କ ପୂଜା କରନ୍ତି । ୧୩ ଅକ୍ଟୋବରରେ ଦେବୀ ଚନ୍ଦ୍ରଘଣ୍ଟାଙ୍କ ପୂଜା କରାଯିବ । ଦେବୀଙ୍କ ଏହି ରୂପ ସାହସ ଓ ଶକ୍ତିରେ ପରିପୂର୍ଣ୍ଣ ବୋଲି ବିଶ୍ୱାସ କରାଯାଏ ।

ଅକ୍ଟୋବର ୧୧ ରେ ଶାରଦିଆ ନବରାତ୍ରୀ ଆରମ୍ଭ । ଏହାକୁ ଏକତ୍ରିତ ଭାବରେ ଦେଖାଯାଏ। ୧୪ ଅକ୍ଟୋବରରେ ମା' କୁଷ୍ମାଣ୍ଡାଙ୍କ ପୂଜା କରାଯିବ। ୧୫ ଅକ୍ଟୋବରରେ ମା' ସ୍କନ୍ଦମାତାଙ୍କ ପୂଜା କରାଯିବ । ୧୬ ଅକ୍ଟୋବରରେ ମା' କାତ୍ୟାୟନୀଙ୍କ ପୂଜା କରାଯିବ । ୧୭ ଅକ୍ଟୋବରରେ ମା' କାଳରାତ୍ରିଙ୍କ ପୂଜା କରାଯିବ। ୧୮ ଅକ୍ଟୋବରରେ ଅଷ୍ଟମ ଦିନରେ ମା' ମହାଗୌରୀଙ୍କ ପୂଜା କରାଯିବ। ଏହି ଦିନ ଅନେକ ସ୍ଥାନରେ କନ୍ୟା ପୂଜନ ମଧ୍ୟ କରାଯାଏ । ୧୯ ଅକ୍ଟୋବରରେ ଅର୍ଥାତ୍ ନବରାତ୍ରିର ନବମ ଦିନରେ ମା ସିଦ୍ଧିଦାତ୍ରୀଙ୍କ ପୂଜା କରାଯିବ । ଏହି ଦିନ ମହାନବମୀ ପର୍ବ ପାଳିତ ହେବ। ଏଥର ନବରାତ୍ରିର ଅଷ୍ଟମୀ ଉଭୟ ଦିନ ଅର୍ଥାତ୍ ୧୮ ଏବଂ ୧୯ ତାରିଖରେ ପାଳନ କରାଯାଇପାରିବ ।

ଅଷ୍ଟମୀରେ ମା' ମହାଗୌରୀଙ୍କୁ ପୂଜା କରାଯିବ। ଅନେକ ଘରେ ଅଷ୍ଟମୀରେ କନ୍ୟା ପୂଜନ ଓ ହବନ କରାଯାଏ । ପଞ୍ଜିକାରେ, ଅଷ୍ଟମୀ ତିଥି ୧୯ ଅକ୍ଟୋବର ସୋମବାର ସକାଳ ୧୦:୫୨ ପର୍ଯ୍ୟନ୍ତ ରହିବ । ତେଣୁ, ଉଦୟ ସମୟ ଅନୁସାରେ, ସୋମବାର ହିଁ ଅଷ୍ଟମୀ ପାଳନ କରାଯିବ। ଏହା ପରେ, ସେହି ଦିନ ମହାନବମୀ ମଧ୍ୟ ପାଳନ କରାଯାଇପାରିବ । ନବମୀରେ ମା' ସିଦ୍ଧିଦାତ୍ରୀଙ୍କ ପୂଜା କରାଯାଏ। ନବରାତ୍ରି ଉପବାସ ପାଳନ କରୁଥିବା ଅନେକ ଭକ୍ତ ଏହି ଦିନ କନ୍ୟା ପୂଜନ ପରେ ଉପବାସ ଭଙ୍ଗ କରନ୍ତି। ତଥାପି ପରିବାର ଓ ଅଞ୍ଚଳ ଅନୁସାରେ ଉପବାସ ଭାଙ୍ଗିବାର ପରମ୍ପରା ଭିନ୍ନ ହୋଇପାରେ।

ନବରାତ୍ରିର ନଅ ଦିନ ମଧ୍ୟରେ ଦେବୀ ଦୁର୍ଗାଙ୍କ ବିଭିନ୍ନ ରୂପକୁ ପୂଜା କରାଯାଏ। ଧାର୍ମିକ ବିଶ୍ୱାସ ଅନୁସାରେ, ପ୍ରତ୍ୟେକ ଦିନ ଦେବୀଙ୍କୁ ବିଶେଷ ନୈବେଦ୍ୟ ଅର୍ପଣ କରାଯାଏ । ନବରାତ୍ରିର ନଅ ଦିନ ମଧ୍ୟରେ କେଉଁ ରୂପ ପାଇଁ କେଉଁ ନୈବେଦ୍ୟ ଶୁଭ ବୋଲି ବିବେଚନା କରାଯାଏ ।

ନବରାତ୍ରିର ପ୍ରଥମ ଦିନରେ ଦେବୀ ଶୈଳପୁତ୍ରୀଙ୍କୁ ପୂଜା କରାଯାଏ। ଏହି ଦିନ ଦେବୀଙ୍କୁ ଶୁଦ୍ଧ ଗାଈ ଘିଅ ଅର୍ପଣ କରିବାର ପରମ୍ପରା ଅଛି । ବିଶ୍ୱାସ ଅନୁଯାୟୀ ଦେବୀ ଶୈଳପୁତ୍ରୀଙ୍କୁ ଘିଅ ଅର୍ପଣ କରିବା ଦ୍ୱାରା ସ୍ୱାସ୍ଥ୍ୟ, ସୁଖ ଓ ସମୃଦ୍ଧିର ଇଚ୍ଛା ପୂରଣ ହୁଏ । ଭକ୍ତମାନେ ଭକ୍ତିର ସହିତ ଦେବୀଙ୍କୁ ଘିଅ ଅର୍ପଣ କରନ୍ତି ଓ ତା'ପରେ ପ୍ରସାଦ ଗ୍ରହଣ କରନ୍ତି । ଦ୍ୱିତୀୟ ଦିନରେ ଦେବୀ ବ୍ରହ୍ମଚାରିଣୀଙ୍କୁ ପୂଜା କରାଯାଏ। ଏହି ଦିନ ଦେବୀଙ୍କୁ ଚିନି, ମିଠା କିମ୍ବା ପଞ୍ଚାମୃତ ଅର୍ପଣ କରାଯାଏ । ଧାର୍ମିକ ବିଶ୍ୱାସ ଅନୁସାରେ, ଦେବୀ ବ୍ରହ୍ମଚାରିଣୀଙ୍କୁ ମିଠା ଅର୍ପଣ କରି ଦାନ କରିବା ଦ୍ୱାରା ଦୀର୍ଘାୟୁ ଓ ମାନସିକ ଶାନ୍ତି ମିଳିଥାଏ ବୋଲି ବିଶ୍ୱାସ କରାଯାଏ ।

ନବରାତ୍ରିର ତୃତୀୟ ଦିନରେ ମା' ଚନ୍ଦ୍ରଘଣ୍ଟାଙ୍କୁ ପୂଜା କରାଯାଏ । ଏହି ଦିନ କ୍ଷୀର ଓ କ୍ଷୀର ଆଧାରିତ ମିଠା ଅର୍ପଣ କରିବାର ପରମ୍ପରା ଅଛି । ବିଶେଷ ଭାବରେ ଦେବୀଙ୍କୁ ଖୀର ଅର୍ପଣ କରାଯାଏ । ଏହା ବିଶ୍ୱାସ କରାଯାଏ ଯେ ମା ଚନ୍ଦ୍ରଘଣ୍ଟାଙ୍କୁ କ୍ଷୀର ଆଧାରିତ ନୈବେଦ୍ୟ ଅର୍ପଣ କରିବା ଦ୍ୱାରା ଜୀବନରେ ସୁଖ ଓ ଶାନ୍ତି ଆସିଥାଏ ଓ ନକାରାତ୍ମକ ପରିସ୍ଥିତିରୁ ମୁକ୍ତି ମିଳିଥାଏ ।

ଚତୁର୍ଥ ଦିନରେ ଦେବୀ କୁଷ୍ମାଣ୍ଡାଙ୍କୁ ପୂଜା କରାଯାଏ । ଏହି ଦିନ ଦେବୀଙ୍କୁ ମାଲପୁଆ ଅର୍ପଣକୁ ପବିତ୍ର ବୋଲି ବିଶ୍ୱାସ କରାଯାଏ । ପୂଜା ପରେ, ମାଲପୁଆ ଭୋଗକୁ ଅଭାବୀ କିମ୍ବା ଯୋଗ୍ୟ ବ୍ୟକ୍ତିଙ୍କୁ ଦାନ କରିବାର ମଧ୍ୟ ପରମ୍ପରା ଅଛି । ଧାର୍ମିକ ବିଶ୍ୱାସ ଅନୁସାରେ, ଏହା ଜ୍ଞାନ ଓ ବିଚକ୍ଷଣତା ବୃଦ୍ଧି କରେ ବୋଲି ବିଶ୍ୱାସ କରାଯାଏ । ପଞ୍ଚମ ଦିନରେ ଦେବୀ ସ୍କନ୍ଦମାତା ପାଳନ କରାଯାଏ। ଏହି ଦିନ ଦେବୀଙ୍କୁ କଦଳୀ ଅର୍ପଣ କରାଯାଏ । ପୂଜା ପରେ, କଦଳୀକୁ ପ୍ରସାଦ ଭାବରେ ବଣ୍ଟନ କରିବାର ପରମ୍ପରା ଅଛି। ବିଶ୍ୱାସ ଅନୁସାରେ, ଦେବୀ ସ୍କନ୍ଦମାତାଙ୍କୁ କଦଳୀ ଅର୍ପଣ କରିବା ଦ୍ୱାରା ଜ୍ଞାନ, ସୁଖ ଓ ସମୃଦ୍ଧି ମିଳିଥାଏ।

ଷଷ୍ଠ ଦିନ ଦେବୀ କାତ୍ୟାୟନୀଙ୍କୁ ପୂଜା କରାଯାଏ । ଏହି ଦିନ ଦେବୀଙ୍କୁ ମହୁ ଅର୍ପଣ କରିବାର ପରମ୍ପରା ରହିଛି । ଧାର୍ମିକ ବିଶ୍ୱାସ ଅନୁସାରେ, ଦେବୀ କାତ୍ୟାୟନୀଙ୍କୁ ମହୁ ଅର୍ପଣ କରିବା ଦ୍ୱାରା ଜୀବନରେ ମଧୁରତା ଓ ସକାରାତ୍ମକତା ଆସିଥାଏ । ଭକ୍ତମାନେ ଶ୍ରଦ୍ଧାର ସହିତ ମହୁ ଅର୍ପଣ କରିବା ପରେ ଏହାର ପ୍ରସାଦ ଗ୍ରହଣ କରନ୍ତି । ସପ୍ତମ ଦିନ ନବରାତ୍ରିରେ ଦେବୀ କାଳରାତ୍ରିଙ୍କୁ ଗୁଡ଼ ମା' କାଳରାତ୍ରିଙ୍କ ପୂଜା କରାଯାଏ । ଏହି ଦିନ ଦେବୀଙ୍କୁ ଗୁଡ଼ ଅର୍ପଣ କରାଯାଏ । କିମ୍ବଦନ୍ତୀ ଅନୁସାରେ, ଦେବୀ କାଳରାତ୍ରିଙ୍କୁ ପୂଜା କରାଯାଏ । ବିଶ୍ୱାସ କରାଯାଏ ଯେ ଗୁଡ଼ ଅର୍ପଣ କରିବା ଦ୍ୱାରା ଭୟ ଏବଂ ନକାରାତ୍ମକତା ଦୂର ହୁଏ । ପୂଜା ପରେ ପ୍ରସାଦ ଭାବରେ ଗୁଡ଼ ବଣ୍ଟନ କରିବା ଏକପ୍ରକାର ଶୁଭ ବୋଲି ବିବେଚନା କରାଯାଏ ।

ଅଷ୍ଟମ ଦିନ ମହାଗୌରୀ ଦେବୀଙ୍କୁ ନଡ଼ିଆ ଅଷ୍ଟମୀ ତିଥିରେ ଦେବୀ ମହାଗୌରୀଙ୍କୁ ପୂଜା କରାଯାଏ । ଏହି ଦିନ ଦେବୀଙ୍କୁ ନଡ଼ିଆ ଅର୍ପଣ କରିବାର ପରମ୍ପରା ରହିଛି । ଅନେକ ସ୍ଥାନରେ ଦେବୀଙ୍କୁ ନଡ଼ିଆ ଅର୍ପଣ କରିବା ପରେ ପ୍ରସାଦ ଭାବରେ ବଣ୍ଟନ କରାଯାଏ । ଧାର୍ମିକ ବିଶ୍ୱାସ ଅନୁସାରେ, ମହାଗୌରୀ ଦେବୀଙ୍କୁ ନଡ଼ିଆ ଅର୍ପଣ କରିବା ଦ୍ୱାରା ମନସ୍କାମନା ପୂରଣ ହୁଏ ଓ ପରିବାରରେ ଶାନ୍ତି ଓ ସୁଖ ଆଣେ ବୋଲି ବିଶ୍ୱାସ କରାଯାଏ ।

ନବମ ଦିନ: ଦେବୀ ସିଦ୍ଧିଦାତ୍ରୀଙ୍କୁ ଶସ୍ୟ ଓ ହାଲୱା-ପୁରୀ ଅର୍ପଣ - ନବରାତ୍ରିର ଶେଷ ଦିନରେ ଦେବୀ ସିଦ୍ଧିଦାତ୍ରୀଙ୍କ ପୂଜା କରାଯାଏ । ଏହି ଦିନ, ହାଲୱା, ଚଣା, ପୁରୀ, ଖୀର ଓ ପୁଆ ଭଳି ଦେବୀ ପ୍ରସାଦ ଅର୍ପଣ କରିବାର ପରମ୍ପରା ଅଛି ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

ବ୍ୟକ୍ତି ଓ ବ୍ୟକ୍ତିତ୍ୱ

# ପରିଧିର ପ୍ରଦୀପ: ଡାକ୍ତର ରାଜେନ୍ଦ୍ର କୁମାର ମୁର୍ମୁ

## ଡ. ଗୋଲକ ବିହାରୀ ଆଚାର୍ଯ୍ୟ





### ଦେବଦୂତ ଡାକ୍ତର : ଦୟାର ଦୀପ୍ତ ଦିଶା

'ଡାକ୍ତରୀ ଦୈବୀ ଦାୟିତ୍ୱ, ଦୁଃଖଦଗ୍ଧ ଦେହ ଓ ଦୁର୍ବଳ ଦିଲକୁ ଦୟା, ଦକ୍ଷତା ଓ ଦୃଢ଼ ବିଶ୍ୱାସର ଦୀପ୍ତିରେ ଦିଗଦର୍ଶନ ଦେବାର ଦିବ୍ୟ ଧର୍ମ। ଆଲୋପାଥିର ଅମୂଲ୍ୟ ଅନୁକମ୍ପା ଅସୁସ୍ଥଙ୍କୁ ଅଭୟ ଓ ଆଶ୍ୱାସନ ଅର୍ପଣ କରେ। କିନ୍ତୁ ଯେତେବେଳେ ମାନବସେବାର ମହନୀୟ ମନୋଭାବ ମୁନାଫାର ମୋହରେ ମଳିନ ହୁଏ, ସେତେବେଳେ ସମଗ୍ର ଚିକିତ୍ସା ବ୍ୟବସ୍ଥାର ମର୍ଯ୍ୟାଦା ମଧ୍ୟ ମ୍ଳାନ ହୋଇଯାଏ। ଏପରି ପରିପ୍ରେକ୍ଷୀରେ ପରୋପକାର, ପବିତ୍ରତା ଓ ପେଶାଗତ ପ୍ରତିବଦ୍ଧତାର ପ୍ରତୀକ କିଛି ଆଦର୍ଶ ଡାକ୍ତରଙ୍କୁ ପ୍ରକାଶପଥରେ ପ୍ରତିଷ୍ଠିତ କରିବାର ଏହି ପ୍ରୟାସ ଏକ ପ୍ରଶଂସନୀୟ ପଦକ୍ଷେପ। ସେମାନଙ୍କର ପ୍ରେରଣାଦାୟକ ପଦଚିହ୍ନ ପରବର୍ତ୍ତୀ ପିଢ଼ି ପାଇଁ ପଥପ୍ରଦର୍ଶକ ପ୍ରଦୀପ ହୋଇ ରହିବ।'

ଡାକ୍ତର କେବଳ ରୋଗ ଚିହ୍ନନ୍ତି ନାହିଁ, ରୋଗୀର ରୁଗ୍ଣତା ଭିତରେ ଲୁଚିଥିବା ରୁଦନକୁ ମଧ୍ୟ ପଢ଼ନ୍ତି। ସେ କେବଳ ଔଷଧ ଦିଅନ୍ତି ନାହିଁ, ଅସହାୟ ମନରେ ଆଶ୍ୱାସର ଅମୃତ ଢାଳନ୍ତି। ରୋଗୀର ଦେହକୁ ଚିକିତ୍ସା କରିବା ସହଜ ହୋଇପାରେ; କିନ୍ତୁ ତା'ର ଭୟ, ଭାଙ୍ଗିପଡ଼ିଥିବା ବିଶ୍ୱାସ ଓ ବିପନ୍ନ ପରିବାରକୁ ଭରସା ଦେବା ହେଉଛି ଡାକ୍ତରୀ ଧର୍ମର ଦୁର୍ଲଭ ଦିଗ। ଜ୍ଞାନ ଜଣେ ଡାକ୍ତରଙ୍କୁ ଦକ୍ଷ କରେ, ଅଭିଜ୍ଞତା ତାଙ୍କୁ ବିଚକ୍ଷଣ କରେ; କିନ୍ତୁ କରୁଣା, କର୍ତ୍ତବ୍ୟବୋଧ ଓ କୋମଳ ମାନବିକତା ତାଙ୍କୁ ମହାନ କରେ।

ଆଜିର ଚିକିତ୍ସାଜଗତ୍‌ରେ ବିଜ୍ଞାନର ବିସ୍ମୟ, ପ୍ରଯୁକ୍ତିର ପ୍ରଭାବ ଓ ପ୍ରତିଷ୍ଠିତ ପ୍ରାସାଦପ୍ରତିମ ହସ୍ପିଟାଲର ପ୍ରାଚୁର୍ଯ୍ୟ ଯେତେ ବଢ଼ୁଛି, ସେତେବେଳେ ମଧ୍ୟ କେତେକ ଡାକ୍ତର ଅଛନ୍ତି, ଯାହାଙ୍କ ପାଇଁ ଚିକିତ୍ସା ବୃତ୍ତି ନୁହେଁ—ବ୍ରତ; ରୋଗୀ ଗ୍ରାହକ ନୁହେଁ—ଗୋଟିଏ ଅସହାୟ ମଣିଷ; ହସ୍ପିଟାଲ କର୍ମକ୍ଷେତ୍ର ନୁହେଁ—କର୍ତ୍ତବ୍ୟର କ୍ଷେତ୍ର। ଚିକିତ୍ସାର ଚକଚକିଆ କେନ୍ଦ୍ରଠାରୁ ଦୂରେ, ସୁବିଧା ଓ ସମ୍ଭାବନାର ସହରୀ ସୀମାଠାରୁ ସୁଦୂରେ, ନିରବ ନିଷ୍ଠାରେ ନିଜ ଜୀବନ ଜାଳି ଅନ୍ୟର ଜୀବନକୁ ଆଲୋକିତ କରୁଥିବା ଏମିତି ଜଣେ ଡାକ୍ତର ହେଉଛନ୍ତି ଡାକ୍ତର ରାଜେନ୍ଦ୍ର କୁମାର ମୁର୍ମୁ।

**ପରିଧିରେ ଥାଇ ପ୍ରାଣର ପ୍ରତିପାଳକ:**

ଗୋଟିଏ ସ୍ଥାନରେ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ରହିବା ନିଶ୍ଚୟ ଏକ ଦୁର୍ଲଭ ଘଟଣା। କିନ୍ତୁ ଏକ ଦୂରଦୁରାନ୍ତ ଗ୍ରାମୀଣ ଚିକିତ୍ସାକେନ୍ଦ୍ରରେ ବର୍ଷ ପରେ ବର୍ଷ ଅବିଚଳିତ ଭାବରେ ରୋଗୀସେବାରେ ନିଜକୁ ନିୟୋଜିତ ରଖିବା—ତାହାଠାରୁ ଅଧିକ ଦୁର୍ଲଭ।କେନ୍ଦୁଝର ଜିଲ୍ଲାର କେଶଦୁରାପାଳ ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୦୦୫ ମସିହାରୁ ଡାକ୍ତର ମୁର୍ମୁଙ୍କ ସେବାସାଧନା ଚାଲିଆସୁଛି। ବର୍ଷ ବର୍ଷ ଧରି ସୀମିତ ସୁବିଧା, ସୀମାହୀନ ରୋଗୀଭିଡ଼ ଓ ଅସଂଖ୍ୟ ଆଶା-ଆକାଂକ୍ଷା ମଧ୍ୟରେ ସେ ଏହି ଚିକିତ୍ସାକେନ୍ଦ୍ରକୁ ନିଜ କର୍ମକ୍ଷେତ୍ରରୁ ଅଧିକ କିଛି କରିଛନ୍ତି—ଏକ ଆଶ୍ରୟସ୍ଥଳୀ।

ଗ୍ରାମୀଣ ଚିକିତ୍ସାର ଚିତ୍ର ଅନେକ ସମୟରେ କଷ୍ଟକର। ରୋଗ ସହିତ ଏଠାରେ ଲଢ଼ିବାକୁ ପଡ଼େ ଦାରିଦ୍ର୍ୟ ସହ, ଅଜ୍ଞାନତା ସହ, ଦୂରତା ସହ, ଅଭାବ ସହ ଓ ଅନେକ ସାମାଜିକ ସମସ୍ୟା ସହ। ତଥାପି ଏସବୁ ପ୍ରତିବନ୍ଧକତା ତାଙ୍କ ପଦକୁ ପଛକୁ ଫେରାଇ ପାରିନାହିଁ।

**ସମୟର ସୀମା ନାହିଁ, ସେବାର ସୀମା ନାହିଁ:**

ଡାକ୍ତର ମୁର୍ମୁଙ୍କ ସେବାର ସବୁଠାରୁ ବଡ଼ ବୈଶିଷ୍ଟ୍ୟ ହେଉଛି—ତାଙ୍କର ସହଜଲଭ୍ୟତା। ଦିନ ହେଉ କି ରାତି, ଗରିବ ହେଉ କି ଧନୀ, ପରିଚିତ ହେଉ କି ଅପରିଚିତ—ତାଙ୍କ ପାଇଁ ରୋଗୀ ହେଉଛି ରୋଗୀ। ଘଣ୍ଟାର କଣ୍ଟା ତାଙ୍କ କର୍ତ୍ତବ୍ୟକୁ କାଟିପାରେ ନାହିଁ।

ଲେଖକ ନିଜେ ବିଭିନ୍ନ ସମୟରେ ଏହି ଚିକିତ୍ସାକେନ୍ଦ୍ରକୁ ଯାଇ ତାଙ୍କୁ ରୋଗୀସେବାରେ ନିମଗ୍ନ ଦେଖିଛନ୍ତି। ଅଧିକାରିକ କାର୍ଯ୍ୟର ବ୍ୟସ୍ତତା ଥିଲେ ମଧ୍ୟ ଅଳ୍ପ ସମୟ ପାଇଁ ଫାର୍ମାସିର ବ୍ୟବସ୍ଥା କରି, ଅନ୍ୟ ଦାୟିତ୍ୱ ସମ୍ଭାଳି, ସେବାର ସ୍ରୋତକୁ ଅବରୁଦ୍ଧ ହେବାକୁ ଦେଇନାହାନ୍ତି।

କୌଣସି ଆଡ଼ମ୍ବର ନାହିଁ, ଅଭିଜାତ ଅଭିନୟ ନାହିଁ, ପଦପ୍ରତିଷ୍ଠାର ପ୍ରଦର୍ଶନ ନାହିଁ—ଅଛି କେବଳ ସେବା ପାଇଁ ସଦାସଜ୍ଜ ଏକ ସରଳ ମଣିଷ।

**ଭିଡ଼ ନୁହେଁ, ବିଶ୍ୱାସ:**

ତାଙ୍କ OPDର ଦୃଶ୍ୟ ଦେଖିଲେ ତାଙ୍କ କର୍ତ୍ତବ୍ୟର ବିଶାଳତା ସହଜରେ ଅନୁଭବ କରାଯାଏ। ଦିନକୁ ୧୫୦ରୁ ୨୦୦ ପର୍ଯ୍ୟନ୍ତ ରୋଗୀ ଆସିବା ଅସାଧାରଣ ନୁହେଁ। ଏତେ ରୋଗୀଙ୍କୁ ଏକାଗ୍ରତାରେ ଦେଖିବା, ପ୍ରତ୍ୟେକର କଥା ଶୁଣିବା, ରୋଗର ରୂପ ବୁଝିବା ଓ ଉପଯୁକ୍ତ ଚିକିତ୍ସା ଦେବା—ଏଥିପାଇଁ ଆବଶ୍ୟକ ଅସାଧାରଣ ଧୈର୍ଯ୍ୟ ଓ ଦୃଢ଼ ମନୋବଳ।ବିଶେଷକରି ଏହି ଅଞ୍ଚଳର ବହୁ ସଂଖ୍ୟକ ଆଦିବାସୀ ରୋଗୀଙ୍କ ସହ ତାଙ୍କର ଆତ୍ମୀୟ ସମ୍ପର୍କ ଏହି ଚିକିତ୍ସାକେନ୍ଦ୍ରକୁ ଆହୁରି ନିଜର କରିଦେଇଛି। ଅଲଚିକି ଭାଷାରେ ସେମାନଙ୍କ ସହ ସହଜରେ କଥା ହୋଇପାରିବା ତାଙ୍କୁ ରୋଗୀଙ୍କ ଆହୁରି ନିକଟକୁ ନେଇଛି। ଭାଷା ଯେଉଁଠି ପ୍ରାଚୀର ହୋଇପାରୁଥାନ୍ତା, ସେଠି ତାହା ତାଙ୍କ ପାଇଁ ପାଲଟିଯାଇଛି ସ୍ନେହର ସେତୁ।ତେଣୁ ଏହି ଭିଡ଼ କେବଳ ରୋଗୀଙ୍କ ଭିଡ଼ ନୁହେଁ—ଏହା ବିଶ୍ୱାସର ଭିଡ଼।

**ମହାମାରୀର ମଝିରେ ମାନବିକତା:**

କୋଭିଡ୍‌ର କଠିନ କାଳରେ ଚିକିତ୍ସାକେନ୍ଦ୍ର ଗୁଡ଼ିକ ଯେତେବେଳେ ଆତଙ୍କ, ଅନିଶ୍ଚିତତା ଓ ଅତ୍ୟଧିକ ରୋଗୀଭାରରେ ଅସ୍ତବ୍ୟସ୍ତ, ସେତେବେଳେ ଡାକ୍ତର ମୁର୍ମୁ ମଧ୍ୟ ନିଜ ସାଧ୍ୟମତେ ସଚେତନତା, ଚିକିତ୍ସା ଓ ସେବାରେ ନିଜକୁ ନିୟୋଜିତ ରଖିଥିଲେ। ଏହି ସେବାଯାତ୍ରାରେ ସେ ନିଜେ ମଧ୍ୟ କୋଭିଡ୍‌ର ଶିକାର ହୋଇ କିଛି ସମୟ ପାଇଁ ଦୂରେ ରହିବାକୁ ବାଧ୍ୟ ହୋଇଥିଲେ।

ଏହା ଅବହେଳାର ଫଳ ନୁହେଁ; ବରଂ କର୍ତ୍ତବ୍ୟର କଠିନ କ୍ଷେତ୍ରରେ କାମ କରିବାର ଝୁମ୍ପକୁ ଗ୍ରହଣ କରିବାର ଏକ ଅନିବାର୍ଯ୍ୟ ପରିଣତି।

ମହାମାରୀ ଚିକିତ୍ସକଙ୍କ ଦେହର ଦୁର୍ବଳତା ଦେଖାଇଥିଲା, କିନ୍ତୁ ସେମାନଙ୍କ ମନର ଦୃଢ଼ତାକୁ ମଧ୍ୟ ପ୍ରକାଶ କରିଥିଲା। ଡାକ୍ତର ମୁର୍ମୁଙ୍କ ଜୀବନରେ ଏହା ମଧ୍ୟ ସେହି ସେବାସାଧନାର ଏକ ଅଧ୍ୟାୟ।

**ଅଭିଜ୍ଞତାର ଅମୂଲ୍ୟ ଅମୃତ:**

ଆଜି ତାଙ୍କ ସହ କାର୍ଯ୍ୟ କରିବାକୁ ଯୁବ ଡାକ୍ତରମାନେ ଅଛନ୍ତି। ତଥାପି ଅନେକ ରୋଗୀ ନିଜ ଚିକିତ୍ସା ପାଇଁ ଡାକ୍ତର ମୁର୍ମୁଙ୍କୁ ଖୋଜନ୍ତି। ଏହା ତାଙ୍କ ଜ୍ଞାନ ଓ ଅଭିଜ୍ଞତା ପ୍ରତି ଲୋକଙ୍କର ଆସ୍ଥାର ନିରବ ପ୍ରମାଣ।

ପୁସ୍ତକ ରୋଗର ନାମ ଶିଖାଏ; ଅଭିଜ୍ଞତା ରୋଗୀକୁ ଚିହ୍ନିବା ଶିଖାଏ। ତଥ୍ୟ ଚିକିତ୍ସାକୁ ସମୃଦ୍ଧ କରେ; ବର୍ଷବର୍ଷର ଅନୁଭବ ନିର୍ଣ୍ଣୟକୁ ନିର୍ଭୁଲ ଓ ନିର୍ଭୀକ କରେ। ଦୀର୍ଘ ସେବାରେ ଅର୍ଜିତ ଏହି ଅଭିଜ୍ଞତା ହିଁ ଡାକ୍ତର ମୁର୍ମୁଙ୍କର ଅଦୃଶ୍ୟ ସମ୍ପଦ।

କେଶଦୁରାପାଳ ସ୍ୱାସ୍ଥ୍ୟକେନ୍ଦ୍ରର 'କାୟାକଳ୍ପ' ପୁରସ୍କାର ପାଇବାର ପଛରେ ମଧ୍ୟ ତାଙ୍କ ଅକ୍ଳାନ୍ତ ପରିଶ୍ରମ, ଶୃଙ୍ଖଳା ଓ ଦାୟିତ୍ୱବୋଧର ଅବଦାନକୁ ଅନୁଭବ କରାଯାଏ। ଏପରି ସଫଳତା କେବଳ ଜଣେ ବ୍ୟକ୍ତିର ନୁହେଁ; ଏହା ଏକ ସମଗ୍ର ଦଳର ସାମୂହିକ ସାଧନା। କିନ୍ତୁ ଏହି ସାଧନାର ପଛରେ କିଛି ଅବିଚଳ ମଣିଷ ଥାଆନ୍ତି, ଯେଉଁମାନେ ମାନଦଣ୍ଡକୁ ମଳିନ ହେବାକୁ ଦିଅନ୍ତି ନାହିଁ। ଡାକ୍ତର ମୁର୍ମୁ ସେହି ଅବିଚଳ ସ୍ତମ୍ଭମାନଙ୍କ ମଧ୍ୟରୁ ଜଣେ।

**ଯେଉଁଠି କୃତଜ୍ଞତାର ମୂଲ୍ୟ ମଧ୍ୟ ନାହିଁ:**

ତାଙ୍କ ଜୀବନର ଆଉ ଏକ ଦିଗ ଆହୁରି ଆଶ୍ଚର୍ଯ୍ୟଜନକ।

ସନ୍ଧ୍ୟାବେଳେ ନିଜ ଡ୍ରଇଂରୁମ୍‌ରେ ବସି ସେ ରୋଗୀ ଦେଖନ୍ତି—ଯେପରି ସେହି ଘରଟି ତାଙ୍କ ଆଉ ଗୋଟିଏ OPD। ରୋଗୀ ଆସନ୍ତି, ନିଜ ଅସୁବିଧା କହନ୍ତି, ସେ ଶୁଣନ୍ତି, ପରାମର୍ଶ ଦିଅନ୍ତି। କିନ୍ତୁ ଏହି ସେବା ପାଇଁ ସେ ଗୋଟିଏ ଟଙ୍କା ମଧ୍ୟ ନେବାକୁ ଇଚ୍ଛା କରନ୍ତି ନାହିଁ।

ଏହା କେବଳ ଅର୍ଥ ନ ନେବାର କଥା ନୁହେଁ; ଏହା ତାଙ୍କ ମନୋଭାବର ମହତ୍ତ୍ୱ।

ତାଙ୍କର ଏହି ଉଦାର ଆଚରଣର ପ୍ରଭାବ ସହକର୍ମୀମାନଙ୍କ ଉପରେ ମଧ୍ୟ ପଡ଼ିଛି। ଅନେକ କର୍ମଚାରୀ ଅବସର ସମୟରେ ଅନ୍ୟ ହସ୍ପିଟାଲ ବା ବ୍ୟକ୍ତିଗତ ଡାକ୍ତରଙ୍କ ନିକଟରୁ ଆସିଥିବା ରୋଗୀଙ୍କ ଡ୍ରେସିଂ କରିବା, ଇଞ୍ଜେକ୍ସନ ଦେବା ଭଳି ସହାୟତା ପାଇଁ ମଧ୍ୟ ଅର୍ଥ ନେଉନାହାନ୍ତି।

ଏହା ହେଉଛି ନେତୃତ୍ୱର ସବୁଠାରୁ ସୁନ୍ଦର ସଂଜ୍ଞା—ନିର୍ଦ୍ଦେଶ ଦେଇ ନୁହେଁ, ନିଜ ଦୃଷ୍ଟାନ୍ତ ଦେଇ ଅନ୍ୟକୁ ଉତ୍ତମ କରିବା।

**ସମ୍ମାନ ନୁହେଁ, ସେବା ହିଁ ସମ୍ମାନ**

କେହି କେହି ସମ୍ମାନ ପାଇବା ପାଇଁ ସମାରୋହ ଖୋଜନ୍ତି; ଡାକ୍ତର ମୁର୍ମୁ ମନେହୁଏ ସେବା କରିବା ପାଇଁ ସୁଯୋଗ ଖୋଜନ୍ତି।

ଅନ୍ୟମାନେ ଯେତେବେଳେ ମଞ୍ଚର ମାଳା ଓ ମାନପତ୍ରରେ ମହିମା ଖୋଜନ୍ତି, ସେତେବେଳେ ତାଙ୍କ ପାଇଁ ଜଣେ ଅସୁସ୍ଥ ମଣିଷର ମୁହଁରେ ଫେରିଆସିଥିବା ହସ ହିଁ ବଡ଼ ପୁରସ୍କାର।

ତାଙ୍କର ପ୍ରକୃତ ପରିଚୟ କୌଣସି ପଦବୀରେ ନୁହେଁ, କୌଣସି ପ୍ରଶଂସାପତ୍ରରେ ନୁହେଁ, କୌଣସି ମଞ୍ଚର ମାଳାରେ ନୁହେଁ। ତାହା ରହିଛି ସେହି ଅସଂଖ୍ୟ ରୋଗୀଙ୍କ ସ୍ମୃତିରେ, ଯେଉଁମାନେ କହିପାରନ୍ତି—"ବିପଦରେ ଡାକ୍ତର ମୁର୍ମୁ ଥିଲେ।"

ଏହାଠାରୁ ବଡ଼ ପରିଚୟ ଜଣେ ଡାକ୍ତରଙ୍କର ଆଉ କ'ଣ ହୋଇପାରେ ?

**ପରିଧିର ପ୍ରଦୀପ:**

ଡାକ୍ତର ରାଜେନ୍ଦ୍ର କୁମାର ମୁର୍ମୁଙ୍କ ଜୀବନ ଆମକୁ ଚିକିତ୍ସାର ଏକ ମୌଳିକ ମନ୍ତ୍ର ମନେ ପକାଇଦିଏ—ଚିକିତ୍ସାର ମୂଳରେ ମଣିଷ, ମଣିଷର ମୂଳରେ ମମତା।

ତାଙ୍କର ସହାନୁଭୂତି, ସମ୍ବେଦନଶୀଳତା, ସରଳତା, ସଦୟତା, ଉଦାରତା, ଅଭିଜ୍ଞତା, ଜ୍ଞାନ, ନିୟମିତତା, ନିଷ୍ଠା, ନିରନ୍ତରତା ଓ ନିର୍ଲୋଭ ମନୋଭାବ ମିଶି ତାଙ୍କୁ ଜଣେ ଅସାଧାରଣ ଗ୍ରାମୀଣ ଚିକିତ୍ସକରେ ପରିଣତ କରିଛି।

ସେ କେନ୍ଦ୍ରରେ ନାହାନ୍ତି—ପରିଧିରେ ଅଛନ୍ତି। କିନ୍ତୁ ପରିଧିରେ ଥାଇ ମଧ୍ୟ ସେ ଅସଂଖ୍ୟ ଜୀବନର କେନ୍ଦ୍ରବିନ୍ଦୁ। ସହରର ଚକଚକିଆ ଚିକିତ୍ସାଳୟର ଆଲୋକ ଯେତେ ଦୂର ପହଞ୍ଚୁନା କାହିଁକି, ଦୂର ଦୁର୍ଗମ ଗ୍ରାମର ଅନ୍ଧାରରେ ଜଳୁଥିବା ଗୋଟିଏ ଛୋଟ ପ୍ରଦୀପର ମୂଲ୍ୟ କେବେ କମେ ନାହିଁ।

ପ୍ରବାଦ ଅଛି—"ପ୍ରଦୀପ ରାଜ ପ୍ରାସାଦରେ ଜଳିଲେ ତାହାର ଆଲୋକ ଦେଖାଯାଏ; କିନ୍ତୁ ଅନ୍ଧାରରେ ଜଳିଲେ ତାହାର ମହତ୍ତ୍ୱ ବୁଝାଯାଏ।"

କେନ୍ଦୁଝରର ଏହି ଦୂର ଦୁରାନ୍ତରେ, ସୀମିତ ସାଧନ ଓ ଅସୀମ ଆବଶ୍ୟକତା ମଧ୍ୟରେ, ଡାକ୍ତର ରାଜେନ୍ଦ୍ର କୁମାର ମୁର୍ମୁ ସେହି ପ୍ରଦୀପଟିଏ—ନିରବ, ନିର୍ଲୋଭ, ନିରନ୍ତର।

କାରଣ ଖ୍ୟାତି କେନ୍ଦ୍ରକୁ ଯାଇପାରେ, ପ୍ରଶଂସା ପ୍ରାସାଦକୁ ପହଞ୍ଚିପାରେ; କିନ୍ତୁ ପ୍ରକୃତ ସେବା ସବୁବେଳେ ସେଠି ଆଲୋକ ଜଳାଏ, ଯେଉଁଠି ଆଲୋକର ସବୁଠାରୁ ଅଧିକ ଆବଶ୍ୟକତା।

ସେଇ ଅର୍ଥରେ ଡାକ୍ତର ମୁର୍ମୁ କେବଳ ଜଣେ ଚିକିତ୍ସକ ନୁହନ୍ତି; ସେ ପରିଧିର ପ୍ରଦୀପ, ପୀଡ଼ିତର ପ୍ରତିଶ୍ରୟ ଓ ମାନବିକତାର ଏକ ନିରବ ନମସ୍କାର।

❤ କେଶଦୁରାପାଳ
କେନ୍ଦୁଝର- ୭୫୮୦୨୫
(ମୋ)୯୯୩୮୧୭୫୧୦୦

# ପୁଚିଠାରୁ ବୋହୂଚୋରୀ: କୁଆଁରୀ ଜୀବନର ଏକ ଅଭୁଲା ଫର୍ଦ୍ଦ



## ମିଳନ କୁମାର ମିଶ୍ର (ଭରଦ୍ୱାଜ)

ସମୟର ଚକ ଅବିରତ ଘୂରି ଚାଲିଛି । ଏହି ବଦଳୁଥିବା ସମୟ ସ୍ରୋତରେ ଆମ ଗାଁର ସ୍ୱରୂପ ବଦଳିଛି, ବଦଳିଛି ଆମ ପିଲାଦିନର ସେହି ନିଷ୍ପାପ ଆନନ୍ଦ । ଦିନ ଥିଲା, ଯେତେବେଳେ ଓଡ଼ିଶାର ପୁରପଲ୍ଲୀରେ ଖରାବେଳ କିମ୍ବା ସଞ୍ଜ ନଇଁଲେ ସାହି ପଡ଼ିଶାର କୁଆଁରୀ ଝିଅମାନଙ୍କ କଳରବରେ ଗାଁ ଦାଣ୍ଡ ମୁଖରିତ ହୋଇ ଉଠୁଥିଲା । ମାତ୍ର ଆଜିର ଆଧୁନିକ ଓ ମୋବାଇଲ୍ ଯୁଗରେ ସେହି ସବୁ ସ୍ମୃତି କେବଳ ସାତସପନ ପାଲଟିଯାଇଛି । ପିଲାଦିନର ସେଇ ପାରମ୍ପରିକ ଖେଳରେ ଥିବା ନିଆରା ସ୍ୱପ୍ନ ଆଜିର ଡିଜିଟାଲ୍ ଦୁନିଆରେ ସମ୍ପୂର୍ଣ୍ଣ ବିରଳ ।

ସେହି ସମୟର ସବୁଠାରୁ ଆକର୍ଷଣୀୟ ଓ ସ୍ମରଣୀୟ ପାରମ୍ପରିକ ଖେଳ ଥିଲା 'ବୋହୂ ଚୋରୀ' । ଏହା କେବଳ ଏକ ଖେଳ ନଥିଲା, ଏହା ଥିଲା ନିଷ୍ପାପ ପିଲାଦିନର ଏକ ସୁନ୍ଦର କାଳ୍ପନିକ ନାଟକ । ଗାଁ ଦାଣ୍ଡରେ କିମ୍ବା କାହାରି ଖୋଲା ବାଡ଼ି ବଗିଚାରେ ମାଟିରେ ବଡ଼ ଚାରିକୋଣିଆ ଗାର ଟଣାଯାଉଥିଲା । ଝିଅମାନେ ଦୁଇଟି ଦଳରେ ବିଭକ୍ତ ହେଉଥିଲେ—'ଘରବାଲା' ଏବଂ 'ଚୋର'। ଦଳର ସବୁଠାରୁ ଛୋଟ କିମ୍ବା ଲାଜକୁଳୀ ଝିଅଟିକୁ ଓଢ଼ଣା ପକାଇ 'ବୋହୂ' ସଜାଯାଉଥିଲା । ଚୋର ଦଳର ପିଲାମାନେ ଘରବାଲାଙ୍କ ଆଖିରେ ଧୂଳିଦେଇ, ନାନା କାଇଦା କରି ସେହି ବୋହୂକୁ ଚୋରି କରି ନିଜ ସୀମାକୁ ନେବାକୁ ଚେଷ୍ଟା କରୁଥିଲେ । ଅପରପକ୍ଷରେ, ଘରବାଲା ଦଳ ବୋହୂକୁ ଚାରିପଟୁ ସୁରକ୍ଷା ଦେଇ ଘେରି ରହିଥାନ୍ତି । ଏହି ଛୁଆଁଛୁଇଁ, ଦୌଡ଼ାଦୌଡ଼ି ଏବଂ ତା' ଭିତରେ ଥିବା ଲୁଚକାଳିର ରୋମାଞ୍ଚ ଝିଅମାନଙ୍କୁ ଏକ ଅଫୁରନ୍ତ ଆନନ୍ଦ ଦେଉଥିଲା । ସେହି କାଳ୍ପନିକ ବୋହୂ ସାଜିବା ଭିତରେ ଲୁଚି ରହୁଥିଲା ଭବିଷ୍ୟତର ଏକ ମିଠା ସ୍ୱପ୍ନ ।

କେବଳ ବୋହୂ ଚୋରୀ ନୁହେଁ, ଓଡ଼ିଶାର ଗାଁ ଗହଳିରେ କୁଆଁରୀ ଝିଅମାନଙ୍କର ଅନ୍ୟାନ୍ୟ ପ୍ରିୟ ଖେଳ ମଧ୍ୟ ଥିଲା, ଯାହା ଆଜି ଲୋପ ପାଇବାକୁ ବସିଲାଣି । ବିଶେଷ କରି କୁମାର ପୂର୍ଣ୍ଣିମା ସମୟରେ ଝିଅମାନଙ୍କ ମଧ୍ୟରେ ପୁଚି ଖେଳର ଏକ ନିଆରା ଆନନ୍ଦ ଥାଏ । 'ଠିଆ ପୁଚି' ଓ 'ବସା ପୁଚି' ଖେଳିବା ଦ୍ୱାରା ଝିଅମାନଙ୍କର ଶାରୀରିକ କସରତ ହେବା ସହ ଏକ ସୁସ୍ଥ ପ୍ରତିଯୋଗିତା ମନୋଭାବ ସୃଷ୍ଟି ହେଉଥିଲା । ଜହ୍ନ ଆଲୁଅରେ ଗାଁ ଦାଣ୍ଡରେ ପୁଚି ଖେଳର ଗୀତ ଆଜି ବି କାନରେ ଗୁଞ୍ଜରିତ ହୁଏ । ସେହିପରି ଥିଲା କିତିକିତି ଖେଳ । ମାଟି ଉପରେ କୋଠି ଟାଣି, ମାଟି ପାତ୍ରର ଭଙ୍ଗା ଖଣ୍ଡ (ଖପରା) କୁ ଗୋଡ଼ରେ ଠେଲି ଠେଲି ଗୋଟିଏ ଗୋଡ଼ରେ ଡେଇଁ ଡେଇଁ ଖେଳାଯାଉଥିବା ଏହି ଖେଳ ଏକାଗ୍ରତା ଓ ସନ୍ତୁଳନ ରକ୍ଷା କରିବାର ଶ୍ରେଷ୍ଠ ମାଧ୍ୟମ ଥିଲା । ସେହିପରି ଅନ୍ୟ ଏକ ଆକର୍ଷଣ ଥିଲା ବାଘଛେଳି ଓ ଗୁଟି ଖେଳ । ଖରାବେଳେ ଘର ବାରଣ୍ଡାରେ ବସି ପଥର ଗୋଡ଼ିକୁ ନେଇ ଗୁଟି ଖେଳିବା କିମ୍ବା ମାଟିରେ ଗାର ଟାଣି ବାଘଛେଳି ଖେଳିବା ଦ୍ୱାରା ମାନସିକ ଦକ୍ଷତା ବୃଦ୍ଧି ପାଉଥିଲା ।



ଏହି ସବୁ ଖେଳ ଭିତରେ କେବଳ ଜିତିବା ହାରିବାର ପ୍ରତିଯୋଗିତା ନଥିଲା, ବରଂ ଥିଲା ଏକ ନିଆରା ସାମାଜିକ ସମ୍ପର୍କର ପ୍ରତିଫଳନ । ସାହି ଭାଇଙ୍କ ଝିଅମାନଙ୍କ ମଧ୍ୟରେ ଥିବା ସେହି ସ୍ନେହ, ଆନ୍ତରିକତା ଏବଂ ମିଠାପଣ ଗାଁ ପରିବେଶକୁ ଉତ୍ସବମୁଖର କରି ରଖୁଥିଲା । ଖେଳୁ ଖେଳୁ ସାମାନ୍ୟ କଳିତକରାଳ ହେବା ଏବଂ ପର ମୁହୂର୍ତ୍ତରେ ପୁଣି ଏକାଠି ହୋଇ ହସିବା—ଏହା ହିଁ ଥିଲା ସେହି ସମୟର ସବୁଠାରୁ ବଡ଼ ବୈଶିଷ୍ଟ୍ୟ ।

ମାତ୍ର ଆଜି ସମୟ ବଦଳିବା ସହ ଗାଁର ଚିତ୍ର ବି ବଦଳିଯାଇଛି । ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଅଗ୍ରଗତି ଆମକୁ ସ୍ମାର୍ଟଫୋନ୍, ଇଣ୍ଟରନେଟ୍ ଏବଂ ଅନଲାଇନ୍ ଗେମ୍ସର ଦୁନିଆରେ ବାନ୍ଧି ରଖିଛି । କାନ୍ଥରେ ଟଣାଯାଉଥିବା ଗାର ଜାଗାରେ ଆଜି ମୋବାଇଲ୍ ସ୍କ୍ରିନ ସ୍ଥାନ ନେଇଛି । ଆଜିର ପିଲାମାନେ ଚାରି କାନ୍ଥ ଭିତରେ ବନ୍ଦୀ ହୋଇ ନିଜର ଶୈଶବକୁ ହଜାଇ ଦେଉଛନ୍ତି । ଗାଁ ଦାଣ୍ଡ ଆଜି ଶୂନ୍‌ଶାନ୍। ସମୟକ୍ରମେ ସାହି ଝିଅମାନଙ୍କ ମେଳିରେ ହେଉଥିବା ହସକାନ୍ଦ ଓ ପାଟିତୁଣ୍ଡ ନିଶ୍ଚିହ୍ନ ହେବାକୁ ବସିଲାଣି।

ଏହି ପାରମ୍ପରିକ ଖେଳଗୁଡ଼ିକ କେବଳ ମନୋରଞ୍ଜନ କରାଉ ନଥିଲା, ବରଂ ପିଲାମାନଙ୍କ ମଧ୍ୟରେ ଏକତା, ସହନଶୀଳତା ଏବଂ ଦଳଗତ ମନୋଭାବ ସୃଷ୍ଟି କରୁଥିଲା । ମୋବାଇଲର କୃତ୍ରିମ ଦୁନିଆ ଆମକୁ ଆତ୍ମକେନ୍ଦ୍ରିକ କରିଦେଇଥିବା ବେଳେ, ଏହି ମାଟିର ଖେଳଗୁଡ଼ିକ ସମସ୍ତଙ୍କୁ ଆପଣାର କରିବା ଶିଖାଉଥିଲା ।

ଯଦି ଆମେ ଆମର ଏହି ସମୃଦ୍ଧ ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିବାକୁ ଚାହୁଁ, ତେବେ ପିଲାମାନଙ୍କୁ ମୋବାଇଲ୍ ? ଦୁନିଆରୁ ବାହାର କରି ପୁଣିଥରେ ମାଟି ଓ ପ୍ରକୃତି ସହ ଯୋଡ଼ିବାକୁ ପଡ଼ିବ । ଆମ ଶୈଶବର ସେହି ମିଠା ଅନୁଭୂତି ଓ ବୋହୂ ଚୋରୀ ଖେଳର ସ୍ମୃତି ଯେପରି କେବଳ ପୁରୁଣା ପୃଷ୍ଠାରେ ସୀମିତ ହୋଇ ନରହେ, ସେଥିପାଇଁ ପରିବାର ଓ ସମାଜ ସ୍ତରରେ ସଚେତନତା ସୃଷ୍ଟି ହେବା ନିହାତି ଜରୁରୀ । ନଚେତ୍ ଆଗାମୀ ଦିନରେ ଏହି ସବୁ ପାରମ୍ପରିକ ଖେଳ କେବଳ ଇତିହାସର ଏକ ଅଧ୍ୟାୟ ହୋଇ ରହିଯିବ ।

❤ ମାର୍ଫତ: ମନ୍ମଥ କୁମାର ମିଶ୍ର
ବିଶ୍ୱେଶ୍ୱରପୁର ଶାସନ
କେନ୍ଦୁଝର ବଜାର
କେନ୍ଦୁଝର - ୭୫୮୦୦୨
ମୋ: ୭୦୦୮୨୪୧୨୮୭

# ଉଦଳାରେ ଉତ୍କଳମଣି ଗୋପବନ୍ଧୁଙ୍କ ୧୪୯ତମ ଜୟନ୍ତୀ (ସେବା ଦିବସ) ପାଳିତ



ଉଦଳା , ୧୦/୧୦ (ନି.ପ୍ର): ପ୍ରତିବର୍ଷ ପରି ଚଳିତ ବର୍ଷ ଗୋପବନ୍ଧୁ ମେମୋରିଆଲ ସେବାଟ୍ରଷ୍ଟ ଓ ଅଟୋ ମାଲିକ ସଂଘ ଉଦଳାର ମିଳିତ ଆନୁକୁଲ୍ୟରେ ଉତ୍କଳମଣି ଗୋପବନ୍ଧୁଙ୍କ ୧୪୯ତମ ଜୟନ୍ତି(ସେବା ଦିବସ) ପାଳିତ ହୋଇଯାଇଛି । ଏଥିପାଇଁ ଦିର୍ଘ ୧ ସପ୍ତାହ ପୁର୍ବରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥିଲା । ପ୍ରଭାତରେ ବସଷ୍ଟାଣ୍ଡ ନିକଟରେ ସ୍ଥାପନ କରାଯାଇଥିବା ଉତ୍କଳମଣିଙ୍କ ପ୍ରତିମୂର୍ତିରେ ପୁଷ୍ପ, ଧୂପ, ଦୀପ ଅର୍ପଣ ପୂର୍ବକ ପୂଜାର୍ଚ୍ଚନା କରାଯାଇଥିଲା । ପରେ ସମସ୍ତେ ଏକସ୍ୱରରେ 'ବନ୍ଦେ ଉତ୍କଳ ଜନନୀ...' ଗାନ କରିଥିଲେ । ସେବାଟ୍ରଷ୍ଟର ସଭାପତି ତଥା ନଗରପାଳ ପ୍ରମିଳା ପଣ୍ଡା ଓ ଅଟୋ ମାଲିକ ସଂଘର ସଭାପତି ଲକ୍ଷ୍ମଣ ମହାପାତ୍ର ଦିବସ ବ୍ୟାପି ଆୟୋଜିତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାର ନେତୃତ୍ୱ ନେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଉଦଳା ବରିଷ୍ଠ ନାଗରିକ ସଂଘର ସଭାପତି ଡ଼ା. ଶଚିଦାନନ୍ଦ ପରିଡ଼ା, ଉଦଳା ଓକିଲ ସଂଘ ଓ ସେବା ଟ୍ରଷ୍ଟର ସମ୍ପାଦକ ବସନ୍ତ କୁମାର ପରିଡ଼ା, ଉଦଳା ସାମ୍ବାଦିକ ସଂଗର ସଭାପତି ଆନନ୍ଦ ଦାସ, ଶିକ୍ଷୟିତ୍ରି ନିର୍ମଳା ରାୟ, ପ୍ରମିଳା ଜେନା, ସାମ୍ବାଦିକ ହିମାଦ୍ରୀ ଶେଖର ପାଲ, ମାନସ ପାଣି, ସାଲାଏ ମାର୍ଣ୍ଡି, ସୁବ୍ରତ ମହାନ୍ତି, ସତ୍ୟବ୍ରତ ମିଶ୍ର, ଅଶୋକ କୁମାର କଲିଆ, କୁଳମଣି ବେହେରାଙ୍କ ସମେତ ବହୁ ସ୍ୱେଚ୍ଛାସେବି ଉପସ୍ଥିତ ଥିଲେ । ଏହାପରେ ଉଦଳା ଡ଼ାକ୍ତରଖାନା ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ୧୭ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ସନ୍ଧ୍ୟାରେ ଗୋପବନ୍ଧୁଙ୍କ ସାହିତ୍ୟକୃତିକୁ ନେଇ ଏକ ଆଲୋଚନାଚକ୍ର ଓ କବିତା ପାଠୋତ୍ସବର ପର୍ବ ଅନୁଷ୍ଠିତ ହୋଇଥିଲା ।

# ବାଘଡା-ମୋରଡା ମୁଖ୍ୟ ରାସ୍ତାରେ ଗଜରାଜ: ଯାତାୟାତ ବାଧାପ୍ରାପ୍ତ



ବାରିପଦା , ୧୦/୧୦ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବନାଞ୍ଚଳ ଅନ୍ତର୍ଗତ ବାଘଡା-ମୋରଡା ମୁଖ୍ୟ ରାସ୍ତାରେ ଏକ ଦନ୍ତାହାତୀର ଉପସ୍ଥିତିକୁ ନେଇ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ଦନ୍ତାହାତୀଟି ମୁଖ୍ୟ ରାସ୍ତା ଉପରେ ପ୍ରାୟ ଏକ କିଲୋମିଟର ଚାଲିବା ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ହାତୀଟିକୁ ଦେଖିବା ପାଇଁ ରାସ୍ତାରେ ଲୋକଙ୍କ ଭିଡ଼ ଜମିଥିବା ବେଳେ କେତେକ ଲୋକ ହାତୀ ପଛେ ପଛେ ଯାଇ ମୋବାଇଲ୍‌ରେ ଫଟୋ ଓ ଭିଡିଓ ଉତ୍ତୋଳନ କରୁଥିବା ଦେଖାଯାଇଥିଲା। ଏପରିକି ଦନ୍ତାହାତୀଟି ରାସ୍ତାକଡ଼ରେ ଥିବା ଏକ ଘର ଭିତରକୁ ପଶିବାକୁ ଉଦ୍ୟମ କରୁଥିବା ସମୟରେ କେତେକ ଲୋକ ହାତୀ ଉପରକୁ ପାଣି ଛାଟୁଥିବା ଦୃଶ୍ୟ ମଧ୍ୟ ନଜରକୁ ଆସିଥିଲା। ଅନ୍ୟପକ୍ଷରେ, ଜଙ୍ଗଲୀ ହାତୀ ନିକଟକୁ ନଯିବା, ତାକୁ ଉତ୍ତେଜିତ ନକରିବା ଏବଂ ସୁରକ୍ଷିତ ଦୂରତା ବଜାୟ ରଖିବାକୁ ବନ ବିଭାଗ ପକ୍ଷରୁ ଲୋକଙ୍କୁ ସତର୍କ କରାଯାଉଥିଲା. ହାତୀ ନିକଟରେ ଭିଡ଼ ଜମାଇ ଫଟୋ ଓ ଭିଡିଓ ଉଠାଇବା ବିପଦପୂର୍ଣ୍ଣ ହୋଇଥିବାରୁ ଏଥିରୁ ନିବୃତ୍ତ ରହିବାକୁ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ଶାରଦୀୟ ନବରାତ୍ରି...

(ପୃଷ୍ଠା ୬ର ଅବଶିଷ୍ଟାଂଶ)

ତା'ପରେ ଏହି ପ୍ରସାଦ ଝିଅ, ଅଭାବୀ ଓ ଅନ୍ୟମାନଙ୍କ ମଧ୍ୟରେ ବଣ୍ଟନ କରାଯାଏ । ଧାର୍ମିକ ବିଶ୍ୱାସ ଅନୁସାରେ, ଏପରି କରିବା ଦ୍ୱାରା ଜୀବନରେ ସୁଖ, ଶାନ୍ତି ଓ ସମୃଦ୍ଧିର ଇଚ୍ଛା ପୂରଣ ହୁଏ । ନବରାତ୍ରି ପରେ, ବିଜୟାଦଶମୀ, ବା ଦଶହରା, ମଙ୍ଗଳବାର, ଅକ୍ଟୋବର ୨୦ ତାରିଖରେ ପାଳିତ ହେବ । ଏହି ଦିନ, ଦେବୀ ଦୁର୍ଗାଙ୍କ ପୂଜା କରିବା ପରେ, ଅନେକ ସ୍ଥାନରେ ମୂର୍ତ୍ତି ବିସର୍ଜନ କରାଯାଏ । ଦଶହରାରେ ରାବଣ, କୁମ୍ଭକର୍ଣ୍ଣ ଓ ମେଘନାଦଙ୍କ ପ୍ରତିମୂର୍ତ୍ତି ଜାଳିବାର ମଧ୍ୟ ପରମ୍ପରା ଅଛି । ହିନ୍ଦୁ ଧର୍ମରେ, ବିଜୟାଦଶମୀ ମନ୍ଦ ଉପରେ ଭଲର ବିଜୟର ପ୍ରତୀକ । ଏହି ଦିନ ପ୍ରଭୁ ରାମ ରାବଣଙ୍କୁ ବଧ କରିଥିଲେ । ଦେବୀ ପରମ୍ପରାରେ, ଏହାକୁ ମହିଷାସୁର ଉପରେ ଦେବୀ ଦୁର୍ଗାଙ୍କ ବିଜୟ ଭାବରେ ପାଳନ କରାଯାଏ । ଏହି ପର୍ବ ସହିତ ଜଡିତ ଓ ଶାସ୍ତ୍ର ଅନୁସାରେ ସନ୍ଧି ପୂଜାର ଶୁଭ ସମୟ ହେଉଛି ଅକ୍ଟୋବର ୧୯ ତାରିଖ ସୋମବାର ସକାଳ ୧୦:୨୭ ରୁ ୧୧:୧୫ ପର୍ଯ୍ୟନ୍ତ । ଏହି ସନ୍ଧି ସମୟରେ ଦେବୀ ଦୁର୍ଗା ଚାମୁଣ୍ଡା ରୂପ ଧାରଣ କରି ଚଣ୍ଡ ଓ ମୁଣ୍ଡ ରାକ୍ଷସମାନଙ୍କୁ ବଧ କରିଥିଲେ । ତେଣୁ, ସନ୍ଧି ପୂଜା ସମୟରେ, ୧୦୮ଟି ଦୀପ ଜଳାଇ ଓ ୧୦୮ଟି ପଦ୍ମ ଫୁଲ ଅର୍ପଣ କରି ଦେବୀଙ୍କୁ ଶାନ୍ତ କରାଯାଏ...!!!

ଅଧ୍ୟକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪
ସଂପର୍କ: ୯୦୪୦ ୧୫୧୪

# ଭିଜନ ବାଲେଶ୍ୱର ସଂଗଠନର ସ୍ଥାପନା ଦିବସରେ ଅନୁଷ୍ଠିତ ହେଲା ନିଆରା କାର୍ଯ୍ୟକ୍ରମ 'ଚାଲ ଖୁସି ବାଣ୍ଟିବା'




ବାଲେଶ୍ୱର , ୧୦/୧୦ (ନି.ପ୍ର): ୨୦୨୪ ମସିହା ଆଜିର ଦିନରେ ବାଲେଶ୍ୱର ସହରର ମଲ୍ଲୀକାଶପୁର ଠାରେ ଗଢିଉଠିଥିବା ବାଲେଶ୍ୱରର ଅନ୍ୟତମ ସାମାଜିକ ଓ ସାଂସ୍କୃତିକ ସଂଗଠନ ଭିଜନ ବାଲେଶ୍ୱର ର ସ୍ଥାପନା ଦିବସ ଅବସରରେ 'ଚାଲ ଖୁସି ବାଣ୍ଟିବା' ନାମରେ ଏକ ନିଆରା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ବାଲେଶ୍ୱର କଷବା ଷ୍ଟ୍ରିଟ ବଣିଆ ମନ୍ଦିର ସ୍ଥିତ ପ୍ରୟାସ ଦୃଷ୍ଟିହୀନ ନିମନ୍ତେ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ,ବେରଣ୍ୟ ଅତିଥିଭାବେ ବାଲେଶ୍ୱରର ବରିଷ୍ଠ ସାମ୍ବାଦିକ ଦେବବ୍ରତ ପାଣିଗ୍ରାହୀ ଯୋଗ ଦେଇ ସଂଗଠନର ଏଭଳି ପ୍ରୟାସ କୁ ସାଧୁବାଦ ଜ୍ଞାପନ କରିବା ସହିତ ଏହି ପିଲାମାନେ ଅକ୍ଷମ ନୁହଁନ୍ତି ସେମାନେ ସକ୍ଷମ ବୋଲି କହିବା ସହିତ କିପରି ନିଜକୁ ନିଜେ ସ୍ୱାବଲମ୍ବୀ ହୋଇପାରିବେ ଏବଂ ନିଜର ଅନ୍ତର୍ନିହିତ ପ୍ରତିଭାକୁ ସର୍ବ ସମ୍ମୁଖରେ ପ୍ରସ୍ଫୁଟିତ କରାଇପାରିବେ ଓ ସମାଜର ମୁଖ୍ୟସ୍ରୋତରେ ନିଜକୁ ସାମିଲ କରି ଭଲ ମଣିଷ ଟିଏ ଗଢି ତୋଳିବେ ତା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ସଂଗଠନର ସମ୍ପାଦକ ଧୀରେନ୍ଦ୍ର କୁମାର ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବର୍ଣ୍ଣନା କହିଥିଲେ । ସେ କହିଥିଲେ କି ସଂଗଠନର ଏହି ନିଆରା କାର୍ଯ୍ୟକ୍ରମର ଜିଲ୍ଲାର ବିଭିନ୍ନ ବୃଦ୍ଧାଶ୍ରମ, ଅନାଥାଶ୍ରମ, ଦୃଷ୍ଟିବାଧିତ ବିଦ୍ୟାଳୟ ମାନଙ୍କରେ ଆଗାମୀ ଦିନରେ ଅନୁଷ୍ଠିତ ହେବା ସହିତ ନୃତ୍ୟ, ସଂଗୀତ, ହସକଥା ଆଦି କାର୍ଯ୍ୟକ୍ରମ ଜରିଆରେ ସମସ୍ତଙ୍କ ମନୋରଞ୍ଜନ କରାଯିବ । ବିଦ୍ୟାଳୟର ମୁଖ୍ୟପରିଚାଳକ ପୂର୍ଣ୍ଣଚନ୍ଦ୍ର ରାଉତ ଛାତ୍ରଛାତ୍ରୀ ଙ୍କର ସଫଳ କୃତି ବଖାଣିବା ସହ ସଂଗଠନର ନିଆରା ପ୍ରୟାସ ପାଇଁ ଧନ୍ୟବାଦ ଜ୍ଞାପନ କରିଥିଲେ । ପ୍ରତିଷ୍ଠା ଦିବସ ଉପଲକ୍ଷେ ପିଲାମାନଙ୍କୁ ମିଷ୍ଟାନ ଓ ଜଳଖିଆ ବଣ୍ଟନ କରାଯାଇଥିଲା । ଏହି ଅବସରରେ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ସୁନ୍ଦର ଭଜନ ପରିବେଷଣ କରି ସମସ୍ତଙ୍କୁ ବିମୋହିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସଂଗଠନ ଉପଦେଷ୍ଟା କୁନାଲ ବେହେରା, ଅଜୟ ନାୟକ,ବିରଞ୍ଚି କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସୁଚାରୁ ରୂପେ ପରିଚାଳନା କରିଥିଲେ । ଶେଷରେ କାର୍ଯ୍ୟନିର୍ବାହୀ ସଦସ୍ୟ ଅର୍ଦ୍ଧେନ୍ଦୁ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବିଦ୍ୟାଳୟର ସେବିକା ଫୁଲମଣୀ ବେହେରା ଉପସ୍ଥିତ ରହିଥିଲେ।

# ଛାତ୍ର ସଂସଦ ନିର୍ବାଚନ ବାତିଲ କଲେ ଗରସଙ୍ଗ କଲେଜ କର୍ତ୍ତୃପକ୍ଷ

## ଶାସକ ଦଳ ପ୍ରାର୍ଥୀଙ୍କ ପରାଜୟ ଭୟ ମୁଖ୍ୟକାରଣ-ବିସିଜେଡି




ଖଇରା, ୧୦/୧୦ (ନି.ପ୍ର): ଖଇରା ବ୍ଲକ ଅଧୀନ ଗରସଙ୍ଗସ୍ଥିତ ଜୟେଶ୍ୱର ମହାବିଦ୍ୟାଳୟରେ ଜଣେ ଛାତ୍ର ଙ୍କ ପ୍ରାର୍ଥୀପତ୍ର ନାକଚ ପରେ ନିର୍ବାଚନ ବାତିଲ ଘୋଷଣା କୁ ନେଇ ଛାତ୍ରଛାତ୍ରୀ ମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ଶାସକ ଦଳର ନେତାଙ୍କ ଚାପରେ ନିର୍ବାଚନ ବାତିଲ କରାଯାଇଥିବା ନେଇ ବିସିଜେଡି ସଙ୍ଗଠନ ତରଫରୁ ଅଭିଯୋଗ କରାଯିବା ସହ କଲେଜ ପରିସରରେ ପ୍ରତିବାଦ କରାଯାଇଛି । ବନ୍ଦ କରିବା ଲକ୍ଷରେ କଲେଜ ପରିସରରେ ଶାସକ ଦଳ କର୍ମୀଙ୍କ ଗଣ୍ଡଗୋଳ ଆଗାମୀ ପଞ୍ଚାୟତ ଓ ସାଧାରଣ ନିର୍ବାଚନକୁ ପ୍ରଭାବିତ କରିବ ବୋଲି ବିଭିନ୍ନ ଛାତ୍ର ସଙ୍ଗଠନର କର୍ମକର୍ତ୍ତା ମାନେ ଚେତାବନୀ ଦେଇଛନ୍ତି। ଶୁକ୍ରବାର ମନୋନୟନ ପତ୍ର ଦାଖଲ ପରେ ଏଭିବିପି ସଙ୍ଗଠନରୁ ସାଧାରଣ ସମ୍ପାଦକ ପ୍ରାର୍ଥୀ ହୋଇଥିବା ପଙ୍କଜ କୁମାର ସେଠୀଙ୍କ ନାମରେ ସିମୁଳିଆ ଥାନାରେ ଅପରାଧିକ ମାମଲା ଥିବା ନେଇ ପ୍ରତିପକ୍ଷ କଲେଜ କର୍ତ୍ତୃପକ୍ଷଙ୍କୁ ଏଫଆଇଆର କପିର ନକଲ ଦେବା ପରେ କଲେଜ କର୍ତ୍ତୃପକ୍ଷ ଉକ୍ତ ଛାତ୍ରଙ୍କ ପ୍ରାର୍ଥୀପତ୍ର ନାକଚ କରିଦେଇଥିଲେ ଏବଂ ପ୍ରତିପକ୍ଷ ପ୍ରତିଦ୍ୱନ୍ଦୀ ଧନଞ୍ଜୟ ଦାସଙ୍କୁ ନିର୍ଦ୍ୱନ୍ଦରେ ବିଜୟୀ ଘୋଷଣା କରିଥିଲେ । ଏହାକୁ କେନ୍ଦ୍ରକରି ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର କର୍ମୀ ସିମୁଳିଆ ପୋଲିସର ଉପସ୍ଥିତି ସତ୍ତ୍ୱେ କଲେଜରେ ହଙ୍ଗାମା କରିଥିଲେ । ଏ ସମ୍ପର୍କରେ ଅଧ୍ୟକ୍ଷ ରତ୍ନାକର ହାତୀ ଉପଜିଲାପାଳଙ୍କୁ ଅବଗତ କରାଇଥିଲେ । ହଠାତ ଶନିବାର ମଧ୍ୟାହ୍ନରେ ଅଧ୍ୟକ୍ଷଙ୍କ ତରଫରୁ ନିର୍ବାଚନ ବାତିଲ ଘୋଷଣା ନିରାଶ କରିଛି । ଏ ସମ୍ପର୍କରେ ଧନଞ୍ଜୟ ଦାସ ବିଭିନ୍ନ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଏବିଭିପି କେବଳ ସମ୍ପାଦକ ନୁହେଁ ସମସ୍ତ ପଦବୀରେ ପରାଜିତ ହେବା ଭୟରେ ଶାସକ ଦଳ ନେତୃବୃନ୍ଦଙ୍କ ଦ୍ୱାରା ଏହା ଏକ ପ୍ରାୟୋଜିତ କାର୍ଯ୍ୟକ୍ରମ ବୋଲି ଅଭିଯୋଗ କରିଛନ୍ତି । ଅଧ୍ୟକ୍ଷ ଙ୍କ ପ୍ରତିକ୍ରିୟା ନେବାରେ ଶୁକ୍ରବାର ଦିନ ଯାଞ୍ଚ ପ୍ରକ୍ରିୟାରେ ଜଣେ ସାଧାରଣ ସମ୍ପାଦକ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର ନାକଚ ହେବା ପରେ କିଛି ଅଣଛାତ୍ର କଲେଜ ଭିତରକୁ ପଶି ରାତି ୧୨ଟା ପର୍ଯ୍ୟନ୍ତ ହଙ୍ଗାମା କରିଥିଲେ ।ଏଭଳିକି ତାଙ୍କୁ ହତ୍ୟାଧମକ ମଧ୍ୟ ଦେଇଥିଲେ । ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଉପଜିଲାପାଳଙ୍କ ଅନୁମୋଦନ କ୍ରମେ ନିର୍ବାଚନ ବାତିଲ କରାଯାଇଥିବା କହିଛନ୍ତି ।

## ୱାର୍ଲଡ ପୋଷ୍ଟ ଡେରେ ପୁରୀର ପ୍ରିୟଙ୍କା ଷଡଙ୍ଗୀ ସମ୍ମାନିତ

ପୁରୀ, ୧୦/୧୦ (ନି.ପ୍ର): ୱାର୍ଲଡ ପୋଷ୍ଟ ଡେ ଉପଲକ୍ଷେ ଭୁବନେଶ୍ୱର ରିଜିଓନାଲ ଟ୍ରେନିଙ୍ଗ ସେଂଟର ଠାରେ ପୋଷ୍ଟାଲର କାର୍ଯ୍ୟ ଦକ୍ଷତା ପାଇଁ ଅନେକ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଓଡିଶା ସର୍କଲ ର ଚିଫ ପିଏମଜି ଯୋଗ ଦେଇଥିଲେ । ପୋଷ୍ଟ ଅଫିସ ର ବିଭିନ୍ନ କାର୍ଯ୍ୟ ଓ ବ୍ୟବସାୟ ପାଇଁ ୨୦୨୬-୨୭ ଆର୍ଥିକ ବର୍ଷରେ କାର୍ଯ୍ୟରେ ଦକ୍ଷତା ବୃଦ୍ଧି ପାଇଁ ଏହି ସମ୍ମାନ ଦିଆଯାଇଥିଲା । ଏଥିରେ ବ୍ରହ୍ମପୁର ଆଂଚଳିକ ଡିଭିଜନର ପିଏମଜି, ସମ୍ବଲପୁର ଓ କଟକର ପିଏମଜି ମାନେ ଉପସ୍ଥିତ ଥିଲେ । ଏହି ଅବସରରେ ପୁରୀ ମହୋଦଧି ଶାଖା କାର୍ଯ୍ୟାଳୟରେ କାର୍ଯ୍ୟରତ ପ୍ରିୟଙ୍କା ଷଡଙ୍ଗୀଙ୍କୁ ମେଲ ଓ ପାର୍ସଲ ସେବା ପାଇଁ ସମ୍ମାନିତ କରାଯାଇଥିଲା । ସେହିପରି ପୁରୀ ଜିଲ୍ଲା ଅସ୍ତରଙ୍ଗ ଶିଶୁଆ ପୋଷ୍ଟ ଅଫିସରେ କାର୍ଯ୍ୟରତ ଅଭିଜିତ ରଥଙ୍କୁ ପିଏଲଆଇ ସେବା ପାଇଁ ସମ୍ମାନିତ କରାଯାଇଥିଲା।

# ନନ୍ଦିନୀ ମହିଳା ସଂଗଠନ ତରଫରୁ ଆଲୋଚନାଚକ୍ର ଓ ବୃକ୍ଷ ରୋପଣ




ଭଦ୍ରକ , ୧୦/୧୦ (ନି.ପ୍ର): କେବଳ ଦାନଧର୍ମ କରିବା କିମ୍ବା ପଇସା ଦେବା ସମାଜ ସେବା ନୁହେଁ। ଅସହାୟ, ରୋଗୀ, ଗରୀବ ଏବଂ ଦୁଃଖୀଙ୍କୁ ସାହାଯ୍ୟ କରିବା, ଅଜ୍ଞତା ଓ କୁସଂସ୍କାର ଦୂର କରିବା ଏବଂ ସମାଜରୁ ଅନ୍ୟାୟ ଦୂର କରିବା ହେଉଛି ପ୍ରକୃତ ସମାଜ ସେବା । ଏଥିପାଇଁ ନିଃସ୍ୱାର୍ଥପର ମନଭାବ ଏବଂ ସେବା ମନୋବୃତ୍ତି ଆବଶ୍ୟକ ବୋଲି ଆଜି ଶନିବାର ନନ୍ଦିନୀ ଦେବୀ ମହିଳା ସଂଗଠନ ତରଫରୁ ଆୟୋଜିତ ଭଦ୍ରକ ବ୍ଲକ ର ଗେଲପୁର ସ୍ଥିତ ସାଇ ସ୍ୱରୂପ ଭିର୍ନ୍ନକ୍ଷମ ବିଦ୍ୟାଳୟ ଠାରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଉପରେ ଅତିଥି ମାନେ ଯୋଗଦେଇ କହିଛନ୍ତି। ସଭାନେତ୍ରୀ ସଂଯୁକ୍ତା ଯାଦବ ଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଆଇନ ବିଭାଗର ସମ୍ପାଦକ ପୁନ୍ୟଶ୍ଳୋକ ରଥ,ମୁଖ୍ୟବକ୍ତା ଭାବେ ଡାକ୍ତର ସୁଧୀ ରଞ୍ଜନ ନାୟକ, ସମ୍ମାନୀତ ଅତିଥି ଭାବେ ଡା. ଶରତ ଆଚାର୍ଯ୍ୟ, ଉପଦେଷ୍ଟା ସନ୍ତୋଷ କୁମାର ମିଶ୍ର, ବିଶ୍ୱନାଥ ପାତ୍ର, ଶଶିକଳା ମିଶ୍ର ପ୍ରମୁଖ ଯୋଗଦେଇ ଥିଲେ । ଏହି ଅବସରରେ ସମ୍ପାଦିକା ନିରୁପମା ଦାଶ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ଉପସଭାପତି ଶାନ୍ତିଲତା ବାରିକ ଓ ସଂଯୋଜିକା ସୁପ୍ରଭା ମିଶ୍ର ଅତିଥି ମାନଙ୍କୁ ସ୍ୱାଗତ ଜଣାଇଥିଲେ, ମାନସୀ ମଞ୍ଜରୀ ମହାନ୍ତି, ସ୍ୱର୍ଣ୍ଣପ୍ରଭା ଖଟୁଆ, ରେବତୀ ଷଡ଼ଙ୍ଗୀ,ଅନିମା ରାଉତ କୁସୁମ ମଞ୍ଜରୀ ପାଢ଼ୀ,ମିନତୀ ମହାପାତ୍ର, ଚିନ୍ମୟୀ ସ୍ୱାଇଁ ପ୍ରମୁଖ ସଭା ପରିଚାଳନା କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଛାତ୍ର ସଂସଦ ନିର୍ବାଚନ...

ଅନିୟମିତତା ଅଭିଯୋଗ ହୋଇଛି। ଜାଣିଶୁଣି ଏଆଇଡିଏସଓ ସମର୍ଥିତ ସଭାପତି ପ୍ରାର୍ଥୀ ସ୍ୱପ୍ନାରାଣୀ ପ୍ରଧାନଙ୍କ ନାଁ କାଟି ଦିଆଯାଇଥିବା ଅଭିଯୋଗ ଆଣି ଭିନ୍ନକ୍ଷମ ଛାତ୍ର ସଂଗଠନ ପକ୍ଷରୁ ଧାରଣା ଦିଆଯାଇଛି। ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟରେ ବି ଦେଖିବାକୁ ମିଳିଛି ଅଶାନ୍ତି। ଶୈଳବାଳା ମହାବିଦ୍ୟାଳୟରେ ଏବିଭିପି ପକ୍ଷରୁ ସଭାପତି ପ୍ରାର୍ଥୀ ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିବା ପ୍ରାର୍ଥୀଙ୍କ ନାଁ ବାତିଲ ପ୍ରତିବାଦରେ ଧାରଣା। ଗତକାଲି ମୁଖ୍ୟ ଫାଟକ ନିକଟରେ ପ୍ରତିବାଦ କରିଥିବାବେଳେ ଆଜି ମୁଖ୍ୟ ରାସ୍ତାକୁ ଅବରୋଧ କରିଛନ୍ତି ଛାତ୍ରୀ। ରାଜଧାନୀ ଏକାମ୍ର କଲେଜରେ ପ୍ରାର୍ଥୀପତ୍ର ନାକଚ ହୋଇଯିବାକୁ ନେଇ ଗେଟ୍ ଆଗରେ ଧାରଣାରେ ବସିଛନ୍ତି ଛାତ୍ରଛାତ୍ରୀ। ଉଦ୍ଦେଶ୍ୟମୂଳକ ଭାବେ ନାଁ କଟାଯାଇଥିବା ଅଭିଯୋଗ କରିଛନ୍ତି। ରେଭେନ୍ସା, ଶୈଳବାଳା କି ଏକାମ୍ର ନୁହେଁ ରାଜ୍ୟର ବିଭିନ୍ନ କଲେଜରୁ ଆସିବାରେ ଲାଗିଛି ଛାତ୍ର ଅଶାନ୍ତିର ଚିତ୍ର। କାହାର ଉପସ୍ଥାନ କମ୍ ଥିବା ଦର୍ଶାଇ କଟାଯାଇଛି ତ ଆଉ କାହାର ବୟସ ଅଧିକ ଦର୍ଶାଇ ନାକଚ୍ କରାଯାଇଛି ପ୍ରାର୍ଥୀପତ୍ର।

## ଟ୍ରେନ ଆଗରେ ଶୋଇ ...

ଶୁକ୍ରବାର ସନ୍ଧ୍ୟାରେ ମାଆକୁ ଟଙ୍କା ମାଗିଥିଲେ, ଟଙ୍କା ନଦେବାରୁ ପାଟିତୁଣ୍ଡ କରି ଘରୁ ବାହାରି ଆସିଥିଲେ ରିଙ୍କୁ। ଆଉ ଦ୍ରୁତଗାମୀ ଟ୍ରେନ ଆସିବା ବେଳେ ରେଳ ଧାରଣାରେ ଶୋଇଯାଇଥିଲେ। ପୂର୍ବରୁ ୨୦୨୫ରେ ଚଳନ୍ତା ଟ୍ରେନ ତଳେ ରିଙ୍କୁଙ୍କ ଷ୍ଟଣ୍ଟ ଭିଡିଓ ଭାଇରାଲ ହୋଇଥିଲା। ଏବେ ସେହି ରେଳ ଧାରଣାରୁ ରିଙ୍କୁ ମୃତଦେହ ଉଦ୍ଧାର ଘଟଣା ଅଞ୍ଚଳକୁ ଶୋକାକୂଳ କରିଦେଇଛି । ଚଟାଣରେ ଗୁରୁଣ୍ଡୁଥିଲା ନାଗ ସାପ । ଆଉ ସାପକୁ ପଛ କରି ରିଲ୍ସ କରୁଥିଲେ ଯୁବକ। ହଠାତ୍ ସାପ ଫଣା ଟେକିଲା ଓ ଚୋଟ ମାରିଲା। ନାଗ ଦଂଶନରେ ଚାଲିଗଲା ଯୁବକଙ୍କ ଜୀବନ । ମୃତକ ହେଲେ ପୁରୀ ସଦର ଥାନା କଣ୍ଡପୁର ଗାଁର ତପନ କୁମାର ପ୍ରଧାନ। ଶୁକ୍ରବାର ତପନ ନିଜ ଘର ବାରଣ୍ଡାରେ ନାଗ ସାପକୁ ଧରି ରିଲ୍ସ କରୁଥିଲେ। ହାଠତ ନାଗ ତପନଙ୍କ ଆଙ୍ଗୁଠି, କହୁଣୀ ବାହୁକୁ ଚୋଟ ମାରିଥିଲା। ପରିବାର ଲୋକ ତୁରନ୍ତ ତାଙ୍କୁ ମେଡିକାଲ ନେଇଥିଲେ, ସେଠାରେ ଡାକ୍ତର ମୃତ ଘୋଷଣା କରିଛନ୍ତି। ତପନ ବିଷାକ୍ତ ସାପକୁ ବିଭିନ୍ନ ସମୟରେ ଧରିବା ସହ ସହଜରେ କାବୁ କରୁଥିଲେ। କିନ୍ତୁ ଏଥର ରିଲ୍ସ ନିଶା ଓ ସାପକୁ ବେଖାତିର କରିବା ମହଙ୍ଗା ପଡ଼ିଛି। ଦୁଃସାହାସିକ ରିଲ୍ସ କଲେ ଅଧିକ ଲାଇକ, ସେୟାର ସହ ରାତାରାତି ଲକ୍ଷ ଲକ୍ଷ ଭ୍ୟୁ ଓ ସେୟାର ମିଳୁଛି, ଫଲୋଅର୍ସ ସଂଖ୍ୟା ବି ବଢୁଛି । ସେହି ଭାଇରାଲ ହେବାର ମୋହ ଅନେକଙ୍କୁ ମୃତମୁଖକୁ ଟାଣି ନେଉଛି ।

## ଜ୍ଞାନେଶଙ୍କୁ ହଟାଇବାକୁ ସାରା ...

ଏସବୁ ସତ୍ତ୍ୱେ ପଛକୁ ହଟିବା ମୁଡ୍‌ରେ ନଥିଲେ ଜେନ୍-ଜି ଆନ୍ଦୋଳନକାରୀ । ଗତଥର ପେପର୍ ଲିକ୍ ଆନ୍ଦୋଳନ ଭଳି ସ୍ଥିତି ଓ ଚାପକୁ ଏଡ଼ାଇବା ପାଇଁ ପୁଲିସ ଦିଲ୍ଲୀର ବିଭିନ୍ନସ୍ଥାନରୁ ଜୋରଜବରଦସ୍ତ ଆନ୍ଦୋଳନକାରୀଙ୍କୁ ଉଠାଇ ନେଇଥିଲା । ଏହି ସମୟରେ କନ୍ନଟ୍ ପ୍ଲେସ୍‌ରେ ଉପୁଜିଥିଲା ମୁହାଁମୁହିଁ ସ୍ଥିତି । ପ୍ରାୟ ୪ହଜାରରୁ ଅଧିକ ଯୁବକ ଯୁବତୀ ଛାତ୍ରଛାତ୍ରୀଙ୍କୁ ଅଟକ ରଖିଛି ପୁଲିସ । ପଥର ମାଡ଼ରେ କିଛି ପୁଲିସ କର୍ମଚାରୀ ମଧ୍ୟ ଆହତ ହୋଇଛନ୍ତି । ସିଇସି ଜ୍ଞାନେଶ କୁମାରଙ୍କ ଇସ୍ତଫା ଓ ଏସ୍‌ଆଇଆର୍ ପ୍ରତ୍ୟାହାର ଦାବିରେ ଆଜି ଜନ୍ତରମନ୍ତର-୨.୦ ଆନ୍ଦୋଳନର ଡାକରା ଦେଇଥିଲା କକ୍ରୋଚ୍ ଜନତା ପାର୍ଟି । ତେବେ ସଂଗଠନର ପ୍ରତିଷ୍ଠାତା ଅଭିଜିତ ଦିପ୍‌କେଙ୍କୁ ବିମାନ ଭିତରେ ପଶି ହେପାଜତକୁ ନେଇଥିଲା ପୁଲିସ । ମୁମ୍ବାଇ-ଦିଲ୍ଲୀ ବିମାନ ଅବତରଣ କରୁକରୁ ବିମାନ ଭିତରେ ଦେଖିବାକୁ ମିଳିଥିଲା ରୋଚକ ଦୃଶ୍ୟ ।

## ବଙ୍ଗୋପସାଗରରେ...

ଜିଲ୍ଲାଗୁଡ଼ିକ ହେଲା- କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର ଓ କଟକ। ଏସବୁ ଜିଲ୍ଲାରେ ୩୦ରୁ ୪୦ କିଲୋମିଟର ବେଗରେ ଝଟ୍କା ପବନ ବହିବା ନେଇ ସତର୍କ କରାଇ ଦେଇଛି ବିଭାଗ। ଆସନ୍ତାକାଲି ମଧ ସେହି ସମାନ ଜିଲ୍ଲାଗୁଡ଼ିକରେ ଝଟକା ପବନ ସହିତ ହାଲକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି।

## ସତ ହେଲା ନୋବେଲ ...

ନୋବେଲ ଶାନ୍ତି ପୁରସ୍କାର ମିଳିବା ପରେ ଏହି ବଡ଼ ପଦକ୍ଷେପ ନେଇଛି ହ୍ୱାଇଟ୍ ହାଉସ୍। ଆମେରିକୀୟ ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ସ୍ପଷ୍ଟ ଭାବେ କହିଛନ୍ତି ଯେ ଆମେରିକା ଏବଂ ଆମେରିକୀୟ ନାଗରିକମାନେ ଏହି 'ଫେକ୍ କୋର୍ଟ'ର ଅଧିକାର କ୍ଷେତ୍ରରେ ଆସନ୍ତି ନାହିଁ। କୋର୍ଟର ସମସ୍ତ ସମ୍ପତ୍ତି ଏବଂ ସମ୍ବଳ ଜବତ କରାଯିବ ଏବଂ ଆମେରିକୀୟ କମ୍ପାନୀଗୁଡ଼ିକୁ କୋର୍ଟ ସହ କାରବାର ବନ୍ଦ କରିବାକୁ ୬ ମାସର ସମୟ ଦିଆଯାଇଛି। କୋର୍ଟଙ୍କୁ କୌଣସି ଆର୍ଥିକ ଅନୁଦାନ ଦିଆଯିବନି । ସୂଚନାଯୋଗ୍ୟ ଯେ, ୨୦୧୮ ମସିହାରୁ ଟ୍ରମ୍ପ କ୍ରମାଗତ ଭାବେ ନୋବେଲ ଶାନ୍ତି ପୁରସ୍କାର ପାଇଁ ନିଜର ଦାବି ଜାହିର କରି ଆସୁଛନ୍ତି।

## ଆଜି ମାଷ୍ଟର୍ ...

ଉପରେ ସାହସୀ ଦେଖେଇହୁଅନ୍ତି; କିନ୍ତୁ ଆଚରଣରୁ ସେମାନେ ଭୀରୁ ବୋଲି ସ୍ପଷ୍ଟ ଜଣାପଡେ। ଯେଉଁ ସାମାଜିକ ଗଣମାଧ୍ୟକୁ ଆୟୁଧ କରି ଦେଶରେ ମିଛ ଓ ଘୃଣାର ବାତାବରଣ ମୋଦୀ ସରକାର ପ୍ରସାର କରିଆସୁଛନ୍ତି, ଏବେ ତା'ଜାଲରେ ବିଜେପି ନିଜେ ପଡ଼ିବ। ମୋଦୀଙ୍କ ମିଛ ଧରାପଡ଼ିଗଲାଣି। କିଛିଦିନ ହେଲା ସାମାଜିକ ଗଣମାଧ୍ୟମରେ କୋଟିକୋଟି ନିରପେକ୍ଷ ଜନତା ମୋଦୀ ଓ ତାଙ୍କ ଦଳ ବିଜେପିକୁ ଯେଭଳି କଡ଼ା ସମାଲୋଚନା କରୁଛନ୍ତି, ସେଥିରୁ ସେମାନେ ଦେଶ କ'ଣ ଚାହୁଛି ବୁଝିଯିବା ଉଚିତ। ସର୍ବୋଚ୍ଚ ନ୍ୟାୟାଳୟ ମଧ କହିସାରିଲେଣି, ଛୋଟ କଥାଟି ପାଇଁ ହାତୁଡ଼ି ବ୍ୟବହାର ଜରୁରି ନହେଁ।

BETNOTI COLLEGE OF NURSING
COLLEGE ROAD, BETNOTI, MAYURBHANJ
Approved by: Health & Family Welfare Department, Govt. of Odisha, Bhubaneswar
(Recognised by : Odisha Nursing Council, Bhubaneswar)
(Affiliated to ODISHA UNIVERSITY OF HEALTH SCIENCES, BBSR, ODISHA)
Course Offer: ADMISSION OPEN : 2026-27
B.Sc. Nursing
(4 Years Degree Course)
Eligibility :
+2 Science with Biology
(Mark 45% & 40% for SC/ST Students)
100% Placement
BETNOTI SCHOOL OF NURSING
G.N.M. 3 YEARS DIPLOMA COURSE
Eligibility : +2 Arts/ Science/ Commerce
A.N.M. 2 YEARS COURSE
(Mark 40% & 35% for SC/ST Students)
Eligibility : +2 Arts/ Science/ Commerce
(Clinical Training at D.H.H. & P.R.M. Medical College, Baripada)
FACILITIES : Most Experienced Faculties, In Campus Girl's Hostel, Canteen, well Equipped, Laboratories, Library, Smart, Class Rooms, Separate, Boy's Hostel & Free Wi-fi.
STIPEND FOR SC/ST/OBC & SEBC STUDENTS
Contact for Admission:
7008973851, 8455087373, 9861373681

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ସାର୍ବଜନୀନ ଦୂର୍ଗାପୂଜାର ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ଲଙ୍ଗଳେଶ୍ୱର, ୧୦/୧୦ (ନି.ପ୍ର): ବଳରମପୁର ପଞ୍ଚାୟତ ତ୍ରୀପୁରେଶ୍ୱର ବଜାର ପ୍ରାଙ୍ଗଣରେ ଦୀର୍ଘ ୫୦ ବର୍ଷ ଧରି ଅନୁଷ୍ଠିତ ହୋଇ ଆସୁଥିବା ଦୂର୍ଗାପୂଜା ର ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି, ଦୂର୍ଗାପୂଜା କମିଟି ର ସଭାପତି ତଥା ପଞ୍ଚାୟତ ର ସରପଞ୍ଚ ଅରୁଣ କୁମାର ପାଣିଗ୍ରାହୀ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ବୈଠକ ରେ ସମ୍ପାଦକ ଦେବେନ୍ଦ୍ର ରାଉତ, ଉପସଭାପତି କୀର୍ତ୍ତନ ଧଳ, ସହ ସମ୍ପାଦକ ଯୋଗେନ୍ଦ୍ର ବାଗ, କୋଷାଧ୍ୟକ୍ଷ ସନ୍ତୋଷ କୁମାର ଗିରି ପ୍ରମୁଖ ଉପସ୍ଥିତ ହୋଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ, ତ୍ରୀପୁରେଶ୍ୱର ବଜାର ରେ ୧୯୭୭ ମସିହା ରେ ଆରମ୍ଭ ହୋଇଥିବା ଦୂର୍ଗାପୂଜା ଚଳିତ ବର୍ଷ ୫୦ ବର୍ଷ ରେ ପଦାର୍ପଣ କରିବାକୁ ଯାଉଥିବାରୁ ଚଳିତ ବର୍ଷ ଦୂର୍ଗାପୂଜା କୁ ବର୍ଣ୍ଣାଢ୍ୟ ଭାବରେ ପାଳନ କରିବା ପାଂଇ କମିଟି ପକ୍ଷରୁ ସୂଚନା ଦିଆ ଯାଇଥିବା ବେଳେ ମା ଦୂର୍ଗାଙ୍କ ପୂଜାର୍ଚ୍ଚନା ସାଙ୍ଗକୁ ୧୦ ଦିନ ବ୍ୟାପୀ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ କରିବା ପାଂଇ ନିଷ୍ପତ୍ତି ହୋଇଥିଲା, ତିନି ଦିନ ଧରି ସଂଧ୍ୟା ରେ ବିଶିଷ୍ଟ ପ୍ରବଚକ ଙ୍କ ଦ୍ୱାରା ପ୍ରବଚନ, ଯାତ୍ରା ଏବଂ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ନୃତ୍ୟ ପ୍ରତୀଯୋଗୀତା ଅନୁଷ୍ଠିତ ହେବା ସହ ବିଶିଷ୍ଟ ବ୍ୟକ୍ତି ବିଶେଷ ଙ୍କୁ ସମ୍ବର୍ଧନା ଜ୍ଞାପନ କରିବାର କାର୍ଯ୍ୟକ୍ରମ ରହିଛି, ବିଶେଷ ଭାବରେ ଦଶହରା ରେ ଅନୁଷ୍ଠିତ ହେଉଥିବା ରାବଣ ପୋଡି ଉତ୍ସବ ରେ ହଜାର ହଜାର ଲୋକ ଙ୍କ ସମାଗମ ଦୃଷ୍ଟି ରେ ରଖି କାର୍ଯ୍ୟକ୍ରମ କୁ ସୂଚାରୁ ରୂପେ ପାଳନ ପାଂଇ ସୁବର୍ଣ୍ଣ ଜୟନ୍ତୀ ନୂତନ କମିଟି ଗଠନ କରାଯାଇ ଥିଲା, ସଭାପତି ଭାବରେ ଜ୍ୟୋତିଶଙ୍କର ଭୂୟାଂ, ଉପସଭାପତି ଭାବରେ ଚନ୍ଦନ କାମିଳା, ସମ୍ପାଦକ ରବୀନ୍ଦ୍ର ଜେନା, ସହ ସମ୍ପାଦକ ମନୋରଞ୍ଜନ ସେନାପତି, କୋଷାଧ୍ୟକ୍ଷ ଭାବରେ ହରିହର ପଣ୍ଡା ଏବଂ ଜୟନାରାୟଣ ଦାସ ଙ୍କୁ ମନୋନୀତ କରା ଯାଇଥିଲା।

# ନୂଆଗାଁରେ କାଳୀପୂଜା ମଣ୍ଡପ ନିର୍ମାଣ କାର୍ଯ୍ୟ ଆରମ୍ଭ କଲେ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଓ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ୍



ପାରାଦୀପ, ୧୦/୧୦ (ନି.ପ୍ର): ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଓ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ୍ ପକ୍ଷରୁ ନୂଆଗାଁ ପଞ୍ଚାୟତରେ ଏକ କାଳୀପୂଜା ମଣ୍ଡପ ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଛି। ମଣ୍ଡପ ନିର୍ମାଣ କାର୍ଯ୍ୟ ବର୍ତ୍ତମାନ ଶେଷ ପର୍ଯ୍ୟାୟରେ ପହଞ୍ଚି ପାରିଛି। ଆଗାମୀ କାଳୀପୂଜା ଉତ୍ସବ ପୂର୍ବରୁ ସ୍ଥାନୀୟ ଲୋକଙ୍କ ଦୀର୍ଘଦିନର ଦାବି ପୂରଣ କରିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଇଛି। ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍‌ର ସଭାପତି ଅନିଲ କୁମାର ସିଂହଙ୍କ ନେତୃତ୍ୱରେ ଏହି ପଦକ୍ଷେପ କମ୍ପାନୀର ସାମାଜିକ ବିକାଶ ପ୍ରତି ପ୍ରତିବଦ୍ଧତା ଏବଂ ଢ଼ିଙ୍କିଆ, ନୂଆଗାଁ ଓ ଗଡ଼କୁଜଙ୍ଗ ଗ୍ରାମ ପଞ୍ଚାୟତର ଲୋକଙ୍କ ଜୀବନଧାରଣର ମାନରେ ଉନ୍ନତି ଆଣିବା ପାଇଁ ଜାରି ରହିଥିବା ପ୍ରୟାସକୁ ପ୍ରତିଫଳିତ କରୁଛି। ସ୍ଥାନୀୟ ଲୋକଙ୍କ ବିକାଶମୂଳକ ଆବଶ୍ୟକତାକୁ ଆଧାର କରି ଏହି ପ୍ରକଳ୍ପ ହାତକୁ ନିଆଯାଇଛି।ଏହି ଅବସରରେ ଆୟୋଜିତ ସମାରୋହରେ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍, ପାରାଦୀପର ଉପସଭାପତି ମନୋଜ ସିଂହ, ଜନସମ୍ପର୍କ ବିଭାଗର ଏଭିପି ସମରେନ୍ଦୁ ପଟ୍ଟନାୟକ ଏବଂ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସଆର) ବିଭାଗର ମୁଖ୍ୟ ଅଭିଜିତ ମହାନ୍ତି ଯୋଗ ଦେଇଥିଲେ। ଏଥିସହ ନୂଆଗାଁ ପଞ୍ଚାୟତର ପ୍ରତିନିଧି ସ୍ମୃତି ମନ୍ତ୍ରୀ, ତାମିଲ ପ୍ରଧାନ, କୁନା ଭୂୟାଁ, ଦିଲ୍ଲୀପ ଦାସ, ଅଜିତ ପ୍ରସାଦ ରାଉତ, ନାରାୟଣ ଜେନାଙ୍କ ସମେତ ଅନ୍ୟାନ୍ୟ ସ୍ଥାନୀୟ ନେତୃବୃନ୍ଦ ଓ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ। ନବନିର୍ମିତ କାଳୀପୂଜା ମଣ୍ଡପଟି ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ କାଳୀପୂଜା ପାଳନ ଓ ବିଭିନ୍ନ ସାମାଜିକ ତଥା ସାଂସ୍କୃତିକ ସମାବେଶ ଆୟୋଜନ କରିବାରେ ଏକ ଉତ୍ସର୍ଗୀକୃତ ସ୍ଥାନ ଭାବେ କାର୍ଯ୍ୟ କରିବ। ଏହାଦ୍ୱାରା ସ୍ଥାନୀୟ ଲୋକଙ୍କ ମଧ୍ୟରେ ସାମାଜିକ ସଦ୍‌ଭାବ, ଏକତା ଓ ସାଂସ୍କୃତିକ ସମ୍ପର୍କ ଆହୁରି ସୁଦୃଢ଼ ହେବ। ଜେଏସଡବ୍ଲୁ କମ୍ପାନୀ ର ଏହି ଜନହିତକର ପଦକ୍ଷେପକୁ ସ୍ଥାନୀୟ ଲୋକମାନେ ସ୍ୱାଗତ କରିଛନ୍ତି।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭିତ୍ତିଭୂମି ଉନ୍ନତିକରଣ କାର୍ଯ୍ୟର ଶୁଭାରମ୍ଭ

ଖୋର୍ଦ୍ଧା, ୧୦/୧୦ (ନି.ପ୍ର): ସାଧାରଣ ଲୋକଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବା ଦିଗରେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭିତ୍ତିଭୂମିର ବିକାଶ ଓ ଉନ୍ନତୀକରଣ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ଏଚ.ଡି.ଏଫ.ସିର 'ପରିବର୍ତ୍ତନ' ପ୍ରକଳ୍ପ ଅଧୀନରେ ଚିକିତ୍ସାଳୟର ଭିତ୍ତିଭୂମି ଉନ୍ନତୀକରଣ କାର୍ଯ୍ୟର ଶୁଭାରମ୍ଭ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏହି ପଦକ୍ଷେପ ଜିଲ୍ଲାର ସରକାରୀ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହ ଚିକିତ୍ସା ପାଇଁ ଆସୁଥିବା ରୋଗୀମାନଙ୍କୁ ଉନ୍ନତ ଓ ଅନୁକୂଳ ପରିବେଶ ଯୋଗାଇଦେବା ଦିଗରେ ସହାୟକ ହେବ ବୋଲି ଆଶା କରାଯାଉଛି। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଧୀକ୍ଷକ ଡାକ୍ତର ଶ୍ୟାମ ପ୍ରସନ୍ନ ମିତ୍ର ଓ ହସ୍ପିଟାଲ ମ୍ୟାନେଜର ଡାକ୍ତର ସୋନାଲି ନନ୍ଦଙ୍କ ସମେତ ଚିକିତ୍ସାଳୟର ଅନ୍ୟାନ୍ୟ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ସେମାନଙ୍କ ଉପସ୍ଥିତିରେ ଏହି ଉନ୍ନତୀକରଣ ପଦକ୍ଷେପର ଶୁଭାରମ୍ଭ କରାଯାଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ଖୋର୍ଦ୍ଧା ଜିଲ୍ଲାର ବହୁ ରୋଗୀ ଚିକିତ୍ସା ପାଇଁ ନିର୍ଭର କରୁଥିବାରୁ ଏଠାକାର ଭିତ୍ତିଭୂମିର ଉନ୍ନତିକରଣର ଗୁରୁତ୍ୱ ଅଧିକ। ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ପ୍ରଦାନ କରିବା ସହ ଚିକିତ୍ସାଳୟରେ ସୁବିଧାଜନକ ପରିବେଶ ସୃଷ୍ଟି କରିବା ଏକ ସୁଦୃଢ଼ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ଅନ୍ୟତମ ଆବଶ୍ୟକତା। ଏହି ଦୃଷ୍ଟିରୁ ଭିତ୍ତିଭୂମି ଉନ୍ନତୀକରଣ କାର୍ଯ୍ୟକୁ ସ୍ୱାସ୍ଥ୍ୟସେବାର ଗୁଣାତ୍ମକ ମାନ ବୃଦ୍ଧି ଦିଗରେ ଏକ ସକାରାତ୍ମକ ପଦକ୍ଷେପ ଭାବେ ବିବେଚନା କରାଯାଉଛି। ଏଚ୍‌ଡିଏଫ୍‌ସି ପକ୍ଷରୁ ଏହାର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ 'ପରିବର୍ତ୍ତନ' ଅଧୀନରେ ଏହି ପ୍ରକଳ୍ପକୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ଅନ୍ୟପକ୍ଷରେ, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କାର୍ଯ୍ୟରତ ସଂସ୍ଥା 'ଡକ୍ଟର୍ସ ଫର ୟୁ' (ଡି.ଏଫ.ୱାଇ) ଏହି ପ୍ରକଳ୍ପର କାର୍ଯ୍ୟାନ୍ୱୟନ ଦାୟିତ୍ୱ ତୁଲାଉଛି। ଏହି ଦୁଇ ସଂସ୍ଥାର ସହଯୋଗରେ ଚିକିତ୍ସାଳୟର ଭିତ୍ତିଭୂମିକୁ ଅଧିକ ଉପଯୋଗୀ କରିବା ଏବଂ ରୋଗୀସେବାକୁ ସୁଦୃଢ଼ କରିବା ଲକ୍ଷ୍ୟ ରଖାଯାଇଛି। ସରକାରୀ ଚିକିତ୍ସାଳୟରେ ଉନ୍ନତ ଭିତ୍ତିଭୂମି ଓ ସୁବିଧା ଉପଲବ୍ଧ ହେଲେ ସାଧାରଣ ଲୋକଙ୍କୁ ଉପଯୁକ୍ତ ଚିକିତ୍ସା ପରିବେଶ ମିଳିବା ସହ ସ୍ୱାସ୍ଥ୍ୟସେବା ପ୍ରତି ଆସ୍ଥା ବୃଦ୍ଧି ପାଇବ। ବିଶେଷକରି ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଓ ସାଧାରଣ ପରିବାରର ରୋଗୀମାନଙ୍କ ପାଇଁ ସରକାରୀ ଚିକିତ୍ସାଳୟର ଗୁରୁତ୍ୱ ଅଧିକ ରହିଛି। ତେଣୁ ଚିକିତ୍ସାଳୟର ଭିତ୍ତିଭୂମିକୁ ସମୟୋପଯୋଗୀ କରିବା ଏବଂ ରୋଗୀଙ୍କ ଆବଶ୍ୟକତା ଅନୁଯାୟୀ ସୁବିଧା ବୃଦ୍ଧି କରିବା ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ଏକ ଅବିଚ୍ଛେଦ୍ୟ ଅଂଶ। ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆରମ୍ଭ ହୋଇଥିବା ଏହି ଉନ୍ନତୀକରଣ ପ୍ରକଳ୍ପ ଭବିଷ୍ୟତରେ ରୋଗୀସେବାର ମାନ ବୃଦ୍ଧି ଓ ଚିକିତ୍ସାଳୟର କାର୍ଯ୍ୟପରିବେଶକୁ ଅଧିକ ସୁଦୃଢ଼ କରିବାରେ ସହାୟକ ହେବ ବୋଲି ଆଶା ପ୍ରକାଶ କରାଯାଇଛି।

# କୁଲଡ଼ିହା ଅଭୟାରଣ୍ୟରୁ ଶିକାର ଉଦ୍ୟମ ଅଭିଯୋଗରେ ୬ ଶିକାରୀ ଗିରଫ ସହ ସରଞ୍ଜାମ ଜବତ



ନୀଳଗିରି, ୧୦/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲାର କୁଳଡିହା ବନ୍ୟପ୍ରାଣୀ ଅଭୟାରଣ୍ୟ ମଧ୍ୟରେ ବନ୍ୟଜନ୍ତୁ ଶିକାର ଉଦ୍ୟମ ଅଭିଯୋଗରେ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୬ ଜଣଙ୍କୁ ଧରାଯାଇଛି। ଅଭୟାରଣ୍ୟ ମଧ୍ୟରେ ଲାଗିଥିବା ଟ୍ରାପ୍ କ୍ୟାମେରା ରେ କଏଦ ଫଟୋ ଏବଂ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ଆଧାରରେ ବନ ବିଭାଗ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିଥିଲା। ସୂଚନା ୯ ଅକ୍ଟୋବର ୨୦୨୬ ରାତିରେ ବନ ବିଭାଗର କର୍ମଚାରୀମାନେ ଅଭିଯୁକ୍ତଙ୍କ ଘରେ ଚଢ଼ାଉ କରିଥିଲେ। ଏହି ଚଢ଼ାଉ ସମୟରେ ୮ଟି ଦେଶୀ ବନ୍ଧୁକ, ୧୬ଟି ସୀସା ଗୁଳି, ୩ଟି କଟା ସୀସା ରଡ୍ ଖଣ୍ଡ, ୨୦ ଗ୍ରାମ କଳା ବାରୁଦ, ଗୋଟିଏ ଲୁହା ରଡ୍, ୩ଟି ଧନୁ ଓ ୫ଟି ତୀର ଜବତ କରାଯାଇଥିଲା। ଏହି ଘଟଣାରେ ମଦନ ସିଂ (୪୬), ଗୁରୁବା ସିଂ (୨୩), ଘନା ସିଂ (୨୮), ଶନିଆ ସିଂ (୩୨), ଦେବେନ୍ଦ୍ର ସିଂ (୨୬) ଓ ମଙ୍ଗୁଲୁ ସିଂ (୩୧)ଙ୍କୁ ଅଭିଯୁକ୍ତ ଭାବେ ଚିହ୍ନଟ କରାଯାଇଛି। ସେମାନେ ନୀଳଗିରି ଥାନା ଅନ୍ତର୍ଗତ ସିଆଡିମାଳ ପଞ୍ଚାୟତ ଅଞ୍ଚଳର ବୋଲି ପ୍ରେସ୍ ନୋଟ୍‌ରେ ଉଲ୍ଲେଖ ରହିଛି। ଜବତ ସାମଗ୍ରୀ ସହ ୬ ଜଣଙ୍କୁ କୁଳଡିହା ବନ୍ୟପ୍ରାଣୀ ରେଞ୍ଜ କାର୍ଯ୍ୟାଳୟକୁ ଅଣାଯାଇଥିଲା। ଏନେଇ କୁଳଡିହା ବନ୍ୟପ୍ରାଣୀ ରେଞ୍ଜରେ ଓ.ଆର. କେସ୍ ନଂ ୧୫ କୁଳଡିହା ୨୦୨୬-୨୭ ରୁଜୁ କରାଯାଇଛି। ଏହି ଚଢ଼ାଉରେ କୁଲଡ଼ିହା ଭାରପ୍ରାପ୍ତ ରେଞ୍ଜ ଅଧିକାରୀ ସୌମ୍ୟରଞ୍ଜନ ମାଝୀ, ପଞ୍ଚଲିଙ୍ଗେଶ୍ୱର ଫରେଷ୍ଟର ହୃଷୀକେଶ ପ୍ରଧାନ, ହାତିଖୋଲିଆ ଫରେଷ୍ଟର ଜୟନ୍ତ କୁମାର ପ୍ରଧାନ, ପଞ୍ଚଲିଙ୍ଗେଶ୍ୱର ଫରେଷ୍ଟ ଗାର୍ଡ ଜୟଲକ୍ଷ୍ମୀ ପୁହାଣ ଏବଂ ତେଣ୍ଡା ବିଟ୍‌ର ଫରେଷ୍ଟ ଗାର୍ଡ ରାକେଶ କୁମାର ବାରିକ ସାମିଲ ଥିଲେ।

# ବୈଶିଙ୍ଗା ବରିଷ୍ଠ ନାଗରିକ ବିକାଶ ମଞ୍ଚର ଦ୍ୱିତୀୟ ବାର୍ଷିକ ପ୍ରସ୍ତୁତି ବୈଠକ

ବୈଶିଙ୍ଗା , ୧୦/୧୦ (ନି.ପ୍ର): ଗୁରୁବାର ଅପରାହ୍ନ ୪ ଘଟିକା ସମୟରେ କେନ୍ଦୁଆ ଶିବ ମନ୍ଦିର ପ୍ରାଙ୍ଗଣରେ ବରିଷ୍ଠ ନାଗରିକ ବିକାଶ ମଞ୍ଚ ର ବାର୍ଷିକ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଉପଦେଷ୍ଟା ମଣ୍ଡଳୀର ସକ୍ରିୟ ସଦସ୍ୟ ଶ୍ରୀ ଯୁକ୍ତ ରବିନାରାୟଣ ପଣ୍ଡା, ଅମୂଲ୍ୟ କୁମାର ପାଣିଗ୍ରାହୀ ଓ ସୁରଥ ପ୍ରଧାନ ମହୋଦୟ ଅଂଶ ଗ୍ରହଣ କରି ଆଗାମୀ ବାର୍ଷିକ ଉତ୍ସବ ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା । ଉପସ୍ଥିତ ଥିବା ସମସ୍ତ ବରିଷ୍ଠ ନାଗରିକ ଗଣ ନିଜ ନିଜ ର ମତାମତ ଦେଇଥିଲେ । ଆଗାମୀ ବାର୍ଷିକ ଉତ୍ସବ ପାଳନ ଅବସରରେ କିପରି ଏହା ସରସ ଓ ସୁନ୍ଦର ହୋଇପାରିବ ଏହା ଉପରେ ଗୁରୁତ୍ୱ ଦିଆଯିବ ବୋଲି ମତ ପ୍ରକାଶ ପାଇଥିଲା । ବାର୍ଷିକ ଉତ୍ସବ ପାଇଁ ସ୍ଥାନ ନିରୂପଣ କରିବା,ଦିନ ଧାର୍ଯ୍ୟ,ଅତିଥି ମାନଙ୍କୁ ନିମନ୍ତ୍ରଣ,



ଏବଂ ବଜେଟ୍ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଶେଷରେ ଆସନ୍ତା ନଭେମ୍ବର ୨୩ ତାରିଖକୁ ସ୍ଥିର କରାଗଲା, ଏହା ରୟାଲ ବଗିଚା ମଣ୍ଡପରେ ଅନୁଷ୍ଠିତ ହେବା ର ସ୍ଥିର କରାଗଲା । ଉତ୍ସବ କୁ ପରିଚାଳନା କରିବା ପାଇଁ ଏକ ପରିଚାଳନା କମିଟି ଗଠନ କରାଯାଇଅଛି । ଆଜିକାର ଏହି ବୈଠକରେ ଉପଦେଷ୍ଟା ମଣ୍ଡଳୀର ସକ୍ରିୟ ସଦସ୍ୟ,କାର୍ଯ୍ୟକାରୀ କମିଟିର ସଦସ୍ୟ ଗଣ,ସାଧାରଣ ସଦସ୍ୟ ସିତାନାଥ ବେହେରା ସଭାପତି,ହରିଶ୍ ଚନ୍ଦ୍ର ରାଉତ ଉପ ସଭାପତି, ମନୋରଞ୍ଜନ ଲେଙ୍କା କାର୍ଯ୍ୟକାରୀ ଉପସଭାପତି, ଅଶ୍ୱିନୀ କୁମାର ମହାରଣା ସାଧାରଣ ସମ୍ପାଦକ, ଲକ୍ଷ୍ମୀ ଧର ନାଥ ସହ ସମ୍ପାଦକ,ଗିରିଶ ରାଉତ ସଂଗଠକ ସମ୍ପାଦକ, ମହେନ୍ଦ୍ର କୁମାର ସାହୁ କୋଷାଧକ୍ଷ, ରତିକାନ୍ତ ଦତ୍ତ, ଚୈତନ୍ୟ ମଲିକ୍,ସୁରେଶ ଚନ୍ଦ୍ର ମହାପାତ୍ର, ପ୍ରଫୁଲ୍ଲ ସେନାପତି, ପଞ୍ଚାନନ ମହାରଣା, ଜଗଦୀଶ ଚନ୍ଦ୍ର ନାୟକ, ଭଗବାନ ମଣ୍ଡଳ, ହରେକୃଷ୍ଣ ସାହୁ, ପ୍ରସନ୍ନ କୁମାର ପଣ୍ଡା, ବ୍ରହ୍ମା ନନ୍ଦ ମିଶ୍ର,ବ୍ରଜ କୁମାର ଦାସ, ଙ୍କ ସହ ୩୫ ଜଣରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ ।ଶେଷରେ ମଞ୍ଚର ସଭାପତି ସୀତା ନାଥ ବେହେରା ଉପସ୍ଥିତ ଥିବା ସମସ୍ତ ଙ୍କୁ ଧନ୍ୟବାଦ ଦେଇଥିଲେ ।

## ବେଆଇନ ଶାଗୁଆନ ବୋଝେଇ ପିକପକ ଜବତ କଲା ବନ ବିଭାଗ

ଜଳେଶ୍ୱର, ୧୦/୧୦ (ନି.ପ୍ର): ଜଳେଶ୍ୱର ରେଞ୍ଜ ଅଧିନସ୍ତ ବରଡିହା ବନଖଣ୍ଡ ଅଧିନସ୍ଥ ଖୁଆଡ଼ ଗ୍ରାମ ପଂଚାୟତର ମଞ୍ଜପୁର ଗ୍ରାମଦେଇ ପୋଡ଼ଶୀ ପଶ୍ଚିମବଙ୍ଗକୁ ବେଆଇନ ଶାଗୁଆନ ବୋଝେଇ **OR11H6659** ମହେନ୍ଦ୍ର ପିକପ ଗାଡି ଯିବା ସମୟରେ ଜଳେଶ୍ୱର ରେଞ୍ଜଅଫିସର ଶିଶିର କୁମାର ବେହେରା ନେତୃତ୍ୱରେ ବରଡ଼ିହା ବନ ଖଣ୍ଡର ଫରେଷ୍ଟ ଗାର୍ଡ ସୁଲୋଚନା ବେହେରା, ସ୍କ୍ୱାର୍ଡ ସୁଶୀଲ ମହାନ୍ତ, ଶିବ ମହାନ୍ତି, ରାଜା ସୋରେନ, ଉଜ୍ୱଳ ଦାସ, ହରେକୃଷ୍ଣ ବେହେରା, ପଞ୍ଚାନନ ବେରା ପ୍ରମୁଖ ବନ କର୍ମଚାରୀ ମାନେ ଗାଡି ଟିକୁ ଜବତ କରି ବରଡ଼ିହା ବନପାଳଙ୍କ କାର୍ଯ୍ୟାଳୟକୁ ନେଇଥିଲେ। ଉକ୍ତ ଗାଡ଼ିର ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ଜବତ ହୋଇଥିବା କାଠର ଆନୁମାନିକ ମୂଲ୍ୟ ୫୦ ହଜାର ଟଙ୍କା ହେବ। ଏ ନେଇ ୟୁଡ଼ି ୨୩/୨୬ ରେ ଏକ ମାମଲା ରୁଜୁ କରିବନ ବିଭାଗ ଅଧିକ ତଦନ୍ତ ଚଳାଇଛି।

## ପିକଅପ୍ ଧକ୍କାରେ ବାଳକ ଗୁରୁତର: ବୈଶିଙ୍ଗା ହସ୍ପିଟାଲରେ ଚିକିତ୍ସିତ

ବୈଶିଙ୍ଗା , ୧୦/୧୦ (ନି.ପ୍ର): ବୈଶିଙ୍ଗା ବଜାର ଗଳା ପୋଲ ନିକଟରେ ଅପରାହ୍ନ ୫ ଘଟିକା ସମୟରେ ଏକ ପିକଅପ୍ ଧକ୍କାରେ ଜଣେ ବାଳକ ଆହତ ହୋଇ ବୈଶିଙ୍ଗା ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାଯାଇଛି । ଘଟଣାରୁ ପ୍ରକାଶ ବୈଶିଙ୍ଗା ମହାତ୍ମା ଗାନ୍ଧୀ ଡିଗ୍ରୀ ମହାବିଦ୍ୟାଳର କର୍ମଚାରୀ ଭାବେ କାର୍ଯ୍ୟରତ ଲକ୍ଷ୍ମୀଧର ମହାନ୍ତ ଙ୍କ ପୁତ୍ର ଦୁଷ୍ମନ୍ତ ମହାନ୍ତ (୧୪) ଅପରାହ୍ନରେ ଟିଉସନ୍ ପଢିବାକୁ ଯାଉଥିବା ସମୟରେ ବୈଶିଙ୍ଗା ଗଳା ପୋଲ ନିକଟରେ ଏକ ପିକ ଅପ୍ ନଂ ଓଡି ୦୧ଜି ୪୭୩୨ ଟି ଦୁଷ୍ମନ୍ତ କୁ ଧକ୍କା ଦେଇଥିଲା । ସଙ୍ଗେ ସଙ୍ଗେ ପାଖ ଲୋକ ଙ୍କ ସହିତ ପିକଅପ୍ ଡ୍ରାଇଭର ମଧ୍ୟ ସେ ପିଲାକୁ ନେଇ ବୈଶିଙ୍ଗା ଡାକ୍ତରଖାନା ପହଞ୍ଚାଇ ଥିଲେ । ବାମ ଗୋଡରେ ଦୁଇ ତିନୋଟି ସ୍ଥାନରେ କ୍ଷତ ହୋଇଥିବା ବେଳେ ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ପଠାଇ ଦେଇଥିବା ଜଣାଯାଇଛି ।

# କୁଳିଦାରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

ବସ୍ତା , ୧୦/୧୦ (ନି.ପ୍ର): ରାଜ୍ୟ ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଗାନ୍ଧୀ ଜୟନ୍ତୀରୁ ନଭେମ୍ବର ୯ ପର୍ଯ୍ୟନ୍ତ ଚାଲୁଥିବା ଜନସମ୍ପର୍କ ପଦଯାତ୍ରା ଆଜି ବସ୍ତା ବ୍ଲକ ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୧୪ ଟି ପଞ୍ଚାୟତକୁ ନେଇ କୁଳିଦା ପଞ୍ଚାୟତର ପଞ୍ଚୁରୁଖି ଠାରୁ ଗୁଡିଖାଳ ବଜାର ପର୍ଯ୍ୟନ୍ତ ବିଶାଳ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପଦଯାତ୍ରା ପରେ ଗୁଡିଖାଳ ବଜାର ଠାରେ ବସ୍ତା ବ୍ଲକ ସଭାପତି ମହାଦେବ ଦାସଙ୍କ ସଭାପତିତ୍ୱରେ ଏକ ଜନସମ୍ପର୍କ ସମାବେଶ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ବିଜେଡି ପୂର୍ବତନ ମନ୍ତ୍ରୀ ତାହା ରାଜ୍ୟ ଉପସଭାପତି ରଘୁନାଥ ମହାନ୍ତି ଯୋଗ ଦେଇ କାର୍ଯ୍ୟକ୍ରମ କୁ ଫିତା ଓ ନଡ଼ିଆ ଫଟାଇ ଉଦଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ କୁଳିଦା ସରପଞ୍ଚ ଅନ୍ନପୂର୍ଣ୍ଣା ସେନାପତି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଅନ୍ୟତମ ଅତିଥି ଭାବେ ପ୍ରାକ୍ତନ ମନ୍ତ୍ରୀ ରଘୁନାଥ ମହାନ୍ତି,ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର,ଜିଲ୍ଲା ପରିଷଦ ଉପ ସଭାନେତ୍ରୀ ଅନୁସୟା ପ୍ରଧାନ, ଜଳେଶ୍ୱର ବ୍ଲକ ଅଧକ୍ଷ ମାନସ ଜେନା,ଜଳେଶ୍ୱର ମହିଳା ସଭାନେତ୍ରୀ ସୁବିନିତା ଦତ୍ତ,ବସ୍ତା ବ୍ଲକ କାର୍ଯ୍ୟକାରୀ ସଭାପତି ଅନାଦି ଦାସ, ଉପସଭାପତି ପୂର୍ଣ୍ଣଚନ୍ଦ୍ର ଜେନା,ବ୍ଲକ ସମ୍ପାଦକ ସୁନିଲ୍ କୁମାର ସେନାପତି,୧୪ ନଂ ଜିଲ୍ଲା ପରିଷଦ ବିଷ୍ଣୁପ୍ରିୟା ବୁଗୁଡି, ପ୍ରାକ୍ତନ ମହିଳା ସଭାନେତ୍ରୀ ଲିପିକା ରାଉଳ, ଜିଲ୍ଲା ଉପସଭାପତି ପ୍ରଦୀପ ବେହେରା, ଜିଲ୍ଲା ସମ୍ପାଦକ ଯୋଗେନ୍ଦ୍ର ରାଜ, ଜିଲ୍ଲା ନେତ୍ରୀ ଦେବଜାନୀ ମହାନ୍ତି,ନଟାକଟା ସରପଞ୍ଚ ବନ୍ଦନା ସେଠୀ,ସାଧାରଣ ସମ୍ପାଦକ ତପନ କୁମାର ଦାସ ମହାପାତ୍ର,କୁଳିଦା ପଞ୍ଚାୟତ ସଭାପତି ପୂର୍ଣ୍ଣଚନ୍ଦ୍ର ସେନାପତି, ପୁରୁଷୋତ୍ତମପୁର ସଭାପତି ବିଜୟ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ଦଳୀୟ ସଙ୍ଗଠନକୁ ମଜବୁତ କରିବା ଓ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ରେ ଏକତାବଦ୍ଧ ହୋଇ କାର୍ଯ୍ୟ କରିବା ସମ୍ପର୍କରେ ଉପସ୍ଥିତ ସହସ୍ରାଧିକ କର୍ମୀ ଙ୍କୁ ଅବଗତ କରେଇଥିଲେ। କାର୍ଯ୍ୟକ୍ରମ ପରିଚାଳନା ରେ ସମାଜସେବୀ ଜୟକୃଷ୍ଣ ସେନାପତି, ଭେଲୋରା ସଭାପତି ଜଗନ୍ନାଥ ଜେନା, ସନ୍ତୋଷପୁର ସଭାପତି ସନ୍ତୋଷ ଦାସ ମହାପାତ୍ର,ନାବରା ସରପଞ୍ଚ ଡା.ନଗେନ୍ଦ୍ର ସିଂହ,ସିଂଲା ସଭାପତି ଜୟନ୍ତ ମିଶ୍ର,ପୁଟୁରା ସଭାପତି ଜେନା,ପାଉଁଶକୁଲି ସଭାପତି ଧିରେନ୍ଦ୍ର ସାହୁ, ସନ୍ତୋଷପୁର ସରପଞ୍ଚ ସଂଗ୍ରାମ ଦାସ ମହାପାତ୍ର,କରୁଆ ସରପଞ୍ଚ ଜୟନ୍ତ ରଣା, ରଘୁନାଥପୁର ସରପଞ୍ଚ ଅନନ୍ତ ବାରିକ,ତାଡଦାର ପ୍ରାକ୍ତନ ସରପଞ୍ଚ ଦିଲ୍ଲୀପ ଦତ୍ତ ଙ୍କ ସମେତ ୧୪ ପଞ୍ଚାୟତ ର ଶତାଧିକ କର୍ମୀ ସଭା କାର୍ଯ୍ୟ ପରିଚାଳନା ରେ ସହଯୋଗ କରିଥିଲେ। ଶେଷରେ ବ୍ଲକ ଉପାଧକ୍ଷ ଦିଲ୍ଲୀପ କୁମାର ଦାସ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



# ମୟୂର ସାହିତ୍ୟ ସଂସଦର ଗୋପବନ୍ଧୁ ଜୟନ୍ତୀ ପାଳିତ




ବଡ଼ସାହି , ୧୦/୧୦ (ନି.ପ୍ର): ବଡ଼ସାହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବେତନଟୀର ଅଗ୍ରଣୀ ସାହିତ୍ୟାନୁଷ୍ଠାନ 'ମୟୂର ସାହିତ୍ୟ ସଂସଦ' ତରଫରୁ ଉତ୍କଳମଣି ଗୋପବନ୍ଧୁ ଦାଶଙ୍କ ୧୪୯ ତମ ଜୟନ୍ତୀ ତଥା ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବନ୍ଧନ କଲ୍ୟାଣ ମଣ୍ଡପଠାରେ ୯ ଅକ୍ଟୋବର ସନ୍ଧ୍ୟାରେ ସଂସଦର ସଭାପତି ବିପ୍ଳବୀ କବି ଭାସ୍କର ଚନ୍ଦ୍ର ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ ଅନେକ କବି, କବୟିତ୍ରୀ , ସାହିତ୍ୟିକ, ସମାଜସେବୀ ଯୋଗ ଦେଇ ସ୍ୱର୍ଗତ ମହାପୁରୁଷ ଗୋବବନ୍ଧୁଙ୍କ ତ୍ୟାଗପୂତ ଜୀବନ ଓ ଦେଶ ସେବା ସଂପର୍କୀତ ଆଲୋଚନା କରିଥିଲେ । କବୟିତ୍ରୀ ସୀମାଦାସ ଖଟୁଆଙ୍କ ସଂଯୋଜନାରେ ଗୋପବନ୍ଧୁଙ୍କ ସମ୍ବନ୍ଧିତ କବିତା ପାଠରେ ସୌଦାମିନୀ ପଣ୍ଡା , ସହଦେବ ଗିରି, ଡଃ ମନ୍ଦା କିନୀ ସାହୁ, ପର୍ଶୁରାମ ସାହୁ , ମିନତି ସିଂହ , ପ୍ରିୟ ନାଥ ପାଣି, ସୂର୍ଯ୍ୟକାନ୍ତି ପୁହାଣ ପ୍ରମୁଖ କବିଗଣ ଅଂଶ ଗ୍ରହଣ କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ଗୋପବନ୍ଧୁଙ୍କ ଜୀବନ ଦର୍ଶନ ସମ୍ବନ୍ଧରେ ସମ୍ମାନିତ ବକ୍ତା ବାଣୀପୀଠର ଅଧକ୍ଷ ଡ଼ଃ କୁମାର ବାବୁଲି ,କବି ସଂଗମର ଅଧକ୍ଷ ବାସୁଦେବ ନାପିତ, ନିମାଇ ଚରଣ ଓ ବେହେରା, ସଂସଦର ଉପସଭାପତି ଗୌତମ ଚନ୍ଦ୍ର ବେହେରା, ଉଷା ଶତପଥି , ରାମଚନ୍ଦ୍ର ପଣ୍ଡା ଆଦି ଗୋପବନ୍ଧୁଙ୍କ ବାଲ୍ୟଠାରୁ ଶେଷ ଜୀବନ ପର୍ଯ୍ୟନ୍ତ ଆଲୋଚନା କରିଥିଲେ । ଗୋପବନ୍ଧୁଙ୍କ ବନବିଦ୍ୟାଳୟ ଓ ରବୀନ୍ଦ୍ରନାଥ ଠାକୁରଙ୍କ ଶାନ୍ତି ନିକେତନ ପ୍ରତିଷ୍ଠାର ତୁଳନାତ୍ମକ ଚିତ୍ର ଶିକ୍ଷାବିତ୍ ତଥା ମୁଖ୍ୟ ଅତିଥି ଡଃ ରମାକାନ୍ତ ସିଂହ କରିଥିଲେ । ଗୋପବନ୍ଧୁ କିପରି ଉତ୍କଳମଣି ଓ କାଞ୍ଚନ ହେଉଛନ୍ତି ଉତ୍କଳ ଗୌରବ ମଧୁସୂଦନ ଦାସ ଏବଂ ତତ୍ ?କାଳୀନ ଓଡିଶାର ସମସ୍ୟାମାନ ସମାଧାନରେ ମଣିକାଞ୍ଚନ ଯୋଗର ବିବରଣୀ ମୁଖ୍ୟବକ୍ତା ଆଇନଜୀବୀ ସଚ୍ଚିଦାନନ୍ଦ ମହାନ୍ତି ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ ସାମ୍ବାଦିକ କମଳଲୋଚନ କର ଏବଂ କାର୍ଯ୍ୟକ୍ରମର ସଂଚାଳନ କବି ରତିକାନ୍ତ ବେହେରା କରିଥିଲେ । ସଂସଦର ସଂପାଦକ କବି ନୀରୋଦ ସୁନ୍ଦର ଜେନା ପ୍ରାରମ୍ଭରେ ସଭାର ଉଦ୍ଦେଶ୍ୟ ଜ୍ଞାପନ ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida